


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 30 | ଭାଗ ୩୪ | ସଂଖ୍ୟା ୩୦ Bhubaneswar | Tuesday 22 April 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୨୨ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ସୀମା ଟପିଲା ତାତି

## ଝାରସୁଗୁଡ଼ା ବିଶ୍ୱର ତତଲା ସହର



- ତାପମାତ୍ରା ୪୫.୪ ଡିଗ୍ରୀ ସେଲସିୟସ୍
- ସମ୍ବଲପୁରରେ ବି ୪୩ ଡିଗ୍ରୀ ଛୁଇଁଲା
- ୨୪ ଘଣ୍ଟାରେ ୧୯ ଜିଲ୍ଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ବେଶ୍ କିଛିଦିନର କାଳବୈଶାଖୀଜନିତ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ଖରାତାତିକୁ ଲୋକେ ଭୁଲିଯାଇଥିଲେ। କିନ୍ତୁ ଗତକାଲିଠାରୁ ପୁଣିଥରେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଆଜି ଏହି ତାତି ଆଉ ପାଦେ ଆଗକୁ ବଢ଼ିଛି, ଯାହାର ଫଳସ୍ୱରୂପ ରାଜ୍ୟର ଉତ୍ତପ୍ତତମ ସହର ଝାରସୁଗୁଡ଼ାରେ ତାପମାତ୍ରା ୪୫ ଡିଗ୍ରୀକୁ ଅତିକ୍ରମ କରିଛି। ଆଜି ଦିନବେଳା ଏହି ସହରର ସର୍ବାଧିକ ତାପମାତ୍ରା ୪୫.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି, ଯାହାକି ଚଳିତ ଗ୍ରୀଷ୍ମଋତୁରେ ପ୍ରଥମ। ଏପରିକି ସମଗ୍ର ବିଶ୍ୱରେ ଝାରସୁଗୁଡ଼ା ଆଜି ଉତ୍ତପ୍ତତମ ସହର ହୋଇଛି। ମଧ୍ୟାହ୍ନ ୧୨ଟା ସମୟରେ ତାପମାତ୍ରା ୪୫.୪ ଡିଗ୍ରୀରେ ପହଞ୍ଚିବା ପରେ ଏହା ଚାଦ୍ ଦେଶର ଏକ ସହରକୁ ଅତିକ୍ରମ କରି ଶୀର୍ଷରେ ପହଞ୍ଚିଯାଇଥିଲା। ସେସମୟରେ ବିଶ୍ୱର ୧୫ଟି ଉତ୍ତପ୍ତ ସହର ମଧ୍ୟରେ ଝାରସୁଗୁଡ଼ା ସମେତ ଭାରତର ୧୦ଟି ସହର ସାମିଲ୍ ଥିଲା। ଏଥିସହ ରାଜ୍ୟରେ ତାତି ସବୁ ସୀମା ଟପିଯାଇଥିବା ବେଳେ ଭୀଷଣ ଗ୍ରୀଷ୍ମପ୍ରବାହରେ ଝାରସୁଗୁଡ଼ା ତତଲା କଡ଼େଇରେ ସିଝୁଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ଆଜି ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ସମ୍ବଲପୁରର ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ତାପମାତ୍ରା ୪୨.୩ ଡିଗ୍ରୀ, ରାଉରକେଲା ➪ପୃଷ୍ଠା-୬

### ସମ୍ବଲପୁରରେ ସରକାର

## ମୋହନ ଦି ରିଅଲ୍ ହିରୋ

ବିରୋଧୀଙ୍କ ଦେହ ସହୁନି। ପୂରା ସରକାର ଲୋକଙ୍କ ପାଖରେ ପହଞ୍ଚି ଅଭିଯୋଗ ଶୁଣିବା ସମ୍ଭବତଃ ରାଜ୍ୟ ପ୍ରଶାସନିକ ଇତିହାସରେ ବିରଳ। ୨୪ ବର୍ଷ ଧରି ଓଡିଶାକୁ ଶାସନ କରୁଥିବା ବିଜେଡି କି ତା' ପୂର୍ବରୁ କଂଗ୍ରେସ କେବେ ଏଭଳି ଚିନ୍ତା କରିନଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଏହା ସମ୍ଭବ ହୋଇଥିଲା ବେଳେ ରାଜ୍ୟ ସରକାର ନିଜକୁ ପ୍ରକୃତ ପିପୁଲ୍ସ ଗଭର୍ଣ୍ଣମେଣ୍ଟ ବୋଲି ପ୍ରତିପାଦିତ କରିଛନ୍ତି। ବଲିଉଡର ବହୁଚର୍ଚ୍ଚିତ 'ନାୟକ' ସିନେମା ପରି ମୋହନ ବିରୋଧୀଙ୍କ ସବୁ ଅପପ୍ରଚାରର ଜବାବ କାମ ମାଧ୍ୟମରେ ଦେଉଛନ୍ତି।



- ମୁଖ୍ୟମନ୍ତ୍ରୀଙ୍କ ସହ ୧୦ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପଦାଧିକାରୀ ଉପସ୍ଥିତ
- ୯ଟି ପାଳିରେ ୧୦ ହଜାର ଅଭିଯୋଗ ଗ୍ରହଣ କରାଯାଇଛି
- ୮୮ ପ୍ରତିଶତ ଅଭିଯୋଗର ହୋଇସାରିଛି ସମାଧାନ
- ୧୮ ଜଣଙ୍କୁ ସାଢ଼େ ୧୯ ଲକ୍ଷର ସହାୟତା ପ୍ରଦାନ
- ଗଣତନ୍ତ୍ର ପାଇଁ ଶୁଭଙ୍କର କ୍ଷେତ୍ରୀୟ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ସମୟ ଥିଲା ସକାଳ ୮ଟା। ଲୋକାରଣ୍ୟ ହୋଇଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର। କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଲୋକଙ୍କ ସମସ୍ୟା ଓ ଅଭିଯୋଗସବୁ ଶୁଣିବା ପାଇଁ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ତାଙ୍କ ସହ ଥିଲେ ସହଯୋଗୀ ୧୦ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀଗଣ। ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ, ଲୋକଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ କରିବା ଉଦ୍ଦେଶ୍ୟ ଥିଲା। ବାସ୍ତବିକ ଏଇ ହେଉଛି ଲୋକଙ୍କ ସରକାର। ଆଜି ଥିଲା ଅଭିଯୋଗ ଶୁଣାଣିର ୧୦ମ ପାଳି। ଏହା ଥିଲା ପୂର୍ବ ୯ଟି ପାଳିଠାରୁ ଭିନ୍ନ। କାରଣ ସରକାରଙ୍କ ପାଖକୁ ଲୋକ ଆସିନାହାନ୍ତି, ବରଂ ସରକାର ଆସିଛନ୍ତି ଲୋକଙ୍କ ଅଭିଯୋଗ ଶୁଣିବାକୁ। ଗତକାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ସମ୍ବଲପୁରରେ ପହଞ୍ଚି ମା' ସମଲେଶ୍ୱରୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ସମ୍ବଲପୁରରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର। ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମର ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମକୁ ଆହୁରି ଲୋକଙ୍କ ନିକଟତର ହେବାକୁ ପ୍ରେରଣା ଦେଇଛି। ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ➪ପୃଷ୍ଠା-୬

## ରାହୁଲଙ୍କୁ ଧୋଇଦେଲେ ଧର୍ମେନ୍ଦ୍ର

### ବିଦେଶରେ ଭାରତୀୟ ଲୋକତନ୍ତ୍ରକୁ ଅପମାନିତ କଲେ ରାହୁଲ

### ଇସିଆଇଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ





**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ବିଦେଶରେ ରାହୁଲ ଗାନ୍ଧିଙ୍କ ନିର୍ବାଚନ କମିଶନଙ୍କ ସମ୍ପର୍କରେ ବିବାଦୀୟ ବୟାନକୁ ନେଇ ବର୍ଷିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ୍ ମିଡିଆ 'ଏକ୍ସ'ରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରାହୁଲ ଗାନ୍ଧି ପୁଣି ବିଦେଶ ମାଟିରେ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ ରାହୁଲ ଗାନ୍ଧି ଯେତେବେଳେ ବି ବିଦେଶରେ ଥାଆନ୍ତି, ସେତେବେଳେ ଭାରତ ଓ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ନିଜର ଘୃଣାପୂର୍ଣ୍ଣ ଚିନ୍ତାଧାରା ବ୍ୟକ୍ତ କରିବାରୁ ବିରତ ହୁଅନ୍ତି ନାହିଁ। ଦଶନ୍ଧି ଦଶନ୍ଧି ଧରି କ୍ଷମତାରେ ରହିଥିବା ରାଜସାହି ପରିବାରର ଯୁବରାଜ ଭାରତର ଗୌରବଶାଳୀ ଲୋକତନ୍ତ୍ର ପରମ୍ପରାକୁ ବିଶ୍ୱ ସ୍ତରରେ ମିଳୁଥିବା ପରିଚୟ ଫଳରେ ଚିଡ଼ିଯାଉଛନ୍ତି। ଏହି କାରଣରୁ ସେ ଦେଶ ଓ ଦେଶବାସୀଙ୍କୁ ଅପମାନିତ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ। କେବଳ ଦେଶ ନୁହେଁ, ବିଶ୍ୱ ବି ଆମର ମହାନ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ତା'ର ବିଶ୍ୱସନୀୟତାରେ ବିଶ୍ୱାସ ରଖେ। କିନ୍ତୁ ଲଗାତାର ମିଳୁଥିବା ପରାଜୟରେ ରାହୁଲ ଗାନ୍ଧି ବିଚଳିତ ହୋଇପଡିଛନ୍ତି। କିନ୍ତୁ ନିର୍ବାଚନୀ ଜୟ-ପରାଜୟ ମାନକରେ ଭାରତର ଲୋକତାନ୍ତ୍ରିକ ଗାରିମାକୁ ଆଘାତ ନ କରିବାକୁ ରାହୁଲଙ୍କୁ ଅନୁରୋଧ କରିଛନ୍ତି ଧର୍ମେନ୍ଦ୍ର।

ଅନ୍ୟପଟେ ମୋଦି ସରକାରଙ୍କ ତୃତୀୟ ପାଳିକୁ ନେଇ ସୋସିଆଲ ମିଡିଆରେ ବିଜେପି ଏକ ଭିଡିଓ ପୋଷ୍ଟ କରିଛି। ତୃତୀୟ ପାଳିରେ କ'ଣସବୁ ବଡ଼ ଘଟଣା ଘଟିଛି, ତାକୁ ନେଇ ଏକ ଭିଡିଓ ପୋଷ୍ଟ କରାଯାଇଛି। ଏଥିରେ ୱାକଫ୍ ସଂଶୋଧନ ବିଲ୍ ପାରିତ ହୋଇଥିବା କଥା କୁହାଯାଇଛି। ଖୁବଶୀଘ୍ର ୟୁନିଫର୍ମ ସିଭିଲ କୋଡ୍ ପାରିତ ହେବାକୁ ଯାଉଛି। ନ୍ୟାସନାଲ ହେରାଲଡ୍ ମାମଲାରେ ➪ପୃଷ୍ଠା-୬

## ଫେରିଲାନି ଆଶୀର୍ବାଦ, ଫେରିଲା ଶବ



- ପାଇଖାନା ଟାଙ୍କିରୁ ମୃତଦେହ ଉଦ୍ଧାର
- ଦାଦା ହତ୍ୟାକାରୀ ସନ୍ଦେହ, ପୁଲିସ୍‌ର ପଚରାଉଚରା
- ଅଭିଯୁକ୍ତ ଘର ଭାଙ୍ଗିଦେଲେ ଉତ୍ୟକ୍ତ ଲୋକେ
- ହତ୍ୟା ରହସ୍ୟ ଖୋଜୁଛି ପୁଲିସ୍

**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ୭ ଦିନ ତଳେ ନିଖୋଜ ହୋଇଯାଇଥିଲା ୧୧ ବର୍ଷର ପୁଅ ଆଶୀର୍ବାଦ। ପୁଅକୁ ଝୁରି ଝୁରି ବାପା-ମା' ଅନ୍ନଜଳ ତ୍ୟାଗ କରିଦେଇଥିଲେ। ଆଶା ଥିଲା, ପୁଅ ଫେରିବ ଆଉ ସେମାନେ ପୁଣି ଥରେ ବାପା-ମା' ଡାକ ଶୁଣିବେ। କିନ୍ତୁ ସେମାନଙ୍କ ଅପେକ୍ଷାର ଅନ୍ତ ଘଟିଲା, କିନ୍ତୁ ବାପା-ମା' ଡାକ ଶୁଣିବା ସାତସପନ ହୋଇଗଲା। କାରଣ ଆଜି ଆଶୀର୍ବାଦର ମୃତଦେହ ଉଦ୍ଧାର କରାଯାଇଛି। ଦଇବ ନିଷ୍ଠୁର ହେଲା, ଆଉ ବାପା-ମା'ଙ୍କଠାରୁ ନାବାଳକ ପୁଅକୁ ଛଡ଼ାଇନେଲା। ଖାଲି ହୋଇଗଲା ମା' କୋଳ। ୭ ଦିନ ପରେ ନିଖୋଜ ଆଶୀର୍ବାଦର ମୃତଦେହ ଏକ ପାଇଖାନା ଟାଙ୍କି ଭିତରୁ ମିଳିବା ପରେ ବାପା-ମା'ଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଯାଇଛି। କାନ୍ଦି କାନ୍ଦି ତଳେ ଲୋଟିଯାଇଛନ୍ତି ବାପା-ମା'। ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍‌ରୁ ଗତ ୧୩ ତାରିଖରେ ନିଖୋଜ ହୋଇଯାଇଥିବା ମାନସ ସାହୁଙ୍କ ପୁଅ ଆଶୀର୍ବାଦକୁ ତା'ର ଦାଦା ପ୍ରଭାକର ସାହୁ ହତ୍ୟା କରି ପାଇଖାନା ଟାଙ୍କିରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୁଲିସ୍ ତାକୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ ଯେ ଗତ ୧୩ ତାରିଖ ସଂଧ୍ୟାରେ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ହଠାତ୍ ଆଶୀର୍ବାଦ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାକୁ ପାଇନଥିଲେ। ତେଣୁ ୧୪ ତାରିଖରେ ସେମାନେ ଡେଲାଙ୍ଗ ଥାନାରେ ଏତଲା ଦେଇଥିଲେ। ପୁଲିସ୍ ମାମଲା ରୁଜୁ କରିବା ସହ ଆଶୀର୍ବାଦକୁ ଖୋଜାଖୋଜି ଆରମ୍ଭ କରିଦେଇଥିଲା। ଏପରିକି ମାନସ ଓ ତାଙ୍କ ପତ୍ନୀ ପୁଅକୁ ଖୋଜି ଆଣିଦେବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ➪ପୃଷ୍ଠା-୬

## ଏନକାଉଣ୍ଟରକୁ କାଉଣ୍ଟର୍

### କୋଲକତାରୁ ଉଠାଇ ରାଜଧାନୀରେ ଗୁଳି

### ସତ୍ୟ ହୋଇଥିଲେ ସାଂଘାତିକ



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅଞ୍ଚଳରେ ନିଶା ବେପାରୀ ଶେଖ ଜାମସେଦକୁ ପୁଲିସ୍ ଏନକାଉଣ୍ଟର କରି ନିଜର ପାରିବାପଣିଆ ଦେଖାଇଥିବା ବେଳେ ଏବେ ଖୋଦ ଜାମସେଦ ଏହି ଏନକାଉଣ୍ଟର୍ ସମ୍ପୂର୍ଣ୍ଣ ମିଛ ବୋଲି ପୁଲିସ୍ କମିଶନରଙ୍କୁ ଚିଠି ଲେଖି କାଉଣ୍ଟର କରିଛି। ଏହି ଚିଠିରେ କମିଶନରେଟ ପୁଲିସ୍ କିଭଳି ତାକୁ ପଶ୍ଚିମବଙ୍ଗର ସାନ୍ତ୍ରାଗାଛି ରେଳଷ୍ଟେସନରୁ ଉଠାଇଆଣିଥିଲା ଓ ସେଠାରୁ ଭୁବନେଶ୍ୱର ଆଣି ଗୁଳି କରିଥିଲା, ତାହାର ଟିକିନିଖି ବିବରଣୀ ପ୍ରଦାନ କରିଛି ଜାମସେଦ। ଯଦି ଏହି ଘଟଣାରେ କୌଣସି ସତ୍ୟତା ଥାଏ, ତେବେ ତାହା ଅତ୍ୟନ୍ତ ସାଂଘାତିକ ବୋଲି ମାନବ ଅଧିକାର କର୍ମୀମାନେ କହୁଛନ୍ତି। ପୁଲିସ୍ କମିଶନରଙ୍କୁ ଜାମସେଦ ଲେଖିଥିବା ଚିଠିରେ ଉଲ୍ଲେଖ କରିଛି ଯେ ଏପ୍ରିଲ୍ ୯ ତାରିଖରେ ସେ ତା'ର ଭିଣୋଇ ଘର କୋଲକତାର ସାନ୍ତ୍ରାଗାଛିକୁ ଯାଇଥିଲା। ସେଠାରେ ଆୟୋଜିତ ଭୋଜିଭାତରେ ଯୋଗଦେଇ ୧୦ ତାରିଖ ଦିନ ଭୁବନେଶ୍ୱର ଫେରିବାକୁ ସାନ୍ତ୍ରାଗାଛି ଷ୍ଟେସନରେ ପହଞ୍ଚିଥିଲା। ସେଦିନ ଅପରାହ୍ନ ➪ପୃଷ୍ଠା-୬ ୨ଟା ୫୫ ମିନିଟ୍‌ରେ ସେ ଟ୍ରେନ ନମ୍ବର ୨୨୮୫୧ରେ ସାନ୍ତ୍ରାଗାଛି ଷ୍ଟେସନ ଛାଡିବାର ଥିଲା। କିନ୍ତୁ ଷ୍ଟେସନ ଛାଡିବା ପୂର୍ବରୁ ସେଠାରୁ ସେ ତା'ର ପତ୍ନୀ ନିଖତ ବେଗମକୁ ପ୍ରଥମେ ଭଏସ କଲ୍ ଓ ପରେ ଭିଡିଓ କଲ୍ କରିଥିଲା। ଏଥିପାଇଁ ସେ ତା'ର ଫୋନ୍ ନମ୍ବର ➪ପୃଷ୍ଠା-୬

## ରାଜଧାନୀରେ ପୁଣି ଝାଡ଼ାବାନ୍ତି ଆତଙ୍କ

**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ପୁଣି ଝାଡ଼ାବାନ୍ତି ଆତଙ୍କ । ନୀଳାଦ୍ରି ବିହାର ପରେ ଏଥର ଏକ ଘରୋଇ କଲେଜର ୬ଜଣ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେମାନେ ଏକ ଉଠାଦୋକାନରୁ ଦହିବରା ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ପରେ ସାରା ରାଜଧାନୀରେ ଆତଙ୍କ ସୃଷ୍ଟି ହୋଇଛି।

**ଘରୋଇ କଲେଜରେ ୬ ଛାତ୍ରୀ ଅସୁସ୍ଥ**

ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମିଳିଥିବା ସୂଚନାନୁସାରେ, ଯୁକ୍ତ ଦୁଇ ଗାନ୍ଧୀ ବିଦ୍ୟାପୀଠ କଲେଜର ଛାତ୍ରୀମାନେ ନନ୍ଦନକାନନ ପାଖ ଏକ ଉଠାଦୋକାନରୁ ଦହିବରା ଖାଇଥିଲେ। ଚିକିତ୍ସା ପରେ ଉକ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। କଲେଜ ପରିସରରେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର ଟିମ ଡେରା ପକାଇଛି। ଘରୋଇ କଲେଜ ହଷ୍ଟେଲରେ ଝାଡ଼ାବାନ୍ତି ବ୍ୟାପିବା ଖବର ଆସିବା ପରେ ତତ୍ପରତା ➪ପୃଷ୍ଠା-୬

## ଝାରସୁଗୁଡ଼ାରୁ ଧରାହେଲେ ପଶ୍ଚିମବଙ୍ଗ ଦଙ୍ଗାକାରୀ

### ଓଡ଼ିଶା ପୁଲିସ ସହାୟତାରେ କାବୁକଲା ଏସ୍‌ଟିଏଫ୍



**ଝାରସୁଗୁଡ଼ା,୨୧।୪(ସଂଚାର ବ୍ୟୁରୋ):** ମୁର୍ଶିଦାବାଦ ଭିଡ଼ ହିଂସା (ମବ୍ ଲିଞ୍ଚିଂ) ଘଟଣାରେ ଝାରାସୁଗୁଡ଼ାରୁ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କଲା ପଶ୍ଚିମବଙ୍ଗ ଏସଟିଏଏଫ୍। ଗିରିଫ ୮ ଜଣଙ୍କ ମଧ୍ୟରେ ମୁର୍ଶିଦାବାଦରେ ବାପା ହରଗୋବିନ୍ଦ ଦାସ ଓ ପୁଅ ଚନ୍ଦନ ଦାସଙ୍କ ହତ୍ୟା ମାମଲାରେ ୨ ଜଣ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏହି ସୂଚନା ଦେଇଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ। ବନହରପାଲି ଥାନା ବନ୍ଧବାହାଲ ଅଞ୍ଚଳରୁ ମୁର୍ଶିଦାବାଦ ମବ୍ ଲିଚିଂ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଜିଆଉଲ୍ ଶେଖଙ୍କ ଦୁଇ ପୁଅ ବାନି ଇସ୍ରାଇଲ ଓ ସୈଫୁଲ୍ ହକଙ୍କୁ ଗିରଫ କରିଛି ପୁଲିସ। ଭିଡ ହିଂସାର ଅନ୍ୟ ୬ ଅଭିଯୁକ୍ତ ମଧ୍ୟ ଗିରଫ ହୋଇଛନ୍ତି। ମୁର୍ଶିଦାବାଦର ଅଭିଯୁକ୍ତ ଆତ୍ମଗୋପନ କରିଥିବା ସୂଚନା ପାଇବା ପରେ ପୁଲିସ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଛି। ଚଢ଼ାଉ ସମୟରେ ପୁଲିସ ୪ ରାଉଣ୍ଡ ➪ପୃଷ୍ଠା-୬



### କାନ ଡେରିଥା

ଖଣ୍ଡା କାତି ମାଡ଼ କମନ ହେଲାଣି
ଯିଏ ଯେ ଯାହାକୁ ହାଣୁଛି
ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖିଲେ
ନଥିଲା ଭଳି ଲାଗୁଛି
କହିଲେ କହିବ କହୁଛି...
କୁକୁଡ଼ା ଭଳିଆ ରକ୍ତ ଦେଖିଦେଖି
ମଣିଷ ରକ୍ତକୁ ପିଉଛି।

■ ଦେବାଶିଷ

## ସେବେ ଗନ୍ଧଉଥିଲେ,ଏବେ ବାସୁଛନ୍ତି

### ଚର୍ଚ୍ଚାରେ ବିଜେଡିର ଡବଲ ଷ୍ଟାଣ୍ଡାର୍ଡ





**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ନିର୍ବାଚନରେ ପରାଜୟ ପାଇଁ ବିଜେଡିକୁ ଯେଉଁ କେତେଜଣ ସାମ୍ବାଦିକ ସମାଲୋଚନା କରୁଥିଲେ ସେମାନଙ୍କ ମଧ୍ୟରେ ଆଗରେ ଥିଲେ ଜାତୀୟ ସ୍ତରର ପ୍ରତିଷ୍ଠିତ ସାମ୍ବାଦିକ ରୁବେନ୍ ବାନାର୍ଜୀ। ଏକାଧିକ ଏପିସୋଡ୍ ଜରିଆରେ ବିଜେଡି ଓ ନବୀନଙ୍କ ଅପରାଗତାର ଗୁମର ଖୋଲିଥିଲେ ସେ। ରୁବେନଙ୍କୁ ନେଇ ସେତେବେଳେ ବିଜେଡି ନିଆଁବାଣ ହେବା ସହିତ ତାଙ୍କ ପଛରେ ନିଜର ସୋସିଆଲ ମିଡିଆ ଟିମ୍‌କୁ ଲଗାଇ ଦେଇଥିଲା। ସେତେବେଳେ ବିଜେଡିକୁ ଗନ୍ଧଉଥିବା ରୁବେନ୍ କିନ୍ତୁ ଏବେ ବିଜେପି ସରକାରକୁ ସମାଲୋଚନା କରିବା ମାତ୍ରେ ବାସିବା ଆରମ୍ଭ କରିଛନ୍ତି। ଯେଉଁ ଛଦ୍ମବେଶୀମାନେ ସେତେବେଳେ ରୁବେନଙ୍କ ଚଉଦ ପୁରୁଷ ଉଦ୍ଧାର କରୁଥିଲେ, ସେମାନେ ଏବେ ତାଙ୍କ ଭିଡିଓକୁ ଶେୟାର କରିବାରେ ଲାଗିଛନ୍ତି।

୨୦୨୪ ନିର୍ବାଚନ ହାରିବା ପରେ ବିଜେଡି ରକ୍ତମୁଖା ହୋଇଥିଲା। ଦଳ ହାରିବା ନେଇ ଯିଏ କାରଣ ବାହାର କରୁଥିଲା, ଦଳର ବଡ଼ପଣ୍ଡାମାନେ ତାଙ୍କୁ ଆକ୍ରମଣ କରିବାକୁ ପଛାଉନଥିଲେ। ଯାହାକୁ ସିଧାସଳଖ ଆକ୍ରମଣ କରିପାରୁନଥିଲେ, ତା' ପଛରେ ନିଜର ଛଦ୍ମବେଶୀ ସୋସିଆଲ ମିଡିଆ ଟିମ୍‌କୁ ଲଗାଇ ଦେଉଥିଲେ। ତେବେ ବିଜେଡି ହାରିବାର କାରଣ ଯେଉଁ କେତେଜଣ ଖୋଜୁଥିଲେ, ସେମାନଙ୍କ ଭିତରେ ଥିଲେ ଜାତୀୟ ସ୍ତରର ପ୍ରତିଷ୍ଠିତ ସାମ୍ବାଦିକ ରୁବେନ ବାନାର୍ଜୀ ଅନ୍ୟତମ। ଯେହେତୁ ରୁବେନ୍ ଦୀର୍ଘ ବର୍ଷ ଓଡ଼ିଶାରେ ରହି ଜାତୀୟ ଗଣମାଧ୍ୟମ ପାଇଁ ସାମ୍ବାଦିକତା କରିଥିଲେ, ତେଣୁ ଓଡ଼ିଶାର ରାଜନୀତି ଉପରେ ତାଙ୍କର ବେଶ୍ ଦଖଲ ଥିଲା। ସେଥିପାଇଁ ବିଜେଡି କାହିଁକି ନିର୍ବାଚନରେ ହାରିଲା, ହାରିବା ପାଇଁ କେଉଁମାନେ ଦାୟୀ ଓ କାରଣ ସବୁ କ'ଣ, ତାହା ସେ ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ। ସେତେବେଳେ ବିଜେଡିର କିନ୍ତୁ ତାହା ହଜମ ହୋଇନଥିଲା। ନବୀନଙ୍କ ବିରୁଦ୍ଧରେ ରୁବେନ ଦେଇଥିବା ମନ୍ତବ୍ୟର ମୁକାବିଲା ପାଇଁ ଦଳର ବରିଷ୍ଠ ନେତା ଅରୁଣ ସାହୁ ମଇଦାନକୁ ଓହ୍ଲାଇଥିଲେ। ସିଧା ସିଧା କହିଥିଲେ ରୁବେନ ରାଜନୀତି କରୁଛନ୍ତି। ସାମ୍ବାଦିକତାର ମୌଳିକତା ଭୁଲିଯାଇଛନ୍ତି। ବର୍ଷ ବର୍ଷ ଧରି ନବୀନଙ୍କୁ ଭେଟିନଥିବା ଲୋକ ତାଙ୍କ ସଂକ୍ରାନ୍ତରେ ବହି ଲେଖିଛନ୍ତି। ଏଥିରେ ଫିକ୍ସିଂ ରହିଛି। ପାନ ଦୋକାନ ଓ ରାସ୍ତାଘାଟରୁ ଶୁଣି ଲେଖିଛନ୍ତି। କାଳେ ରୁବେନ ଓଡ଼ିଆ ବୁଝି ନପାରିବେ, ସେଥିପାଇଁ ଅରୁଣ ଗଣମାଧ୍ୟମକୁ ସରଳ ଇଂରାଜୀରେ ତାଙ୍କ ବିରୁଦ୍ଧରେ ବାଇଟ୍ ଦେଇଥିଲେ।

ଅରୁଣଙ୍କ ସହିତ ଆଉ କିଛି ➪ପୃଷ୍ଠା-୬

## ପୁଣି ମଙ୍ଗ ଧରିବେ ମନମୋହନ!



**ଭୁବନେଶ୍ୱର, ୨୧।୪ (ସଂଚାର ବ୍ୟୁରୋ) :** ପୁଣି ଥରେ ମନମୋହନ ସାମଲ ରାଜ୍ୟ ବିଜେପିର ମଙ୍ଗ ଧରିବେ। ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱ ଆପାତତଃ ତାଙ୍କ ନାମ ଚୂଡ଼ାନ୍ତ କରିସାରିଥିବା ବେଳେ ଅପେକ୍ଷା କେବଳ ଔପଚାରିକ ଘୋଷଣାକୁ। ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ସରକାରକୁ ଆସିବା ପଛରେ ଯେଉଁ ହାତଗଣତି ନେତାଙ୍କ ରଣନୀତି କାମ ଦେଇଥିଲା, ସେମାନଙ୍କ ମଧ୍ୟରେ ମନମୋହନ ଅନ୍ୟତମ। ଯେଉଁଥିପାଇଁ ତାଙ୍କ ଉପରେ ପୁଣି ଥରେ କେନ୍ଦ୍ରୀୟ ନେତୃତ୍ୱ ଭରସା ରଖିଛି। କାରଣ ଆଗକୁ ରହିଛି ପଞ୍ଚାୟତ ନିର୍ବାଚନ। ସାଧାରଣ ନିର୍ବାଚନ ଭଳି ପଞ୍ଚାୟତରେ ମଧ୍ୟ ଯଦି ବିଜେପି ସଙ୍ଗଠିତ ଭାବେ ଲୋକଙ୍କ ପାଖକୁ ନଯିବ, ତା'ହେଲେ ସ୍ଥିତି ବଦଳିଯିବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ବିଜେପିରେ ମନମୋହନ ଦକ୍ଷତା ଓ ସଫଳତାର ସହ ଏହି କାର୍ଯ୍ୟ କରିପାରିବେ ବୋଲି ରାଜ୍ୟ ଓ କେନ୍ଦ୍ର ନେତାଙ୍କ ବିଶ୍ୱାସ ରହିଛି। ମନମୋହନ ଏହା ପୂର୍ବରୁ ରାଜ୍ୟ ବିଜେପିର ସଭାପତି ଭାବେ ଦୁଇ ଥର ଦାୟିତ୍ୱ ସମ୍ଭାଳିଥିଲେ।

## କେନାଲ ବନ୍ଧ ଜବରଦଖଲ, ଉଚ୍ଛେଦ ଦାବି



**ନିଶ୍ଚିନ୍ତକୋଇଲି,୨୧।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାରସ୍ଥ ୮ନଂ କେନାଲ ବନ୍ଧ ରାସ୍ତା ଦୀର୍ଘ ଦିନ ହେବ ଜବର ଦଖଲରେ ରହିଛି। ଜବର ଦଖଲ ଉଛେଦ ଓ ଉକ୍ତ କେନାଲ ବନ୍ଧ ରାସ୍ତାକୁ ସର୍ବସାଧାରଣ ଯାତାୟାତ ଉପଯୋଗୀ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି। ଅଭିଯୋଗରୁ ପ୍ରକାଶ ୮ନଂ କେନାଲରୁ ବାହାରିଥିବା ୮ (ଇ) ଶାଖା କେନାଲ ନିଶ୍ଚିନ୍ତକୋଇଲି ବଜ଼ାର ଦେଇ ନତକାଇ ଗ୍ରାମପଞ୍ଚାୟତ ପୁରାତନ ଶୈବପିଠ ଶକ୍ତିଶ୍ୱର ରାସ୍ତା ଅତିକ୍ରମ କରି ଖସାଅଂଟା (ନତକାଇ) ଛକକୁ ସଂଲଗ୍ନ ହୋଇଅଛି। ଉକ୍ତ ୮ (ଇ) ଶାଖା କେନାଲର ପୁନଃରୁଦ୍ଧାର କାର୍ଯ୍ୟ ବର୍ତ୍ତମାନ ଚାଲିଛି। ମାତ୍ର କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ପୂରଣ କରିବାକୁ ଯାଇ ଉପରୋକ୍ତ କେନାଲ ବନ୍ଧକୁ ଅଜାୟୀ ଜବରଦଖଲ ଭାବେ ଅବରୋଧ କରିବା ସହ କେନାଲ ବନ୍ଧ ଉପରେ କେଭିନ ପକାଇ ଚାଳ ଘର କରି ଅବରୋଧ କରିଛନ୍ତି। ଫଳରେ ଉକ୍ତ କେନାଲ ବନ୍ଧ ରାସ୍ତାରେ ଯାତାୟତରେ ଘୋର ପ୍ରତିବନ୍ଧକ ସୃଷ୍ଟି ହେଉଛି। ତେଣୁ ଏହାକୁ ବିରୋଧ କରି ଜବର ଦଖଲକାରୀଙ୍କୁ ଉଛେଦ ପାଇଁ ସୋମବାର ପୂର୍ବାହ୍ନରେ ଓଥକା, ନିଶ୍ଚିନ୍ତକୋଇଲି, ଏକରୁଖୀ ଓ ନତକାଇ ଗ୍ରାମର ବହୁ ଗ୍ରାମବାସୀ ଆଜି ଜଳ ସମ୍ପଦ ବିଭାଗ କେନ୍ଦୁପାଟଣା କାର୍ଯ୍ୟାଳୟ ଓ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ଯାଇ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜବରଦଖଲ ଉଛେଦ ନହେଲେ ଗ୍ରାମବାସୀମାନେ ତହସିଲ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଶ୍ମଶାନଠାରୁ ଅଧ କିମି ଦୂରରେ ଶ୍ମଶାନ ପୋଖରୀ
## ଶ୍ରମିକ ପରିବର୍ତ୍ତେ ମେସିନ କରୁଛି ମନରେଗା କାମ



**ରାଜନଗର,୨୧।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତର ନୂଆଗାଁ ରେ ମନରେଗା ଯୋଜନାରେ ଶ୍ରମିକଙ୍କ ପରିବର୍ତ୍ତେ ମେସିନ କାମ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଶ୍ମଶାନ ଠାରୁ ୫୦୦ ମିଟର ଦୂରରେ ଶ୍ମଶାନ ପୋଖରୀ ଖୋଳାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାନରେଗା ଯୋଜନାରେ କଣ୍ଡିରା ପଞ୍ଚାଯତର ନୂଆଗାଁରେ ୫ ଲକ୍ଷ ଟଙ୍କା ବେୟରେ ଶ୍ମଶାନ ପୋଖରୀ ଖୋଳା ହେବା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ଶ୍ମଶାନ ରେ ପୋଖରୀ ଖୋଳା ନଯାଇ ୫୦୦ ମିଟର ଦୂରରେ ଗୋଚର ଜମିରେ ପୋଖରୀ ଖୋଳା ଯାଉଛି। ଯାହାକି ଲୋକଙ୍କ କାମରେ ଲାଗିବ ନାହିଁ। ଏପରିକି ଶ୍ରମିକ କାମ ନପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଶ୍ରମିକଙ୍କୁ କାମ ନଦେଇ ମେସିନ ମାଧମରେ ପୋଖରୀ ଖୋଳା ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଚର ଜମିରେ ମନରେଗା ଯୋଜନାରେ ଓଡି – ୭୪୯୮ ନମ୍ବର ବିଶିଷ୍ଟ ଜେସିବି ମେସିନରେ ପୋଖରୀ ଖୋଳି ଟ୍ରାକ୍ଟର ଯୋଗେ ମାଟି ମଫିଆ ମାନେ ବୋହିନେଉଥିବା ନେଇ ଗ୍ରାମର ମଧୁସୂଦନ ଦାସ, କବିରାଜ ପ୍ରଧାନ, କପିଳାସ ପ୍ରଧାନ, ଅଙ୍କୁର ଚରଣ ଜେନା ପ୍ରମୁଖ ଭିତରଗଡ଼ ରାଜସ୍ୱ ନିରିକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ ବି କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଉନଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଟ ଯନ୍ତ୍ରୀ ପ୍ରଭାତ କୁମାର ମାଝିଙ୍କୁ ପଚାରିବାରୁ ଯଦି ମେସିନ ମାଧମରେ କାମ ହେଉଥିବ ତେବେ ପେମେଣ୍ଟ କରାଯିବ ନାହିଁ ବୋଲି କହିଛନ୍ତି।

## ମାନସିକ ଅନଗ୍ରସର ଓ ବିକଳାଙ୍ଗ ଉପରେ ଆଇନ ସଚେତନତା ଶିବିର

**କେନ୍ଦ୍ରାପଡ଼ା,୨୧।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟ ରେ ମାନସିକ ଅନଗ୍ରସର ଓ ମାନସିକ ବିକଳାଙ୍ଗ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛ । ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ନିମାଇଁ ଚରଣ ମାନସିକ ବିକଳାଙ୍ଗ ସ୍କୁଲର ଛାତ୍ରଛାତ୍ରୀ ଓ



ଅନ୍ତେବାସୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆହ୍ୱାନ ଦେବା ସହ ଛାତ୍ରଛାତ୍ରୀ ମାନେ ମଧ ଆଗାମୀ କାଲିର ଭବିଷ୍ୟତ ବୋଲି ପ୍ରକାଶ କରିଥିଲେ । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସାଇକ୍ଲୋଜିଷ୍ଟ (ମାନସିକ) ବିଭାଗର ଡାକ୍ତର ଶ୍ରଦ୍ଧାଞ୍ଜଳୀ ମହାନ୍ତି, ବିଏସଏସଓ ସୁଧାଂଶୁ ଶେଖର ବେହୁରା ଓ ବିଦ୍ୟାଳୟର ଅଧକ୍ଷ ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ବହୁମୂଲ୍ୟ ଉପଦେଶ ଦେଇଥିଲେ ।

### ପ୍ରତିଶ୍ରୁତି ରଖିଲେ ଉପଜିଲ୍ଲାପାଳ, ପରିଦର୍ଶନ କଲେ ଅବହେଳିତ ଅଙ୍ଗନବାଡ଼ି କେନ୍ଦ୍ର
# ସମସ୍ୟାର ସମାଧାନ ପାଇଁ ନେଲେ ପଦକ୍ଷେପ



ସଂଚାର ପ୍ରଭାବ

**ଡେରାବିଶ,୨୧।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ବସୁପୂର ପଞ୍ଚାୟତ ଅଧିନସ୍ଥ ରାଜସ୍ୱ ଗ୍ରାମ ଭଣ୍ଡିଲୋରେ ୮ବର୍ଷ ହେଲା ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସରୁନଥିବାରୁ ବଡ଼ ଦୟନୀୟ ଅବସ୍ଥାରେ ଶିଶୁମାନେ ଏକ ବନ୍ଦ ଥିବା ବିଦ୍ୟାଳୟ ବାରଣ୍ଡାରେ ବର୍ଷା ଖରା ସହି ପାଠ ପଢୁଥିଲେ। ଏହି ଖବର ଆମେ ବାରମ୍ବାର ଆମ ଖବର କାଗଜରେ ପ୍ରକାଶିତ କରିଥିଲୁ । ପରେ ବିଡ଼ିଓ ନମିତା ବାରିକଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ହରପ୍ରିୟା ଦେବୀ ଅପ୍ରେଲ ୧୮ ତାରିଖରେ ଭାଣ୍ଡିଲୋ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ ଏବଂ ସେଠାରେ ସେ ବନ୍ଦ ଥିବା ସରକାରୀ ବିଦ୍ୟାଳୟକୁ କିଛି ଗ୍ରାମବାସୀଙ୍କ ଦ୍ୱାରା ଜବରଦଖଲ କରିଥିବା ଦେଖିବାକୁ ପାଇଥିଲେ ଏବଂ ସରପଞ୍ଚଙ୍କୁ ଡକାଇ ଦୁଇଦିନ ମଧ୍ୟରେ ଜବରଦଖଲ ଉଛେଦ କରାଇ ଅସ୍ଥାୟୀ କେନ୍ଦ୍ର ଭାବରେ ହସ୍ତାନ୍ତର କରିବା ପାଇଁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ପଞ୍ଚାୟତ ପାଣ୍ଠି ବିନିଯୋଗ କରି ଅଙ୍ଗନବାଡ଼ି କେନ୍ଦ୍ରର ବାକିଥିବା ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ମଧ ପ୍ରସ୍ତାବ ଦେଇଥିଲେ।

ଏ ବିଷୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଧ ଅବଗତ ଥିଲେ ଏବଂ ଅଙ୍ଗନବାଡ଼ି ଶିଶୁ ମାନଙ୍କ ସମସ୍ୟା ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସୋମବାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା, ବିଡ଼ିଓ ନମିତା ବାରିକ, ସିଡିପିଓ ହରପ୍ରିୟା ଦେବୀଙ୍କ ସମେତ ରାଜସ୍ୱ ନିରୀକ୍ଷକ ସଦଳବଳେ ଭାଣ୍ଡିଲୋ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ ଏବଂ ସମସ୍ୟା ବୁଝିବା ସହିତ ତୁରନ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରାଇ ବନ୍ଦ ଥିବା ବିଦ୍ୟାଳୟର ଏକ ଗୃହକୁ ଅସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ଭାବରେ ଘୋଷଣା କରିଥିଲେ। ଜବରଦଖଲ ଉଚ୍ଛେଦ ସମୟରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ବନ୍ଦ ପଡ଼ିଥିବା ସରକାରୀ ଗୃହର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇ କୌଣସି ସରକାରୀ କାର୍ଯ୍ୟାଳୟ କରିବାକୁ ଲକ୍ଷ୍ୟ ରଖିଥିବା ବିଡ଼ିଓ ନମିତା ବାରିକ କହିଥିଲେ।

ଅଙ୍ଗନବାଡ଼ି ଶିଶୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଖ ପାଖରେ ଥିବା ବୃହତ୍ ଖାଲ ଗୁଡ଼ିକୁ ତୁରନ୍ତ ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ମଧ ଦେଇଥିଲେ। ସମସ୍ତ ପ୍ରଶାସନ ଅଧିକାରୀ ଗ୍ରାମକୁ ଆସିବା ସମୟରେ ଗ୍ରାମର ରାସ୍ତା ବିପର୍ଯ୍ୟସ୍ତ ଥିବା ଏବଂ ଜବରଦଖଲକାରୀମାନେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ପାଇଥିଲେ ଯାହା ଗ୍ରାମରେ ଏକ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଗାଡ଼ି ଆସିବା ପାଇଁ ମଧ ପ୍ରଯୁଜ୍ୟ ନାହିଁ ବୋଲି ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା କହିଥିଲେ। ଯଥାଶୀଘ୍ର ବିଡ଼ିଓ ପଞ୍ଚାୟତ ପ୍ରକଳ୍ପ ଯୋଗାଇ ଦେଇ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ସମୟରେ ରାସ୍ତାରୁ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରାଙ୍କ ସମେତ ରାଜସ୍ୱ ନିରୀକ୍ଷକ ମତ ଦେଇଥିଲେ ।



### ପାଣି ଅଭାବରେ ତାତିଲେ ମହିଳା
## ଗରା, ବାଲଟି ଧରି ରାସ୍ତାରେ ବସିଲେ

**ମହାକାଳପଡ଼ା,୨୧।୪ (ସଂଚାର ବ୍ୟୁରୋ):** ପାନୀୟ ଜଳ ଯୋଗାଣ ଏକ ମାସ ଧରି ବନ୍ଦ୍ ରହିଛି। ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଏନେଇ କୋଡ଼ିଏରୁ ଉର୍ଦ୍ଧ୍ୱ ମହିଳା ପାନୀୟ ଜଳ ଯୋଗାଣ ବନ୍ଦ୍ ପ୍ରତିବାଦରେ ଆଇତପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଗରା ବାଲଟି ଧରି ନାରାବାଜି କରି ରାସ୍ତାରୋକ କରିବାରୁ କିଛି ସମୟ ପର୍ଯ୍ୟନ୍ତ ଗାଡ଼ି ଓ ପଥଚାରୀ ଅଟକି ରହିଥିଲେ। ମହାକାଳପଡ଼ା ବ୍ଲକ ବଡ଼ କୂଳ ପଞ୍ଚାୟତ ଆଇତିପୁର ଗ୍ରାମରେ ଥିବା ପାନୀୟ ଜଳ ଟାଙ୍କି କୁ ପାଣି ଆସୁନଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ପାଣି ପାଇଁ ଏବେ ସବୁଠି ହାହାକାର। ପାଣି ନଆସିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଗୋଟିଏ ନଳକୂପ ଉପରେ ଭରଷା କରି ଅଣନିଃଶ୍ୱାସୀ ହୋଇପଡୁଛୁ। ଦିନକୁ ଦିନ ଖରା ଗରମ ବଢୁଛି। ଏହି ସମୟରେ ପାଣି ଯୋଗାଣ କାହିଁକି ବନ୍ଦ ରହିଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସରକାରୀ ଅଧିକାରୀ ଓ ଜନପ୍ରତିନିଧି ତୁରନ୍ତ ପାନୀୟ ଜଳ ଯୋଗାଇ ନଦେଲେ ଜାତୀୟ ରାଜପଥ ଅବରୋଧ କରିବାକୁ ମହିଳାମାନେ ଚେତାବନୀ ଦେଇଛନ୍ତି।

### ଚୋରା ମଦ କାରବାରକୁ ବିରୋଧ
## ତହସିଲ ସମ୍ମୁଖରେ ମହିଳାଙ୍କ ଧାରଣା



**ରାଜନଗର,୨୧।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଣ୍ଟି ଗାଁରେ ବେଧଡକ ଭାବେ ଚୋରା ମଦ ବିକ୍ରି କରାଯାଉଛି। ଦୀର୍ଘ ବର୍ଷ ହେଲା ବେଧଡକ ଭାବେ ଚୋରା ମଦ ଖୁଲୁମଖୁଲା ବିକ୍ରି କରାଯାଉଥିଲେ ମଧ ପୋଲିସ ଓ ଅବକାରୀ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି। ଗ୍ରାମବାସୀ ଓ ମହିଳାମାନେ ବାରମ୍ବାର ଏ ନେଇ ଅଭିଯୋଗ କରିବା ପରେ ଅବକାରୀ ବିଭାଗ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ମଦ ମଫିଆଙ୍କ ଉତ୍ପାତ ବଢିବାରେ ଲାଗିଛି। କୁରୁଣ୍ଟିରେ ଚାଲିଥିବା ବେଧଡକ ଚୋରା ମଦ କାରବାର ବିରୁଦ୍ଧରେ ଗ୍ରାମବାସୀ, କଞ୍ଚାନେଶ୍ୱର ବଣିକ ସଂଘ, କଞ୍ଚନେଶ୍ୱର ବିଶ୍ୱ ଶାନ୍ତି ମହାଯଜ୍ଞ କମିଟି, ମହିଳା ମହାସଂଘ ପକ୍ଷରୁ କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଚଳିତ ମାସ ୪ ତାରିଖ ଦାବି ପତ୍ର ଦିଆଯାଇଥିଲା। ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଡିସେମ୍ବର ୩୧ ତାରିଖ ଦିନ ଶତାଧିକ ମହିଳା ରାସ୍ତା ଅବରୋଧ କରିଥିଲେ। ପୁଲିସ ଚୋରା ମଦ ବେପାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ୨୦ ଜଣ ମହିଳାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲା। ଆନ୍ଦୋଳନ ସମୟରେ ଆଇଆଇସି, ତହସିଲଦାର, ଏସଡିପିଓ, ଅବକାରୀ ବିଭାଗର ସୁପରିଟେଣ୍ଡେଂଟ ବିକ୍ରମ ମଣ୍ଡଳ ପ୍ରମୁଖ ଘଟଣା ସ୍ଥଳରେ ପହଁଛି ମହିଳାମାନଙ୍କୁ ବୁଝାସୁଝା କରିବା ସହ ଚୋରାମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

ମାତ୍ର ୩ ମାସ ପରେ ବି ଖୁଲମଖୁଲ୍ଲା ଚୋରା ମଦ କାରବାର ଚାଲିଛି। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଆଜି କୁରୁଣ୍ଟି ଗାଁର ଶତାଧିକ ମହିଳାଙ୍କ ସହିତ ଗାଁର ବିଶ୍ୱଶାନ୍ତି ଯଜ୍ଞ କମିଟି, ବଜାର କମିଟି, କାଳୀପୂଜା କମିଟିର କର୍ମକର୍ତ୍ତାମାନେ ରାଜନଗର ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ। ତହସିଲଦାର ଅମୀୟ କେତନ ସ୍ୱାଇଁ ଓ ଅବକାରୀ ବିଭାଗର ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିବା ସହିତ ଲଗାତର ଭାବେ କୁରୁଣ୍ଟି ଗାଁରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଠିକଣାରେ ଚଢ଼ାଉ କରାଯିବ ଓ ପଦକ୍ଷେପ ନିଆଯିବ ବୋଲି ପତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସଫଳତା ପାଇଁ କୃତଜ୍ଞତା ଜଣାଇଲା ବିଜେପି




**ମହାକାଳପଡ଼ା,୨୧।୪(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ମାଆ ରାମଚଣ୍ଡୀଙ୍କ ପୀଠଠାରେ ଏପ୍ରିଲ ୧୫ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଜିଲ୍ଲା ସ୍ତରୀୟ ପ୍ରଥମ କରି ଅନୁଷ୍ଠିତ ହୋଇଥିବା ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସଫଳତାର ସହିତ ସମାପ୍ତ ହୋଇଛି। ଜିଲ୍ଲା ପ୍ରଶାସନର ଆୟୋଜନ ମୁତାବକ ରାଜ୍ୟ ମନ୍ତ୍ରୀମଣ୍ଡଳର ବିଭିନ୍ନ ମନ୍ତ୍ରୀମାନେ ମହୋତ୍ସବରେ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲା ବିକାଶ ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଲୋକନୃତ୍ୟ ପରିବେଷଣ ହେଉଥିଲା। ମହୋତ୍ସବର ଶେଷ ଦିନରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ମହୋତ୍ସବରେ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ଓ ବ୍ଲକ ପ୍ରଶାସନ, ବିଭିନ୍ନ ବିଭାଗ ର ପଦାଧିକାରୀ, କର୍ମଚାରୀ, ଜନସାଧାରଣ, ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଅକୁଣ୍ଠ ଭାବେ ବହୁମୂଲ୍ୟ ସମୟ ସହଯୋଗ କରି ଏହି ମହୋତ୍ସବ କୁ ସଫଳ କରିଥିବାରୁ ସେମାନଙ୍କୁ ମହାକାଳପଡ଼ା ବିଜେପି ପକ୍ଷରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରାଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ନେତୃମଣ୍ଡଳୀ।

## ଆମ ଗାଁ ସାହିତ୍ୟ ପରିଷଦ ତରଫରୁ ସାହିତ୍ୟ ସଭା ଓ କବିତା ଆସର

**କେନ୍ଦ୍ରାପଡା,୨୧।୪ (ସଂଚାର ବ୍ୟୁରୋ):** ଆମ ଗାଁ ସାହିତ୍ୟ ପରିଷଦ ତରଫରୁ ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ସାହିତ୍ୟ ସଭା ଓ କବିତା ଆସର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ହୃଦାନନ୍ଦ ମଲ୍ଲ ଓ ପଲିଟିକାଲ ସର୍କସର ଲୋକପ୍ରିୟ କଳାକାର ଅଜୟ କୁମାର ନାୟକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା । "ପିତା ମାତା ଜୀବନ୍ତ ଦେବତା" ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସତିର୍ଥର ସଭାପତି ଅମର ପ୍ରସାଦ ରାଉତ, ନିରଞ୍ଜନ ମେକାପ, ନାରାୟଣ ପତି ଯୋଗ ଦେଇ ସନ୍ତାନ ପ୍ରତି ପିତା ମାତାଙ୍କର ତ୍ୟାଗ, ନିଷ୍ଠା, ସହଭାଗିତା, ଗାଳି ପଛରେ ଥିବା ଅକୁଣ୍ଠ ଭଲ ପାଇବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଜୀବନରେ ଯେତେ ଝଡ଼ ଝଞ୍ଜା ଆସିଲେବି ସେମାନଙ୍କ ଆଖିରେ ଲୁହ ନ ଦେବାକୁ ଅନୁରୋଧ କରିଥିଲେ । ସମ୍ପାଦକ ସ୍ୱପ୍ନାଶୁ କୁମାର ଦାସ ଅନୁଷ୍ଠାନ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଭା ଶେଷରେ କବି ବିପିନ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାବା ଗୋରେଖନାଥ ପୀଠରେ ଅଷ୍ଟ ପ୍ରହର ନାମଯଜ୍ଞ



**ନିଶ୍ଚିନ୍ତକୋଇଲି,୨୧।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଝାଡ଼େଶ୍ୱରପୁର ଗ୍ରାମପଞ୍ଚାୟତ ବର୍ଗୀହାଟସ୍ଥ ବାବା ଗୋରେଖନାଥ ପୀଠରେ ୧୩ତମ ଅଷ୍ଟ ପ୍ରହର ବ୍ୟାପୀ ନାମଯଜ୍ଞ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପିଠରେ ଶନିବାର ଦିନ ଅଧିବାସ ହୋଇଥିବା ବେଳେ ରବିବାର ଅହୋରାତ୍ର ଅଷ୍ଟପ୍ରହର ବ୍ୟାପୀ 'ଭଜ ନିତାଇ ଗୌର ରାଧେ ଶ୍ୟାମ, ଜପ ହରେ କୃଷ୍ଣ ହରେ ରାମ' ମହାମନ୍ତ୍ର ଗାନ କରାଯାଇଥିଲା। ଅଷ୍ଟପ୍ରହରୀ କମିଟିର ମୁଖ୍ୟ ପରିଚାଳନା ଶ୍ରୀଜୁକ୍ତ ଡନା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଅଷ୍ଟ ପ୍ରହର ବ୍ୟାପୀ ନାମଯଜ୍ଞରେ ବିଭିନ୍ନ ଅଞ୍ଚଳରୁ ସାତଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ହରି ନାମ ମହାମନ୍ତ୍ର ଗାନ କରିଥିଲେ। ସୋମବାର ଦିନ ନଗର କୀର୍ତ୍ତନ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମ ରହିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ସଞ୍ଜୟ ଦଳାଇ, କର୍ମକର୍ତ୍ତା ରଞ୍ଜନ ବେହେରା, ସୁସନ ବେହେରା, ମନୋଜ ନାୟକ, ଅନିଲ ଦଳାଇ, ମିଟୁ ବେହେରା, ବୁଲା ସାହୁ, ମିଟୁ ସାହୁ, ରଜତ ଭାରତୀ, ନେବାଜୀ ବେହେରା, ରମେଶ ସାହୁ,ବାପି ବେହେରା, ଯଯାତି ଦାସ ପ୍ରମୁଖଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।



## ବିଜେପିର ମଣ୍ଡଳସ୍ତରୀୟ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ

**ଡେରାବିଶ,୨୧।୪(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଧିନସ୍ଥ ବସୁପୂର ପଞ୍ଚାୟତରେ ବିଜେପିର ଏକ ମଣ୍ଡଳ ସ୍ତରୀୟ ବନ୍ଧୁମିଳନ ଏବଂ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେପି କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ସଭାରେ ବିଜେପି ଜିଲ୍ଲା ସମ୍ପାଦିକା ମନିଷା ପଣ୍ଡା, ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ମାନସ ମହାନ୍ତି, ୧୪ ନମ୍ବର୍ ଜୋନର ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ, ମଣ୍ଡଳ ସାଧାରଣ ସମ୍ପାଦକ ସରୋଜ କାନ୍ତ ପଣ୍ଡା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସରୋଜ କାନ୍ତ ସାହୁଙ୍କ ସମେତ ରଞ୍ଜିତ କୁମାର ଆଚାର୍ଯ୍ୟ, ମମତା ସେଠୀ, ନମିତା ବଳ ପ୍ରଭୃତି ବରିଷ୍ଠ ବିଜେପି ନେତା ଏବଂ ନେତ୍ରୀ ମଞ୍ଚରେ ଉପସ୍ଥିତ ହୋଇଥିଲେ । ପଞ୍ଚାନନ ଦାସଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିବା ବେଳେ ଶତାଧିକ ବିଜେପି କର୍ମୀ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏବଂ ଏହି ଅବସରରେ ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ବିଜେପିର ବସୁପୁର୍ ପଞ୍ଚାୟତ ସଭାପତି ଚୟନ କରାଯାଇଥିବା ବେଳେ ନିହାର ରଞ୍ଜନ ପରୀଜାଙ୍କୁ ପଞ୍ଚାୟତ ଉପସଭାପତି ଚୟନ କରାଯାଇଥିବା ସୂଚନା ମିଳିଛି ।

## କୁହୁଣ୍ଡା ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର, ୨୦ ମୋତିଆବିନ୍ଦୁ ରୋଗୀ ଚିହ୍ନଟ

**ମାହାଙ୍ଗା,୨୧।୪(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରୂପା ଗେଙ୍ଗୁଟି ଦ୍ୱିପାଞ୍ଚଳ ସ୍ଥିତ କୁହୁଣ୍ଡା ଗ୍ରାମ ପଞ୍ଚାୟତ ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତପୁର ସ୍ଥିତ ସଦଗୁରୁ ହସ୍ପିଟାଲରେ ନୂତନ ଭାବେ ଚକ୍ଷୁ ବିଭାଗ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ଗ୍ରାମାଞ୍ଚଳରେ ଏଭଳି ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ଦେଖିବାକୁ ମିଳିଛି ।

ସଦଗୁରୁ ଚକ୍ଷୁ ହସ୍ପିଟାଲ ଏବଂ କୁହୁଣ୍ଡା ଗ୍ରାମ ପଞ୍ଚାୟତର ମିଳିତ ସହଯୋଗରେ ଆୟୋଜିତ ଏହି ଚକ୍ଷୁ ପରୀକ୍ଷା ଶିବିରରେ ଶଙ୍ଖପୁର, ବନଗୁରୀଆ, ଧଉଳିଆ, କଲ୍ୟାଣପୁର, କୋଠପଦା, କୁହୁଣ୍ଡା, ହଂସଦିଆ, ମୂଳବସନ୍ତ, କୁଆଁପାଳ, ପଣସପୁର, ସମସରପୁର, କୁଣ୍ଡି, ବାସୁଦେବପୁର, ଗୋପାଳପୁର, ଚାହାପଡା, ଉଷୁମା, ଭଳି ଭିଭିନ୍ନ ଅଂଚଳରୁ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସଦଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ତଥା ସିଇଓ ରାହୁଲ ପ୍ରତ୍ୟୁଷ ମହାନ୍ତି ଏବଂ ନଭିନ ବୋଥାଜୁ ମହାନ୍ତି ଏହି ଶିବିରକୁ ଉଦଘାଟନ କରିଥିଲେ । ସମାଜସେବୀ ଅଖିଳେଶ ପଦ ମହାନ୍ତି, ପୂର୍ବତନ ସରପଞ୍ଚ ହେମନ୍ତ କୁମାର ପ୍ରଧାନ, ନିରଞ୍ଜନ ମୁଦୁଲି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ଚକ୍ଷୁ ଶିବିରରେ ଅତ୍ୟାଧୁନିକ ପ୍ରଣାଳୀରେ ଶତାଧିକ ପୁରୁଷ ଓ ମହିଳାଙ୍କ ଆଖି ଜନିତ ବିଭିନ୍ନ ରୋଗର ସଠିକ ପରୀକ୍ଷା କରାଯାଇଥିଲା । ସଦଗୁରୁ ହସ୍ପିଟାଲ ପକ୍ଷରୁ ଡାକ୍ତର ଅଜିତ ଅଗ୍ରୱାଲ, ଜାହିର ଉଦ୍ଦିନ ସାହା, ସ୍ବର୍ଣ୍ଣପ୍ରଭା ବେହୁରା, ପ୍ରକାଶ ସାହୁ, ସସ୍ମିତା ମଲ୍ଲିକ, ଦିପ୍ତୀରେଖା ମଲ୍ଲିକ, ସ୍ୱୟଂ ଶ୍ରୀଦର୍ଶନ ସେନାପତି, ପ୍ରଜ୍ଞା ପ୍ରିୟଦର୍ଶିନୀ, ଜ୍ୟୋତିର୍ମୟୀ ପରିଡ଼ା ପ୍ରମୁଖ ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଉପସ୍ଥିତ ରହି ରୋଗୀମାନଙ୍କୁ ସହାୟତା କରିଥିଲେ । ଚକ୍ଷୁ ଜନିତ ବିଭିନ୍ନ ଜଟିଳ ସମସ୍ୟାରେ ପୀଡିତ ୨୦ରୁ ଉର୍ଦ୍ଧ୍ୱ ମୋତିଆବିନ୍ଦୁ ଚିହ୍ନଟ ରୋଗୀମାନଙ୍କୁ ସଦଗୁରୁ ଚକ୍ଷୁ ହସ୍ପିଟାଲରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଶିବିରକୁ ନିମାଇଁ ଚରଣ ବେହେରା,ଜଗନ୍ନାଥ ପଣ୍ଡା, ଧରଣୀଧର ନାୟକ, ପ୍ରିୟରଞ୍ଜନ ଦାସ, ପରମାନନ୍ଦ ମହାନ୍ତି, ରବୀନ୍ଦ୍ର ପୃଷ୍ଟି, ଅଜୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।




## ମିଲେନିୟମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ରାଜକନିକା,୨୧।୪ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ଅଗ୍ରଣୀ ଇଂରାଜୀ ମାଧମିକ ବିଦ୍ୟାଳୟ ଭାବେ ଜଣାଶୁଣା ମିଲେନିୟମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରାଜକନିକା ଥାନା ପଡିଆରେ ଅନୁଷ୍ଠିତ ହୋଇଯାଇଛି।ସ୍କୁଲର ଅଧକ୍ଷ ପଙ୍କଜ କୁମାର ଦାସଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିଭାଗର ପୂର୍ବତନ ସଚିବ ଡକ୍ଟର ଶରତ କୁମାର ବିଶ୍ୱାଳ,ମୁଖ୍ୟ ବକତା ଭାବେ,ବିଶିଷ୍ଟ କବି ଏବଂ ଶିକ୍ଷାବିତ ଡକ୍ଟର ଗୌତମ ମହାରଣା ଓ ସ୍କୁଲର ଉପାଧକ୍ଷ ସୁଷମା ଦାଶ ପ୍ରମୁଖ ଯୋଗଦେଇ କୁନି କୁନି ପିଲା ମାନଙ୍କୁ ସମାଜ ଗଠନରେ ଛାତ୍ରଛାତ୍ରୀ ମାନଙ୍କର ପ୍ରମୁଖ ଭୁମିକା ଅଛି ବୋଲି ଅତିଥି ମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ସୁକାନ୍ତ କର ସ୍ୱାଗତ ଭାଷଣ ରଖିଥିବା ବେଳେ ଶିକ୍ଷୟିତ୍ରୀ ଆଲ୍ପନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନ୍ୟାସନାଲ ହେରାଲ୍ଡ ମାମଲା ଭିତ୍ତିହୀନ: ଭୂପେଶ



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ମିଛ କହିବା ବିଜେପିର ଏକ ଅଭ୍ୟାସଗତ ବ୍ୟାଧି। ଗତ କିଛି ବର୍ଷ ଧରି ଦଳ ନ୍ୟାସନାଲ ହେରାଲ୍ଡ ମାମଲାରେ ଗାନ୍ଧୀ ପରିବାର ବିରୋଧରେ ଯେଉଁ ୫ ହଜାର କୋଟି ଟଙ୍କାର ସମ୍ପତ୍ତି ହଡ଼ପ ଅଭିଯୋଗ କରିଆସିଛି, ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି କହିଛନ୍ତି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେଶ ବାଘେଲ। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାଜନୈତିକ ଆକ୍ରୋଶ ପୂର୍ବକ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଏପରି ଅଭିଯୋଗରେ ଫସାଇବାକୁ ଚାହୁଁଛନ୍ତି। କଂଗ୍ରେସ ସବୁବେଳେ ପଛୁଆବର୍ଗର ସ୍ୱର ହୋଇଆସିଛି। ଦଳ ସଂସଦରେ ମଧ୍ୟ ବିଜେପି ସରକାର ଦୋଷଦୁର୍ବଳତାକୁ ପଦାରେ ପକାଇବାକୁ ଉଦ୍ୟମ କରିଛି। ତେଣୁ ଏପରି ଉଦ୍ୟମ ବିଜେପି ସରକାରକୁ ତଳିତଳାନ୍ତ କରିଦେବାର ଆଶଙ୍କା ଥିବାରୁ ଏକ ଭିତ୍ତିହୀନ ମାମଲାରେ ସୋନିଆ ଓ ରାହୁଲ୍‌ଙ୍କୁ ଫସାଇବା ସକାଶେ ଉଦ୍ୟମ ହୋଇଛି। ଏକଦା ଆସୋସିଏଟେଡ୍ ଜର୍ଣ୍ଣାଲ୍ ଲିମିଟେଡ୍ (ଏଜେଏଲ୍) ସମ୍ପୂର୍ଣ୍ଣ ଭାବେ ଦେବାଳିଆ ହୋଇଯାଇଥିବା ବେଳେ ୨୦୧୦ରେ ୟଙ୍ଗ ଇଣ୍ଡିଆ କମ୍ପାନୀ ଗଠନ କରାଯାଇଥିଲା ଏବଂ ରାହୁଲ୍ ଓ ସୋନିଆଙ୍କ ସହ ଅନ୍ୟାନ୍ୟ କେତେକ ବରିଷ୍ଠ କଂଗ୍ରେସ ନେତା ଏଥିରେ ଅଂଶୀଦାର ଭାବେ ରହିଲେ। ନ୍ୟାସନାଲ୍ ହେରାଲ୍ଡର ସମସ୍ତ ସମ୍ପତ୍ତି ଏଜେଏଲ୍ ଅଧୀନରେ ରହିଛି, ୟଙ୍ଗ ଇଣ୍ଡିଆ ଲିମିଟେଡ କମ୍ପାନୀ ଅଧୀନରେ ନୁହେଁ। ତା'ଛଡ଼ା ୟଙ୍ଗ୍ ଇଣ୍ଡିଆ କମ୍ପାନୀରେ କୌଣସି ମନି ଲଣ୍ଡରିଂ ମଧ୍ୟ ସମ୍ଭବ ନୁହେଁ। ତେଣୁ ବିଜେପିର ଏପରି ଅଭିଯୋଗ କେବଳ ଏକ ଅପପ୍ରଚାର ବୋଲି ଶ୍ରୀ ବାଘେଲ୍ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଉପସ୍ଥିତ ଥିଲେ।

● ଶ୍ରୀମନ୍ଦିରରେ ରକ୍ତଛିଟା

## ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

**ପୁରୀ,୨୧।୪(ସଂଚାର ବ୍ୟୁରୋ):** ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ସମ୍ପନ୍ନ ହୋଇଛି। ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କ ମହାସ୍ନାନ ହୋଇଛି। ଶ୍ରୀବିଗ୍ରହଙ୍କ ଅବକାଶ ନୀତି ସରି ବେଶ ହେଉଥିବା ବେଳେ ଭିତରକାଠ ନିକଟରେ ଜଣେ ଯବାନଙ୍କ ଗୋଡ଼ରେ କାଚ ପଶିଯାଇଥିଲା। ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ମନ୍ଦିରରେ ଏହି ରକ୍ତଛିଟା ପଡ଼ିଥିଲା। ଏଣୁ ବିଧି ପରମ୍ପରା ମୁତାବକ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ମହାସ୍ନାନ ସମୟରେ ସର୍ବସାଧାରଣ ଦର୍ଶନ କିଛି ସମୟ ଧରି ବନ୍ଦ ରହିଥିଲା। ସ୍ନାନ ସରିବା ପରେ ଏବେ ପୁନର୍ବାର ସର୍ବସାଧାରଣ ଦର୍ଶନ ହେବ। ସୂଚନେଯୋଗ୍ୟ ଯେ ଆଜି ମହାପ୍ରଭୁଙ୍କୁ ପଇତା ଲାଗି ନୀତି ହୋଇଥାନ୍ତା। ଏଥିପାଇଁ ସର୍ବସାଧାରଣ ଦର୍ଶନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ଯାଏଁ ସାଧାରଣ ଦର୍ଶନ ବନ୍ଦ ରହିବାର ଥିଲା। ହେଲେ ମହାସ୍ନାନ ପାଇଁ ନୀତି ବିଳମ୍ବ ହେବା ଯୋଗୁ ସନ୍ଧ୍ୟା ୬ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଘୋଷଣା ହୋଇଥିଲା।



ସମ୍ବଲପୁରରେ ଜନଶୁଣାଣି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦ୍ମଶ୍ରୀ ହଳଧର ନାଗ, ଜିତେନ୍ଦ୍ରିୟ ହରିପାଲ, ମିତ୍ରଭାନୁ ଗୌନ୍ତିଆଙ୍କୁ ଭେଟୁଛନ୍ତି।



# ପ୍ରଧାନମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କଲେ କୋରାପୁଟ ଜିଲ୍ଲାପାଳ

**ଜୟପୁର,୨୧।୪ (ସଂଚାର ବ୍ୟୁରୋ):** ଆଜି ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଭାରତ ର ପ୍ରଧାନମନ୍ତ୍ରୀ ଶ୍ରୀ ଯୁକ୍ତ ନରେନ୍ଦ୍ର ମୋଦିଙ୍କଠାରୁ କୋରାପୁଟ ଜିଲ୍ଲାପାଳ ପ୍ରଧାନମନ୍ତ୍ରୀ ଏକ୍ସଲେନ୍ସ ପୁରସ୍କାର ଗ୍ରହଣ କରି କୋରାପୁଟ ତଥା ଓଡିଶା ପାଇଁ ଗର୍ବ ଆଣିଛନ୍ତି। ସମଗ୍ର ଭାରତ ରୁ ୭୦୦ରୁ ଉର୍ଦ୍ଧ ଜିଲ୍ଲା ଏହି ପୁରସ୍କାର ପାଇଁ ଆବେଦନ କରିଥିଲେ କିନ୍ତୁ କେବଳ ୬ ଟି ଜିଲ୍ଲା ମନନୟନ ହୋଇଥିଲେ ଏବଂ ସେହି ୬ ମଧ୍ୟରେ ରହିଥିଲା କୋରାପୁଟ ଜିଲ୍ଲା । କୋରାପୁଟ ଜିଲ୍ଲାର ଯୁବ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଜିଲ୍ଲାରେ ସ୍ୱାସ୍ଥ୍ୟ, ଶିକ୍ଷା ସହ ମିଲେଟ ମିଶନ,ମିଶନ ଇନ୍ଦ୍ରଧାନସ, ପିଏମ ଜେଏୱାଇ, ପିଏମ ଏସଭି ନିଧି,ପିଏମ ବିଶ୍ୱକର୍ମା, ପୋଷଣ ୨.୦,କିସାନ କ୍ରେଡିଟ କାର୍ଡ, ହର ଘର ଜଳ, ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜଳୀ ଯୋଜନା,ପ୍ରଧାନମନ୍ତ୍ରୀ ଗ୍ରାମୀଣ ଓ ସହରୀ ଆବାସ ଯୋଜନା ର ସଫଳ ରୂପାୟନ ନେଇ ଜିଲ୍ଲାପାଳ ନେଇଥିଲେ ପ୍ରମୁଖ ଭୂମିକା। ଜିଲାରେ ଷ୍ଟ୍ରବେରୀ ଚାଷ, ପର୍ଯ୍ୟଟନସ୍ଥଳୀର ବିକାଶ, ସହ ସାମାଜିକ ସୁସମ୍ପର୍କ, ଆତ୍ମୀୟ ବ୍ୟବହାର, ଅଧିକାରୀ ଓ କର୍ମଚାରୀଙ୍କୁ ନେଇ କାର୍ଯ୍ୟକରିବାରେ ସଫଳ ହୋଇଥିବାରୁ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ପରିଚିତ ହୋଇପାରିଛନ୍ତି ଏବଂ ଜିଲ୍ଲାର ସବୁ ବର୍ଗର ଲୋକ ଙ୍କ ପ୍ରିୟପତ୍ର ହୋଇଛନ୍ତି। ପ୍ରଥମ ଥର ଜିଲ୍ଲାପାଳ ଏବଂ ଜିଲ୍ଲାପାଳ ହେବାର ଦୁଇ ବର୍ଷ ପୁରୁନି କିନ୍ତୁ ତାଙ୍କ ନିଷ୍ଠାପ୍ରଚେଷ୍ଟା ପାଇଁ ନିଜେ ପ୍ରତିଷ୍ଠିତ ହେବା ସହ ଜିଲ୍ଲା ଓ ରାଜ୍ୟ ପାଇଁ ଗର୍ବ । କିଛି ମାସ ପୂର୍ବେ ଭାରତ ବର୍ଷର ଶ୍ରେଷ୍ଠ ଜିଲ୍ଲା ଭାବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା କୋରାପୁଟ ଜିଲ୍ଲା ପୁରସ୍କୃତ ହୋଇଥିଲା। ଆଉ ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇ କୋରାପୁଟ କୁ ଗର୍ବିତ କରଛନ୍ତି। ସେଥିପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଠାରୁ ବିଭିନ୍ନ ମହଲରୁ କୋରାପୁଟ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ୩୦ରେ ଦୀଘା ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ

**ଭୋଗରାଇ,୨୧।୪ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ସାହାବାଜିପୁର ଠାରୁ ମାତ୍ର ୨ କିମି ଦୂର ପଶ୍ଚିମବଙ୍ଗ ନିଉ ଦୀଘା ରେଳଷ୍ଟେସନ ନିକଟରେ ୨୦ ଏକର ଜାଗାରେ ୨ ଶହ ୫୦ କୋଟି ଟଙ୍କା ବ୍ୟୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅନୁକରଣରେ ନୂତନ ଅନ୍ୟ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଶେଷ ହୋଇଛି । ଆସନ୍ତା ପବିତ୍ର ଅକ୍ଷୟ ତୃତୀୟାରେ ଏହି ନୂତନ ଜଗନ୍ନାଥ ମନ୍ଦିରରେ ଭଗବାନ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି । ଏଥି ଲାଗି ପୁରୀ ଶ୍ରୀମନ୍ଦିରରୁ ଦଇତାପତି ଓ ପଣ୍ଡିତ ମାନେ ଦୀଘା ଜଗନ୍ନାଥ ମନ୍ଦିରକୁ ଆସି ସମସ୍ତ ଦିବ୍ୟ ଓ ଭବ୍ୟ କାର୍ଯ୍ୟକ୍ରମର ଅଂଶ ଗ୍ରହଣ କରିବାକୁ ନେଇଁ ଦୀଘା ଶଙ୍କରପୁର ଉନ୍ନୟନ ପରିଷଦ ଓ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ମିଳିଛି।

**ପୁରୀରୁ ଆସିବେ ଦଇତାପତି, ପଣ୍ଡିତ**



ଓଡିଶା ସୀମାନ୍ତ ବଙ୍ଗୋପସାଗର କୂଳରେ ଦୀଘା ପର୍ଯ୍ୟଟନ କେନ୍ଦ୍ରକୁ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣ ଓ ସୌନ୍ଦର୍ଯ୍ୟକରଣ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡିସେମ୍ବର ୨୦, ୨୦୧୮ ମସିହାରେ ଦୀଘାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ଏଠାରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ ବୋଲି ଉଚ୍ଚ ପ୍ରଶାସନିକ ବୈଠକରେ ଘୋଷଣା କରିଥିଲେ । ୨୦୨୨ ମସିହାରେ ପ୍ରଥମେ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ବଙ୍ଗ ସରକାର ୨ ଶହ କୋଟି ଟଙ୍କା ଅର୍ଥ ମଞ୍ଜୁର କରି ଖୁବଶୀଘ୍ର ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୬୫ ଫୁଟ ଉଚ୍ଚର ଏହି ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ହିଡ଼କୋ ସଂସ୍ଥା ହାତକୁ ନେଇଥିବାବେଳେ ରାଜସ୍ଥାନର ନାମୀ ମାର୍ବଲ ପଥରରେ ଶ୍ରୀଜଗନ୍ନାଥ ମନ୍ଦିର ସହ ଆଠଟି ମନ୍ଦିର ନିର୍ମିତ ହୋଇଛି। ମେଘନାଦ ପ୍ରାଚେରୀ ଭଳି ପ୍ରଥମ ମନ୍ଦିରରେ ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଓ ଭଗବାନ ଶ୍ରୀ ଜଗନ୍ନାଥ ପଥରରେ ମୂର୍ତ୍ତି ରହିଥିବାବେଳେ ମନ୍ଦିରର ୪ ଦ୍ୱାର ସହ ୨ ୟ ମନ୍ଦିରରେ ମା' ଲକ୍ଷ୍ମୀଙ୍କ ମନ୍ଦିର, ସମ୍ମୁଖ ଭାଗରେ ଗରୁଡ଼ ସ୍ତମ୍ଭ, ରୋଷେଇଶାଳ, ବିଶ୍ରାମଗାର ଓ ଅତିଥିଶାଳା ରହିଛି । ମନ୍ଦିର ପ୍ରାଚେରି ଦୀଘା ବର୍ଡ଼ର ରାସ୍ତା ଦକ୍ଷିଣ ପଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଲାଗି ଅନ୍ୟ ଏକ ନୂତନ ପାର୍କ ନିର୍ମାଣ କରାଯାଇଛି।

ମନ୍ଦିରର ଶୁଭ ଉଦଘାଟନ ନିମନ୍ତେ ଆସନ୍ତା ୨୮ ରେ ସମସ୍ତ ଅତିଥିମାନେ ମନ୍ଦିରରେ ଉପସ୍ଥିତି ରହିବା ସହିତ ୨୯ ରେ ଧର୍ମୀୟ ନୀତି ଅନୁଯାୟୀ ଯଜ୍ଞ, ହୋମ କରାଯିବ ବୋଲି ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ କୁହାଯାଇଛି। ୩୦ ତାରିଖ ଅକ୍ଷୟ ତୃତୀୟାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦୀଘା ଜଗନ୍ନାଥ ମନ୍ଦିରକୁ ଶୁଭଉଦଘାଟନ କରିବେ। ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ମୁଖ୍ୟ ସଚିବଙ୍କ ସହ ଜିଲା ମାଜିଷ୍ଟ୍ରେଟ, ଏସପି, ଇସ୍କନର ମୁଖ୍ୟ ସହ ୨ ୨ ଜଣିଆ କମିଟି ଗଠନ କରାଯାଇଥିବାବେଳେ ଇସ୍କନ ମନ୍ଦିରର ସମସ୍ତ ପରିଚାଳନା କରିବେ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି ।

## ମା' ତାରିଣୀଙ୍କ ତୃତୀୟ ଜନ୍ମବାର୍ଷିକୀ



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ମା'ତାରିଣୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୩ ନମ୍ବରସ୍ଥିତ ମା' ତାରିଣୀଙ୍କ ତୃତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ କେକ୍ କାଟି ମା'ଙ୍କ ଜନ୍ମବାର୍ଷିକର ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ। ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସିଲା ଈଶ୍ୱର ମୂର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବରାଳ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମହାନ୍ତି, ସୁଚିସ୍ମିତା ରାଉତ, ଏସ୍. ଜୟଲକ୍ଷ୍ମୀ, ଉଷାମଣି ବରାଳ, କୁମୁଦିନୀ ନାୟକ, ବୀଣାପାଣି ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ଲକ୍ଷ୍ମଣ ରେଡ୍ଡୀ ଓ ଦିପ୍‌ସା ସୁବୁଦ୍ଧି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଯୌତୁକ ଦାବି ପଡିଲା ମହଙ୍ଗା: ୩ ଅଭିଯୁକ୍ତ ଦୋଷୀ



**ଛତ୍ରପୁର,୨୧।୪ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଶାନ୍ତିନଗରରେ ୨୦୨୨ରେ ଘଟିଥିବା ଏକ ଯୌତୁକ ନିର୍ଯାତନା ମାମଲାର ଶୁଣାଣି ହୋଇଛି। ସୋମବାର ଛତ୍ରପୁର ଏସ୍‌ଡିଜେଏମ୍ ପ୍ରୀତିଶ କୁମାର ରଥ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଶାନ୍ତିନଗର ନିବାସୀ ଶଙ୍କର ବେହେରା, ଚନ୍ଦ୍ରମଣି ବେହେରା ଓ ବାସନ୍ତୀ ବେହେରା। ଦୋଷୀମାନେ ୧ ବର୍ଷ ପର୍ଯ୍ୟନ୍ତ ଜିଲା ପ୍ରୋବେଶନ ଅଧିକାରୀଙ୍କ ନଜରରେ ରହିବେ ବୋଲି ଏସ୍‌ଡିଜେଏମ୍ ଆଦେଶ ଦେଇଛନ୍ତି। ଏଥିସହ ସେମାନଙ୍କୁ ୩୦୦୦ ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥରାଶି ଅଭିଯୋଗକାରିଣୀ ତଥା ନିର୍ଯାତିତା ଅନିତା ମୁଦୁଲିଙ୍କୁ ପ୍ରଦାନ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୨୦ ଫେବ୍ରୁଆରୀ ୨୮ ତାରିଖରେ ଅନିତାଙ୍କର ଛତ୍ରପୁର ଶାନ୍ତିନଗର ନିବାସୀ ଶଙ୍କରଙ୍କ ସହିତ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୧ ଲକ୍ଷ ୮୦ ହଜାର ଟଙ୍କା ଓ ଅନ୍ୟାନ୍ୟ ଘରକରଣା ଜିନିଷପତ୍ର ଦିଆଯାଇଥିଲା। କିନ୍ତୁ ବିବାହର ୨ ମାସ ପରେ ବାପଘରୁ ଆଉ ୨ ଲକ୍ଷ ଟଙ୍କା ଆଣିବାକୁ ଅନିତାଙ୍କୁ ସ୍ୱାମୀ ଶଙ୍କର, ଶାଶୁ ବାସନ୍ତୀ ଓ ଶ୍ୱଶୁର ଚନ୍ଦ୍ରମଣି ବାଧ କରିଥିଲେ। ଏଥିପାଇଁ ସେମାନେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ବାପଘର ଲୋକ ଆସି ବୁଝାଇଥିଲେ ମଧ ସୁଫଳ ମିଳି ନ ଥିଲା। ଅନିତାଙ୍କୁ ଶାଶୁଘର ଲୋକେ ଧମକ ଦେଇଥିଲେ। ତେଣୁ ବାଧ ହୋଇ ସେ ବାପଘରକୁ ଚାଲି ଆସି ୨୦୨୨ ଜୁନ୍ ୮ତାରିଖରେ ଅଭିଯୋଗ କରିଥିଲେ। ଛତ୍ରପୁର ଏସଡ଼ିଜେଏମ କୋର୍ଟରେ ମାମଲା ବିଚାରାଧୀନ ରହିଥିଲା। ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ର ଗଠନରେ ସିଭିଲ ସେବାଧିକାରୀଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୧।୪ (ସଂଚାର ବ୍ୟୁରୋ):** ଦେଶ ବିକାଶ ଯାତ୍ରାର ପ୍ରଚ୍ଛଦରେ ସିଭିଲ ସେବାଧିକାରୀମାନଙ୍କ ମୁଖ୍ୟ ଭୂମିକା ରହିଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସିଭିଲ ସେବାଧିକାରୀମାନଙ୍କୁ ଭାରତର ଷ୍ଟିଲ୍ ଫ୍ରେମ ବୋଲି ସମ୍ବୋଧନ କରୁଥିଲେ। ଦେଶର ପ୍ରଶାସନିକ ଢାଞ୍ଚାକୁ ଏହି ସେବା ହିଁ ସୁଦୃଢ଼ କରିଛି। ସିଭିଲ ସେବା ହିଁ ଦେଶର ସାମଗ୍ରିକ ସଫଳତା ଓ ଉତ୍କର୍ଷର ମେରୁଦଣ୍ଡ। ଏହା ଚିନ୍ତା, ଚେତନା ଓ ମୂଲ୍ୟବୋଧଭିତ୍ତିକ ଅଗ୍ରଗତିର ପ୍ରୟୋଗଶାଳା ବୋଲି ଆଜି 'ରାଷ୍ଟ୍ରୀୟ ସିଭିଲ ସେବା ଦିବସ-୨୦୨୫' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ ପୋଷଣ କରିଛନ୍ତି।

ଲୋକସେବା ଭବନସ୍ଥିତ କନଭେନ୍ସନ ସେଣ୍ଟରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅନ୍ତର୍ଗତ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ (ସିଏମଜିଆଇ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅବସ୍ଥାପିତ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ ଉଦବୋଧନ ଦେଇ କହିଛନ୍ତି ଯେ ଓଡ଼ିଆ ଜାତିର ସାମୂହିକ ଚେତନା ଭିତରେ ଏକ ମୁଖ୍ୟ ଅଭିଳାଷ ହେଉଛି ସମୃଦ୍ଧ ଓଡ଼ିଶା ଗଠନ। ଏହା ସହ ଜନମଙ୍ଗଳ କ୍ଷେତ୍ରରେ ଆମର ଲକ୍ଷ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପୂରଣ କରିବା ଜରୁରୀ। ସମସ୍ତଙ୍କ ପାଇଁ ବାସଗୃହ, ପାନୀୟ ଜଳ, ବିଜୁଳି, ଯୋଗାଯୋଗ ଆଦି ମୌଳିକ ସୁବିଧା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂରଣ ହେବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କ ସରକାର। ଏକ ସମ୍ବେଦନଶୀଳ ସରକାର। ଗରିବ ଓ ଅସହାୟ ଲୋକଙ୍କ ସମସ୍ୟା ଦୂର କରିବା ତାଙ୍କର ବ୍ୟକ୍ତିଗତ ପ୍ରାଥମିକତା। ତେବେ ଲୋକଙ୍କ ସମସ୍ୟା ଯେତେଦୂର ସମ୍ଭବ ତୃଣମୂଳ ସ୍ତରରେ ସମାଧାନ ହେବା ଆବଶ୍ୟକ। ଏଥିପାଇଁ କ୍ଷେତ୍ର ସ୍ତରର ସିଭିଲ ସେବା ଅଧିକାରୀମାନେ ସଚେତନ ଭାବେ ଉଦ୍ୟମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଉପରେ ରାଜ୍ୟର ୪.୫ କୋଟି ଲୋକଙ୍କର ଆଶା ଆକାଂକ୍ଷା ରହିଛି। ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ନିଜର ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବା, ପ୍ରଶାସନିକ ଜଟିଳତାର ପ୍ରତ୍ୟେକ ଦୃଷ୍ଟିକୋଣକୁ ବୁଝିବା, ଅନୁଶୀଳନ କରିବା ସହ ସହଜ ଓ ସରଳ ଭାବେ ସେବା ପ୍ରଦାନ କରିବା ଉଚିତ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ପ୍ରଶାସନିକ ସେବାରେ ଆଇନର ଗୁରୁତ୍ୱ ସମ୍ପର୍କରେ ମତାମତ ଦେଇଥିଲେ। ସିଏମଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରଶାସନିକ ଅଧିକାରୀ ବିନୀତ ଭରଦ୍ୱାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନାଦେ ଦେଇଥିଲେ। ପ୍ରଧାନ ମହାଲେଖାକାର, ଓଡିଶା, ଭୁବନେଶ୍ୱର ଡି.ବି. ସାହୁ, ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ, ଓଡ଼ିଶା ମଣ୍ଡଳର ମୁଖ୍ୟ ଡାକ ଅଧୀକ୍ଷକ ନିର୍ମଳଜିତ୍ ସିଂ, ପ୍ରମୁଖ ଆୟକର ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ ଯୋଗଦେଇଥିଲେ। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

## ହାସ୍ୟାଭିନେତାଙ୍କ ପରଲୋକ



**ଭୁବନେଶ୍ୱର, ୨୧।୪(ସଂଚାର ବ୍ୟୁରୋ):** ମାତ୍ର ୫୦ ବର୍ଷ ବୟସରେ ଓଡ଼ିଆ ବ୍ୟଙ୍ଗ ଅଭିନେତା ଅଜୟ ନାୟକଙ୍କର ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତକାଲି ରାତିରେ କଣାସ ବଜାରକୁ ବୁଲିବାକୁ ଆସିଥିବା ସମୟରେ ଅଜୟ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ କଣାସ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାକାର ଡାକ୍ତର କ୍ୟାପିଟାଲ ହସ୍‌ପିଟାଲ୍‌କୁ ରେଫର୍ କରିଥିଲେ। କିନ୍ତୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପହଞ୍ଚିବା ବେଳକୁ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ଡାକ୍ତର ସ୍ପଷ୍ଟ କରିଥିଲେ। ଅଜୟ ପାଖାପାଖି ୧୭ ବର୍ଷ ହେବ ଓଟିଭିରେ ପ୍ରସାରିତ ହେଉଥିବା ରାଜନୈତିକ ବ୍ୟଙ୍ଗ ଧାରାବାହିକ 'ଦି ଗ୍ରେଟ ଓଡ଼ିଶା ପଲିଟିକାଲ ସର୍କସ'ରେ ଅଭିନୟ କରିଆସୁଥିଲେ। ତାଙ୍କ ପରଲୋକରେ କଳାକାର ଜଗତରେ ଶୋକର ଛାୟା ଖେଳିଯାଇଛି। ଅଜୟଙ୍କ ମୃତ୍ୟୁ ଖବର ପାଇବା ପରେ ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ ହସ୍ପିଟାଲ୍‌ରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି।

## ହୋଟେଲ୍‌ରେ ନକଲି ନିଯୁକ୍ତି ମେଳା,୩ ଗିରଫ



**ଭୁବନେଶ୍ୱର,୨୧।୪ (ସଂଚାର ବ୍ୟୁରୋ):** କମିଶନରେଟ ପୋଲିସ ଇସ୍ରାଏଲରେ ଚାକିରୀ ଦେବାର ବାହାନାରେ ଅନେକ ଯୁବକଙ୍କୁ ଠକିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ବାବୁଲାହରୀ ଗୌଡ଼, ମହେଶ ରାମଚନ୍ଦ୍ର ଲୋଖଣ୍ଡେ ଏବଂ କିରଣ ଶଶୀକାନ୍ତ ଘୁମ୍ରେ ବୋଲି ଚିହ୍ନଟ କରାଯାଇଛି। ବାବୁଲାହରୀ ଓଡ଼ିଶାର ଗଞ୍ଜାମ ଜିଲାର ଖଣ୍ଡାରା ଗାଁର ବାସିନ୍ଦା ଏବଂ ମୁମ୍ବାଇରେ ରହୁଥିଲେ, ତାଙ୍କର ଅନ୍ୟ ଦୁଇ ସହଯୋଗୀ ମୁମ୍ବାଇର ଅଟନ୍ତି। ରିପୋର୍ଟ ଅନୁସାରେ, ଏହି ତିନିଜଣ ସୋସିଆଲ ମିଡିଆରେ ନକଲି ବିଜ୍ଞାପନ ପ୍ରଚାର କରିଥିଲେ ଏବଂ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ଆଧିକାରିକ ବିଜ୍ଞପ୍ତି ପରି ଦେଖାଯାଉଥିବା ଜାଲି ଦଲିଲ ବ୍ୟବହାର କରି ଚାକିରୀ ଆଶାୟୀମାନଙ୍କୁ ଭୁଲାଇଥିଲେ। ପ୍ରାରମ୍ଭରେ, ସେମାନେ ଚାକିରି ଆଶାୟୀଙ୍କଠାରୁ ୫,୦୦୦ ଟଙ୍କା ଅଗ୍ରୀମ ନେଉଥିଲେ ଏବଂ (ନକଲି) ଚାକିରୀ ଅଫର ଲେଟର ଜାରି କରିବା ପରେ ୭୦,୦୦୦ ଟଙ୍କା ଦେବାକୁ କହୁଥିଲେ।

୨୦ ଏପ୍ରିଲରେ ସୁନୀଲ କୁମାର ସାହୁ, ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟସ, ଭୁବନେଶ୍ୱର (ବୈଦେଶିକ ମନ୍ତ୍ରଣାଳୟ)ଙ୍କ ଅଭିଯୋଗ ଆଧାରରେ, ଭୁବନେଶ୍ୱରର ଖାରବେଳ ନଗର ଥାନା ଅଧୀନରେ ଏକ ହୋଟେଲରେ ଇସ୍ରାଏଲରେ ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ଦେବା ନାମରେ ଏକ ନକଲି ସାକ୍ଷାତକାର ଆୟୋଜିତ ହେଉଥିବା ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଆଧାରରେ, ପୁଲିସ ଚାକିରୀ ଠକେଇ ମାମଲାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ବୈଦେଶିକ ମନ୍ତ୍ରଣାଳୟ କିମ୍ବା କୌଣସି ନିବନ୍ଧିତ ନିଯୁକ୍ତି ଏଜେନ୍ସି ଦ୍ୱାରା ଅନୁମୋଦିତ ନ ଥିଲେ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଅନେକ ପ୍ରାର୍ଥୀଙ୍କ ରେଜ୍ୟୁମ, ଜାଲି ଦଲିଲ ଏବଂ ୪ ଟି ମୋବାଇଲ ଫୋନ ଜବତ କରିଛି।

## ସ୍ତ୍ରୀଙ୍କ ସାମ୍ନାରେ ସ୍ୱାମୀଙ୍କୁ ନିର୍ମମ ହତ୍ୟା

**ଢେଙ୍କାନାଳ,୨୧।୪((ସଂଚାର ବ୍ୟୁରୋ):** ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କାରିଗର ସାହିରେ ଘଟିଛି ଏକ ଅଭାବନୀୟ କାଣ୍ଡ। ସ୍ଥାନୀୟ ଯୁବକ ମହେଶ୍ୱର ବେହେରା ଓରଫ ଟିଟନ ନାମକ ଜଣେ ଯୁବକଙ୍କୁ ଗୁଳି ଏବଂ ପରେ ପଥରରେ ଛେଚି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟାକାଣ୍ଡ ଘଟାଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ସୂଚନାନୁଯାୟୀ, କାରିଗର ସାହି ବାସିନ୍ଦା ଟିଟନ ରାତି ପ୍ରାୟ ୧୧ଟା ବେଳକୁ ଘରକୁ ଫେରୁଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କ ଉପରକୁ ଅଚାନକ ଗୁଳି ଚଳାଇଥିଲେ। ଟିଟନଙ୍କ ଗୋଡ଼ରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ଖସି ପଡ଼ିଥିଲେ। ଘଟଣାଟି ତାଙ୍କ ଘରଠାରୁ ଅଳ୍ପ ଦୂରରେ ଘଟିଥିବାରୁ ଗୁଳି ଶବ୍ଦ ଶୁଣି ତାଙ୍କ ସ୍ତ୍ରୀ ବାହାରକୁ ଦୌଡ଼ି ଆସିଥିଲେ। ଟିଟନ ଜୀବନ ବିକଳରେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ସେଠାରୁ ଘୋଷାଡ଼ି ନେଇ ଅନ୍ୟ ଏକ ସ୍ଥାନରେ ପଥର ଛେଚି ହତ୍ୟା କରିଥିଲେ ଓ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୁରୀରେ ହେବ ପଞ୍ଚାୟତିରାଜ ଦିବସ



**ଭୁବନେଶ୍ୱର,୨୧।୪:** ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ବ୍ୟାପକ ପ୍ରସ୍ତୁତି ଚାଲିଛି । ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ବିଧାୟକ, ସାଂସଦ ଏବଂ ରାଜ୍ୟ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏହି ଉତ୍ସବରେ ସାମିଲ ହେବେ । ଏହି ଅବସରରେ ଅନୁଷ୍ଠିତ ସମାବେଶରେ ପ୍ରାୟ ୨୫ ହଜାର ଲୋକ ଯୋଗଦେବେ ବୋଲି ସୂଚନା ମିଳିଛି ।

୧୯୯୩ ମସିହା ଏପ୍ରିଲ ୨୦ ତାରିଖରେ ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନକୁ ରାଷ୍ଟ୍ରପତି ସ୍ୱୀକୃତି ଦେଇଥିଲେ । ସେହିଦିନଠାରୁ ୭୩ତମ ସମ୍ବିଧାନ ସଂଶୋଧନ ଲାଗୁ ହୋଇଥିବା ବେଳେ ୭୪ତମ ସମ୍ବିଧାନ ସଂଶୋଧନ କିନ୍ତୁ ସେ ବର୍ଷ ଜୁନ୍ ପହିଲାରୁ ଲାଗୁ ହୋଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ୭୩ତମ ସମ୍ବିଧାନ ସଂଶୋଧନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଇଥିବାବେଳେ ୭୪ତମ ସମ୍ବିଧାନ ସଂଶୋଧନରେ ନଗରପାଳିକାଗୁଡ଼ିକ ସଂପର୍କରେ ନୂଆ ବ୍ୟବସ୍ଥା ଖଞ୍ଜା ଯାଇଥିଲା । ଏହା ପରଠାରୁ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ସାରା ଦେଶରେ ପାଳନ କରାଯାଉଛି ।

ତେବେ ନବେ ଦଶକରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ପଞ୍ଚାୟତିରାଜ କ୍ଷେତ୍ରରେ ବ୍ୟାପକ ସଂସ୍କାର ଅଣାଯିବା ସହ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ବ୍ୟବସ୍ଥା ରହିଥିଲା । ଏହାକୁ ଆଧାର କରି ଓଡ଼ିଶା ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରି ଆସୁଥିଲେ । ଚଳିତବର୍ଷ ଠାରୁ ଓଡ଼ିଶା ସରକାର ମାର୍ଚ୍ଚ ୫କୁ କେବଳ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଭାବେ ପାଳନ କରି ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିର କାର୍ଯ୍ୟକାରିତା ଲାଗି ପ୍ରଥମ ଅନୁପାଳନ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହେବାକୁ ଯାଉଛି । ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବାରମ୍ବାର ପୁରୀ ଗସ୍ତରେ ଆସି ଏହି କାର୍ଯ୍ୟକ୍ରମର ସଫଳତା ସଂକ୍ରାନ୍ତରେ ଅନୁଧ୍ୟାନ କରୁଛନ୍ତି ।

ମୋହନ ସରକାରଙ୍କ ଏହା ପ୍ରଥମ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମ ହେଉଥିବାରୁ ସେଥିରେ ଯେଭଳି କୌଣସି ତ୍ରୁଟି ନରୁହେ ତାହା ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ତଦାରଖ କରୁଛନ୍ତି । ଏଥିପାଇଁ ସଭା ମଞ୍ଚ ନିର୍ମାଣ ଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକରୁ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସୁଥିବା ଲୋକମାନଙ୍କର ଯାନବାହନ ପାର୍କିଂ ଓ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଶ୍ରୀକ୍ଷେତ୍ର ପୁରୀରେ ଆଇନ୍‌ଶୃଙ୍ଖଳା ରକ୍ଷା ଉପରେ ବି କର୍ତ୍ତୃପକ୍ଷ ଧ୍ୟାନ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁଆସୁଥିବା ପ୍ରାୟ ୨୫ ହଜାର ପ୍ରତିନିଧିଙ୍କ ପାଇଁ ଭୋଜନ ଓ ଜଳପାନ ବ୍ୟବସ୍ଥାରେ ଯେଭଳି ତ୍ରୁଟି ନରୁହେ ଏବଂ ଗ୍ରୀଷ୍ମ ପ୍ରବାହ ଚାଲିଥିବାରୁ ଯେପରି ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଏ ସେ ଦିଗରେ ମଧ୍ୟ ଦୃଷ୍ଟି ଦିଆଯାଉଥିବା ଜଣାପଡିଛି ।

କେବଳ ସେତିକି ନୁହେଁ, ଏହି କାର୍ଯ୍ୟକ୍ରମ ପାଇଁ ହେଲିପ୍ୟାଡ୍ ବ୍ୟବସ୍ଥା ସହିତ ଆସୁଥିବା ନେତା ଓ ଅଧିକାରୀମାନଙ୍କ ରହଣୀ ଲାଗି ସର୍କିଟ୍ ହାଉସ୍ ସମେତ ଅନ୍ୟାନ୍ୟ ସରକାରୀ ଡାକବଙ୍ଗଳାଗୁଡ଼ିକରେ ମଧ୍ୟ ଆୟୋଜନ ଚାଲିଛି । ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲାର କେଉଁ ଅଧିକାରୀ କେଉଁ ଦାୟିତ୍ୱରେ ରହିବେ ତାହା ମଧ୍ୟ ବଣ୍ଟନ କରାଯାଇଛି । ଏହାଛଡ଼ା ଏତେ ସଂଖ୍ୟକ ଲୋକ ଆସୁଥିବାରୁ ସେଦିନ ଶ୍ରୀମନ୍ଦିରରେ ଅଧିକ ଗହଳି ହେବା ସମ୍ଭାବନା ଥିବା ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ବଜାୟ ସହିତ କିଭଳି ସମସ୍ତେ ସୁବିଧାରେ ଦର୍ଶନ କରିପାରିବେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି । (ତଥ୍ୟ)

SANCHAR
ସଂଚାର

୪ ମଙ୍ଗଳବାର ୨୨ ଏପ୍ରିଲ ୨୦୨୫, ଭୁବନେଶ୍ୱର
Tuesday 22 April 2025 Bhubaneswar

# ମେଣ୍ଟ ରାଜନୀତିର ସମୀକରଣ

ଜାତୀୟ ରାଜନୀତିରେ ଏବେ ଦୁଇଟି ମୁଖ୍ୟ ଜାତୀୟ ଦଳର ନେତୃତ୍ୱରେ ଚାଲିଥିବା ମେଣ୍ଟ ମଧରେ ମୁକାବିଲା ହେଉଛି। ଗୋଟିଏ ହେଲା ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ ଅନ୍ୟଟି ହେଲା କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ ଯାହା ପୂର୍ବରୁ ୟୁପିଏ ନାମରେ ପରିଚିତ ଥିଲା। ଇଣ୍ଡିଆ ବ୍ଲକରେ ବାମପନ୍ଥୀ ମେଣ୍ଟ ସାମିଲ ରହିଛି। ଆଉ କିଛି ଦଳ ଉଭୟ ମେଣ୍ଟରୁ ସମଦୂରତା ବଜାୟ ରଖିଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା କମ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ, ୟୁପିରେ ମାୟାବତୀଙ୍କ ବିଏସପି, ପଞ୍ଜାବରେ ଶିରୋମଣି ଅକାଳି ଦଳ, ତେଲଙ୍ଗାନାରେ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ଜାମ୍ମୁ-କାଶ୍ମୀରରେ ମେହବୁବା ମୁଫତିଙ୍କ ପିଡିପି ଇତ୍ୟାଦି କିଛି ଦଳ ଏହି ଶ୍ରେଣୀଭୁକ୍ତ ଅଛନ୍ତି। ତେବେ ଜାତୀୟ ରାଜନୀତିରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧରେ ହେଉଛି। କିନ୍ତୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ଅଂଶୀଦାର ଦଳମାନଙ୍କ ମଧରେ ବୁଝାମଣା ନାହିଁ। ଅଧିକାଂଶ ରାଜ୍ୟରେ ସେମାନେ ପରସ୍ପର ବିରୋଧରେ ଲଢୁଛନ୍ତି। ଦିଲ୍ଲୀ ଏବଂ ହରିୟାନାରେ କଂଗ୍ରେସ ତଥା ଆପ ପରସ୍ପର ବିରୋଧରେ ଲଢ଼ି ପରାଜିତ ହେଲେ। ପଶ୍ଚିମବଙ୍ଗରେ ମମତାଙ୍କ ତିଏମସି ଏକଲା ଚଲୋ ନୀତିରେ ଚାଲିଛି। ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ମେଣ୍ଟକୁ ମମତା ହେୟଜ୍ଞାନ କରୁଛନ୍ତି। ସେହିପରି ୟୁପି ବ୍ୟତିତ ଅନ୍ୟ କେତେକ ରାଜ୍ୟରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧରେ ବୁଝାମଣା ନାହିଁ। ନିର୍ବାଚନରେ ଆସନ ବୁଝାମଣା ନହେବା ଭିନ୍ନ କଥା। କିନ୍ତୁ ବଡ଼ କଥା ହେଲା ଏହିସବୁ ଦଳମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ଏହାର କାରଣ ହେଲା ସହଯୋଗୀ ବା ମିତ୍ର ଦଳମାନଙ୍କ ମଧରେ ଉତ୍ତମ ବୁଝାମଣା ବା ବିଶ୍ୱାସ ନାହିଁ। କେବଳ କ୍ଷମତା ପାଇଁ ବା ବିଜେପିକୁ ପରାଜିତ କରିବା ନିମନ୍ତେ ଏମାନେ ଏକାଠି ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ଏମାନେ ଏକାଠି ହୋଇନାହାଁନ୍ତି। ଯେ ପର୍ଯ୍ୟନ୍ତ ବନ୍ଧୁ ଦଳମାନଙ୍କ ମଧରେ ପରସ୍ପର ପ୍ରତି ଆସ୍ଥା, ବିଶ୍ୱାସ ଏବଂ ସମ୍ମାନ ନରହିବ ସେ ପର୍ଯ୍ୟନ୍ତ ମେଣ୍ଟ ସଫଳ ହେବ ନାହିଁ ବା ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। କେବଳ ଇଣ୍ଡିଆ ବ୍ଲକ ନୁହେଁ, ଶାସକ ଏନଡିଏରେ ମଧ ଅଂଶୀଦାର ଦଳମାନଙ୍କ ମଧରେ ଆସ୍ଥା ଏବଂ ବିଶ୍ୱାସର ଅଭାବ ରହିଛି। ଏହାର ଉଦାହରଣ ବିହାରରେ ଦେଖିବାକୁ ମିଳିବ। ରାଜ୍ୟରେ ବିଜେପି ଓ ଜେଡିୟୁ ମଧରେ ବୁଝାମଣା ଥିଲେ ମଧ ଦୁଇ ଦଳ ପରସ୍ପର ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ନୀତିଶ କୁମାର ବାରମ୍ବାର ଏନଡିଏରୁ ଓହରିଯାଉଛନ୍ତି, ପୁଣି ସାମିଲ ହେଉଛନ୍ତି। ମହାରାଷ୍ଟ୍ରରେ ତିନିଦଳକୁ ନେଇ ଗଠିତ ମହାୟୁତିରେ ସମାନ ପରିସ୍ଥିତି। କିଛି ମାସ ତଳେ ଅନୁଷ୍ଠିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ ବା ମହାୟୁତି ବିପୁଳ ବିଜୟ ହାସଲ କରିଥିଲା। ବିଜେପି ବ୍ୟତିତ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ମହାୟୁତିର ଅଂଶୀଦାର ଦଳ। ରାଜ୍ୟ ବିଧାନସଭାର ମୋଟ ୨୮୮ ଆସନ ମଧରୁ ମହାୟୁତି ୨୩୨ ଆସନ ଜିତି ଏକପ୍ରକାର ଇତିହାସ ରଚନା କରିଥିଲା। ମେଣ୍ଟର ମୁଖ୍ୟ ବା ବୃହତମ ଅଂଶୀଦାର ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉଭୟେ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସରକାର ସପକ୍ଷରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ରହିଛି। ବିରୋଧୀ ସେମାନଙ୍କ ଆଖପାକରେ ମଧ ନାହାଁନ୍ତି। କେନ୍ଦ୍ରରେ ମଧ ସେମାନଙ୍କ ସରକାର ଚାଲିଛି। ଏବେ ୫ ବର୍ଷ ସମ୍ପୂର୍ଣ୍ଣ ଶାସନ କରିବାର ସୁଯୋଗ। କିନ୍ତୁ ବିଜେପି ଓ ସିନ୍ଦେଙ୍କ ଶିବସେନା ମଧରେ ବିଭେଦ ଆରମ୍ଭ ହୋଇଯାଇଛି। ନିର୍ବାଚନରେ ଆଶାତୀତ ସଫଳତା ପରେ ସରକାରର ନେତୃତ୍ୱ ପ୍ରସଙ୍ଗ ନେଇ ବେଶ କିଛି ଦିନ ବିବାଦ ଚାଲିଲା। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାୟୁତି ସରକାରର ସଫଳତା ସପକ୍ଷରେ ପୁନର୍ବାର ମହାରାଷ୍ଟ୍ରବାସୀ ରାୟ ଦେଇଥିଲେ। ତେଣୁ ସଂଖ୍ୟା ଦୃଷ୍ଟିରୁ କମ ହେଲେ ବି ଶିବସେନା ନେତା ଏକନାଥ ସିନ୍ଦେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କ ସମର୍ଥକମାନେ ମତବ୍ୟକ୍ତ କରିଥିଲେ। କିନ୍ତୁ ବାସ୍ତବତା ହେଲା ମହାରାଷ୍ଟ୍ରବାସୀ ବିଜେପି ନେତୃତ୍ୱାଧିନ ଏନଡିଏ ସପକ୍ଷର ରାୟ ଦେଇଥିଲେ। ଏକନାଥ ସିନ୍ଦେଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବାକୁ ମହାୟୁତି ସପକ୍ଷରେ ଜନମତ ଯାଇନଥିଲା। ବିଜୟରେ ସିନ୍ଦେଙ୍କ ଭୂମିକା ମହତ୍ୱପୂର୍ଣ୍ଣ ଥିଲା ଏକଥାକୁ ଅସ୍ୱୀକାର କରାଯାଇପାରିବନି। କିନ୍ତୁ ମେଣ୍ଟର ବୃହତ୍ତମ ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ହେବାର ଯଥାର୍ଥତା ଥିଲା। ଲୋକେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ। ମହାରାଷ୍ଟ୍ରରେ ସେ ଜଣେ ଲୋକପ୍ରିୟ ନେତା ଏବଂ ତାଙ୍କ ପୂର୍ବ ମୁଖ୍ୟମନ୍ତ୍ରୀତ୍ୱ ବେଶ ସଫଳ ହୋଇଥିଲା। ସେଥିପାଇଁ ୨୦୧୯ରେ ମହାରାଷ୍ଟ୍ରରେ ଏନଡିଏ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା। ଉଦ୍ଧବ ଠାକରେଙ୍କ ଖଳ ବୁଦ୍ଧିରେ ଏନଡିଏ ନିର୍ବାଚନ ଜିତିବା ସତ୍ତ୍ୱେ ସରକାର ଗଠନ କରିପାରିଲାନି ସତ୍ୟ, ମାତ୍ର ଜନମତ ଦେବେନ୍ଦ୍ର ଫଡ଼ନାବିଶଙ୍କ ସପକ୍ଷରେ ଯାଇଥିଲା। ଗତ ନିର୍ବାଚନରେ ମହାୟୁତିର ବିଜୟ ପରେ କିଏ ହେବ ମୁଖ୍ୟମନ୍ତ୍ରୀ, ସେଥିନେଇ ବେଶ କିଛି ଦିନ କସରତ ଚାଲିଲା। ସିନ୍ଦେ କିଛି ଦିନ ନିଜ ଗାଁରେ ଯାଇ ଜ୍ୱର ହୋଇଛି ବୋଲି କହି ଲୁଚିଲେ। ଶେଷରେ ବିବାଦ ତୁଟିଲା ଏବଂ ଫଡ଼ନାବିଶ ହେଲେ ମୁଖ୍ୟମନ୍ତ୍ରୀ। ଅତୀତରେ ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ଥିଲେ, କିନ୍ତୁ ସିନ୍ଦେ ସରକାରରେ ସେ ଉପ-ମୁଖ୍ୟମନ୍ତ୍ରୀ ହେଲେ। ଏବେ ଫଡ଼ନାବିଶ ସରକାରରେ ସିନ୍ଦେ ହୋଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏଥିରେ କିଛି ଅସୁବିଧା ନାହିଁ। ମେଣ୍ଟ ରାଜନୀତିରେ ଏଭଳି କିଛି ସାଲିସ କରିବାକୁ ପଡ଼ିବ। ଏହା ହେଉଛି ମେଣ୍ଟ ଧର୍ମ। ନଚେତ ମେଣ୍ଟ ତିଷ୍ଠିବ ନାହିଁ। ଶିବସେନା ପାଇଁ ବିଜେପି ଅନେକ ତ୍ୟାଗ ସ୍ୱୀକାର କରିଛି। ଏବେ ସିନ୍ଦେଙ୍କ ପାଳି ଋଣ ପରିଶୋଧ କରିବାର। ସରକାର ଗଠନ ପରଠାରୁ ମହାୟୁତିରେ କିଛି ନା କିଛି ବିବାଦ ଲାଗି ରହିଛି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ସହ ଅଜିତ ପାୱାରଙ୍କ ଏନସିପି ଏବଂ ବିଜେପି ନେତାଙ୍କ ମତାନ୍ତର ଲାଗି ରହିଛି। ଏବେ ସିନ୍ଦେ କହିଛନ୍ତି ଯ, ମହାୟୁତିରେ କୋ÷ଣସି ମତଭେଦ ବା ଅଂଶୀଦାର ଦଳ ମଧରେ ବିଭେଦ ନାହିଁ। ତାଙ୍କୁ ଏଭଳି ସ୍ପଷ୍ଟିକରଣ କାହିଁକି ଦେବାକୁ ପଡ଼ିଲା ? ଗଣମାଧମରେ ଏଭଳି କିଛି ଖବର ପ୍ରକାଶ ପାଇବା ପରେ ସେ ଏହାର ସ୍ପଷ୍ଟିକରଣ ଦେଇଛନ୍ତି। ନିଆଁ ନଥିଲେ ଧୂଆଁ ବାହାରେ ନାହିଁ। ମହାୟୁତିରେ କିଛି ନା କିଛି ଆଭ୍ୟନ୍ତରୀଣ ବିବାଦ ନିଶ୍ଚିତ ଭାବେ ରହିଛି। ଆଶା ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏଥିରେ ହସ୍ତକ୍ଷେପ କରିବେ ଏବଂ ବିବାଦର ସମାଧାନ ଶୀଘ୍ର ହୋଇଯିବ। ଏନଡିଏରେ ସିନ୍ଦେଙ୍କୁ ଯଥେଟେ ସମ୍ମାନ ଏବଂ ସ୍ୱୀକୃତି ମିଳିଛି। ତାଙ୍କୁ କେହି ଅବମାନନା କରୁନାହାଁନ୍ତି। ତଥାପି ସେ କାହିଁକି ଅସନ୍ତୁଷ୍ଟ ରହୁଛନ୍ତି ତାହା ବିସ୍ମୟଜନକ। ଫଡ଼ନାବିଶ ସରକାର ଶିବସେନାର ସମର୍ଥନ ଉପରେ ନିର୍ଭର କରୁନି। ମେଣ୍ଟରୁ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓହରିଗଲେ ମଧ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ସଂଖ୍ୟା ରହିଛି। ତେଣୁ ସରକାର ପ୍ରତି ବିପଦ ନାହିଁ। କିନ୍ତୁ ମେଣ୍ଟରୁ ଏକ ପ୍ରମୁଖ ଅଂଶୀଦାର ଦଳ ଓହରିଯିବା ଦ୍ୱାରା ମହାୟୁତିର ବିଶ୍ୱସନୀୟତା ପ୍ରତି ଆଞ୍ଚ ଆସିବ। ଲୋକେ ଯେଉଁ ଭରସାରେ ମହାୟୁତି ସପକ୍ଷରେ ରାୟ ଦେଇଥିଲେ ତାହା ତୁଟିଯିବ। ଏହା ଜନତାଙ୍କ ପ୍ରତି ଧୋକା ହେବ। ଅତୀତରେ ଉଦ୍ଧବ ଠାକରେ ଯେଉଁ ଭୁଲ କରିଥିଲେ, ସିନ୍ଦେ ସେହି ଭୁଲର ପୁନରାବୃତ୍ତି କରିବେ ନାହିଁ ବୋଲି ବିଶ୍ୱାସ। ତାଙ୍କ ଦଳର ଏତେ ସଂଖ୍ୟାରେ ବିଧାୟକ ଜିତିଛନ୍ତି କେବଳ ମେଣ୍ଟ ସପକ୍ଷରେ ରାୟ ଯୋଗୁ। ଏହାକୁ ସେ ଭୁଲିଯିବା ଅନୁଚିତ। ମହାୟୁତିରେ ବିଭେଦ କଂଗ୍ରେସ ନେତୃତ୍ୱାଧିନ ଏମଭିଏ ପାଇଁ ପୁନର୍ବାର ସୁଯୋଗ ସୃଷ୍ଟି କରିପାରେ। ତେଣୁ ବିଭେଦ ତୁଟାଇବାକୁ ଫଡ଼ନାବିଶଙ୍କ ସହ ଅମିତ ଶାହା ଏବଂ ଜେ ପି ନଡ୍ଡା ତୁରନ୍ତ ପ୍ରୟାସ କରିବା ଉଚିତ। ଯଦି ମହାୟୁତି ସୁଦୃଢ଼ ରହିବ ତେବେ ଏମଭିଏ ଦୁର୍ବଳ ହେବ। ନଚେତ ଏମଭିଏ କ୍ଷମତାକୁ ଫେରିବାକୁ ଅଧିକ ସମୟ ଲାଗିବ ନାହିଁ। ଦେବେନ୍ଦ୍ର ଫଡ଼ନାବିଶ ଜଣେ ଦକ୍ଷ ଏବଂ ପରିପକ୍ୱ ନେତା। ସେ ସବୁ କଥା ସମ୍ଭାଳି ନେବେ ବୋଲି ବିଶ୍ୱାସ।

# ବ୍ୟାଙ୍କ ଉପରୁ ଭରସା କମୁଛି



**ସୁବାସ ଷଡଙ୍ଗୀ**

ଗତ କେତେବର୍ଷ ଧରି ଅର୍ଥ ବିନିଯୋଗକାରୀମାନେ ବଜାର ମନସ୍କ ହୋଇ ପଡିଛନ୍ତି। ବ୍ୟାଙ୍କ ବା ଡାକଘରେ ସେମାନେ ରଖିଥିବା ନିଜର ସଂଚିତ ପୁଂଜିକୁ ମ୍ୟୁଚୁଆଲ ଫଣ୍ଡ ବା ଶେୟାର ମାର୍କେଟରେ ବିନିଯୋଗ କରିବାକୁ ଦ୍ୱିଧା ପ୍ରକାଶ କରୁନାହାନ୍ତି। ନିକଟରେ ଅର୍ଥ ମନ୍ତ୍ରାଳୟ ଅଧୀନରେ ଥିବା ଡିପାର୍ଟମେଂଟ ଅଫ ଫାଇନାନସିଆଲ ସର୍ଭିସେସ, ସଂସଦ ଷ୍ଟାଣ୍ଡିଂ କମିଟି ନିକଟରେ ଏ କଥା ପ୍ରକାଶ କରିଛନ୍ତି। ସେମାନଙ୍କର ଯୁକ୍ତି ଯେ ଘରୋଇ ସଂଚୟ ଏଇପରି ଭାବରେ ବଜାରମୁଖୀ ହେବା ଫଳରେ ମଧବିତ ଶ୍ରେଣୀର ଲୋକମାନଙ୍କ ମଧରେ ବ୍ୟାଙ୍କରେ ଅର୍ଥ ସଂଚୟ କରିବାକୁ ଚାହୁଁ ନାହାନ୍ତି। ଏହା ହୁଏତ ଭବିଷ୍ୟତରେ ମଧବିତ ଶ୍ରେଣୀର ଲୋକମାନଙ୍କ ମଧରେ ଅର୍ଥ ସଂଚୟକୁ ନେଇ ସଂକଟ ସୃଷ୍ଟି କରିପାରେ। ସେଇପରି ଯଦି ବ୍ୟାଙ୍କରେ ଯଦି ସଂଚୟର ହାର କମିଯାଏ ତେବେ ବ୍ୟାଙ୍କ ପାଖରେ ମଧ ନଗଦ ଯୋଗାଣ ହ୍ରାସ ପାଇବ। ଫଳରେ ନୂତନ ଋଣ ଦେବାରେ ସମସ୍ୟା ଦେଖାଦେଇପାରେ।

ସାଧାରଣ ଲୋକଙ୍କ ସଂଚୟକୁ ପୁଂଜି କରି ବ୍ୟାଙ୍କ ସହଜ ଓ ଶସ୍ତାରେ ବେପାର କରୁଥିଲା। ଆଉ ତାହା ହୁଏତ ସମ୍ଭବ ହୋଇ ନପାରେ। ପୁନଶ୍ଚ ଅର୍ଥମନ୍ତ୍ରାଳୟ ଆଶଙ୍କା ପ୍ରକାଶ କରିଛି , ଯଦି ବ୍ୟାଙ୍କର ଅମାନତ ପରିମାଣ ବଢାଇ ଦିଆଯାଏ ,ତେବେ ଋଣ ଦେବା ପାଇଁ ବ୍ୟାଙ୍କ ଅଧିକ ଅର୍ଥ ପାଇପାରିବ ନାହିଁ। ସୁଧର ହାର ବ୍ୟାଙ୍କ ଏବେ କମ ଦେଉଛି। ବ୍ୟାଙ୍କ ପ୍ରତି ସଂଚୟକାରୀମାନେ ମୁହଁ ଫେରାଇନେବାର ଇଏ ଏକ କାରଣ। ଯଦି ବ୍ୟାଙ୍କ ସୁଧର ହାର ନ ବଢାଏ, ତେବେ ଶେୟାର ବଜାରରେ ବିନିଯୋଗ କରିଥିବା ଲୋକଟି କଣ ପାଇଁ ବ୍ୟାଙ୍କରେ ଟଙ୍କା ଜମା ଦେବ? ଯଦି 'କଷ୍ଟ ଅଫ ଫଣ୍ଡସ' ବଢେ ତେବେ ବ୍ୟାଙ୍କର କ୍ଷତି ହେବ। ଏଣୁ ଷ୍ଟାଣ୍ଡିଂ କମିଟି ଆଗରେ ଅର୍ଥ ମନ୍ତ୍ରାଳୟ ଯୁକ୍ତି ବାଢିଛି ଯେ ବ୍ୟାଙ୍କ ହାତରେ ନଗଦ ଯୋଗାଣର ପରିମାଣକୁ ଅଧିକ ସରଳ କରିବାକୁ ହେବ।

ମନ୍ତ୍ରାଳୟର ଯୁକ୍ତି ହେଉଛି, ଅର୍ଥନୀତିର କେତେକ କ୍ଷେତ୍ରରେ ଲୋକଙ୍କର ଆଉ ଭରସା ନାହିଁ। ସେମାନେ ଚାହାନ୍ତି, ରାତାରାତି ଧନୀ ହେବାକୁ। ଡିଜିଟାଇଜେସନ ହେବା ଫଳରେ ଭୋଗପଣ୍ୟ ପାଇଁ ଋଣ ପାଇବା ସହଜ ହୋଇଛି। ସେଥିପାଇଁ ଲୋକମାନେ ମଧ ଆଗ୍ରହ ପ୍ରକାଶ କରୁଛନ୍ତି। ବିଶ୍ୱର ବହୁ ଦେଶରେ ଆୟ ଅନୁପାତରେ ଘର ଓ ଭୋଗପଣ୍ୟ ପାଇଁ ଋଣର ପରିମାଣ ବଢୁଛି। ଏମିତିକି ନିଜ ରୋଜଗାରର ନବେ ଭାଗ ଋଣବାବଦ କିସ୍ତି ଦେବାରେ ଚାଲି ଯାଉଛି। ଏମିତି ବି ହେଉଛି, ମଧବିତ ଶ୍ରେଣୀର ଲୋକମାନେ ଭୋଗପଣ୍ୟ ପାଇଁ ଋଣ ନେଇ ତାହାକୁ ଶେୟାର ବଜାର ବା ମ୍ୟୁଚିଆଲ ଫଣ୍ଡରେ ବିନିଯୋଗ କରୁଛନ୍ତି। ଆମେରିକା ଭଳି ଦେଶରେ ଏଇ କାରଣରୁ ବ୍ୟାଙ୍କ ଦେବାଳିଆ ହେବା ଭଳି ଅବସ୍ଥା ଆସିଯାଇଥିଲା। ବଜାରରେ ମାନ୍ଦାବସ୍ଥା ଦେଖାଦେବା ଫଳରେ ସେମାନେ ଋଣ କିସ୍ତି




ଦେବା ସହଜ ହୋଇ ନଥିଲା। ଆମ ଭାରତରେ ବିଗତ ଦଶ ପନ୍ଦର ବର୍ଷ ହେଲା ମଧବିତ ଶ୍ରେଣୀର ଲୋକମାନଙ୍କ ମଧରେ ବ୍ୟାଙ୍କରେ ସଂଚୟ କରିବାର ଇଛା କମିବାରେ ଲାଗିଛି। ସେମାନେ ଶେୟାର ବଜାର ଆଡକୁ ଢଳୁଛନ୍ତି। ଶେୟାର ବଜାରରେ ସେମାନଙ୍କୁ ଅଧିକ ରିଟର୍ନ ମିଳୁଛି। ଶେୟାର ବଜାରରେ ରିସ୍କ ଅଛି। କିନ୍ଚ ଲାଭ ମଧ ଅଛି। ଆଜିର ଯୁବକମାନେ ରିସ୍କ ନେବାକୁ ଚାହାନ୍ତି। ତାଛଡା ଗତ ତିନିବର୍ଷ ଭିତରେ ଶେୟାର ମାର୍କେଟରୁ ଭଲ ରିଟର୍ନ ମଧ ମିଳିଥିଲା। ଏଇ କିଛିଦିନ ହେଲା ଶେୟାର ମାର୍କେଟ ଡାଉନ ରହୁଛି। ତେବେ ବିଶାରଦମାନେ କହୁଛନ୍ତି, ଏଭଳି ମାନ୍ଦା ଅବସ୍ଥା ଖୁମ କମ ଦିନ ପାଇଁ ରହିବ। ପୁଣି ବଜାର ଉପରୁକୁ ଉଠିବ।

ବ୍ୟାଙ୍କରେ ଟଙ୍କା ରଖିଲେ କୁହାଯାଏ ଡିପୋଜିଟର ଆଉ ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କଲେ କୁହାଯାଏ ଇନଭେଷ୍ଟର। ଆଜିର ଯୁବ ପିଢି ଇନଭେଷ୍ଟର ହେବାକୁ ଅଧିକ ପସନ୍ଦ କରୁଛନ୍ତି। ଗୋଟାଏ କଥା କୁହାଯାଉଛି, ବ୍ୟାଙ୍କରେ ଟଙ୍କା ରଖିଲେ ସୁଧର ପରିମାଣ କମ ହେଲେ କଣ ଟଙ୍କାଟା ନିରାପଦ ରହେ। ମାତ୍ର ତାହା ମଧ ଭୁଲ। ଆଜିକାଲି ବ୍ୟାଙ୍କ ଯେପରି ଋଣ ଦେଉଛି, ସେଥବରୁ ଅନେକ ଆଦାୟ ହୋଇ ପାରୁ ନାହିଁ। କିଛି ବ୍ୟାଙ୍କ ମଧ ଦେବାଳିଆ ଅବସ୍ଥାକୁ ଚାଲିଯାଉଛି। ଯଦି ବ୍ୟାଙ୍କ ଦେବାଳିଆ ହୋଇଯାଏ ,ତେବେ ଡିପୋଜିଟର ସେମାନଙ୍କ ପୁଂଜି ହରେଇବେ। ସେମାନେ ମାତ୍ର ପାଂଚଲକ୍ଷ ଟଙ୍କା ପାଇବେ। ଏଣୁ ବ୍ୟାଙ୍କରେ ଟଙ୍କା ସଂଚୟ କଲେ ମଧ ସଂକଟର ଆଶଙ୍କା ରହିଛି। କମ ସୁଧ ମିଳିବ ଆଶଙ୍କା ମଧ ରହିବ, ଏ ଦୁଇଟା ଯଦି ବ୍ୟାଙ୍କ ସଂଚୟରେ ଦେଖାଦିଏ ତେବେ ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କଲେ ଅସୁବିଧା କଣ ?

ବ୍ୟାଙ୍କରେ ସଂଚୟର ପରିମାଣ କମିଲେ, ସରକାରଙ୍କ ଚିନ୍ତା ବଢେ। କାରଣ ବ୍ୟାଙ୍କରେ ଥିବା ଟଙ୍କାକୁ ସରକାର ଏମିତି କେତେକ କ୍ଷେତ୍ରରେ ବିନିଯୋଗ କରିବାକୁ କୁହନ୍ତି, ଯେଉଁଥିରେ କମ ସୁଧ ମିଳେ। କୃଷି ଋଣ, ଶିକ୍ଷା ଋଣ ଭଳି ସାମାଜିକ ଦାଇତ୍ୱ ସରକାରଙ୍କ ପକ୍ଷରୁ ବ୍ରଶଙ୍କ ନିର୍ବାହ କରିଥାଏ। ଏଣୁ ବ୍ୟାଙ୍କ ପ୍ରତି ସଂଚୟ କମିଲେ, ବ୍ୟାଙ୍କ ଉପରେ ଚାପ ସୃଷ୍ଟି ହେବ।

ଆଜିକାଲି ପ୍ରତିଯୋଗିତା ବଢି ଚାଲିଛି। ବ୍ୟାଙ୍କକୁ ମଧ ପ୍ରତିଯୋଗିତାରେ ଭାଗ ନେବାକୁ ହେବ। ତା ନହେଲେ ତିଷ୍ଠି ରହିବା ସହଜ ନୁହେଁ। ଜମାକାରୀଙ୍କୁ କମ ସୁଧ ଦେଲେ ସେମାନେ ଆଗ୍ରହ ପ୍ରକାଶ କରିବେ ନାହିଁ। ରିଜର୍ଭ ବ୍ୟାଙ୍କ ଏହା ଭିତରେ ସୁଦର ହାର କମାଇ ଦେଇଛନ୍ତି। କିନ୍ତୁ ସାଧାରଣ ଲୋକେ ଅଧିକ ସୁଧ ଚାହାଁନ୍ତି। ସାଧାରଣ ମାର୍କେଟ ନିର୍ଭର ବିନିଯୋଗ ପାଇଁ ରିଜର୍ଭ ବ୍ୟାଙ୍କ କିଛି ନିୟାମକ ସୃଷ୍ଟି କରିବା ଦରକାର। ମ୍ୟୁଚୁଆଲ ଫଣ୍ଡ ଭଳି ବିନିଯୋଗ ବ୍ୟବସ୍ଥା ଏବେ ଖୁବ ଲାଭ ପ୍ରଦ ହେଉଛି। ବ୍ୟାଙ୍କ ଯଦି ଏସବୁ କ୍ଷେତ୍ରରେ ପ୍ରବେଶ ନକରେ, ତେବେ କେବଳ ବରିଷ୍ଠ ଲୋକମାନଙ୍କ ସଂଚୟକୁ ଛାଡିଦେଲେ, ମଧବିତ ଶ୍ରେଣୀର ସଂଚୟ ହାତେଇବା ସହଜ ହେବ ନାହିଁ। କାରଣ ବ୍ୟାଙ୍କ ଉପରୁ ଲୋକମାନଙ୍କର ଭରସା ତୁଟିବାକୁ ଆରମ୍ଭ କଲାଣି।

**ମୋବାଇଲ୍: ୯୪୩୯୬୫୨୩୨୨**

# ଆଇଏମଡିର ପୂର୍ବାନୁମାନ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଭାରତ ପରି ଏକ ଜନବହୁଳ କୃଷିପ୍ରଧାନ ଦେଶରେ ଚଳିତ ବର୍ଷ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ପୂର୍ବାନୁମାନ ନିଶ୍ଚିତ ଭାବେ ଏକ ଭଲ ଖବର। ଯାହାକି କୃଷି ଓ କୃଷକଙ୍କ ପାଇଁ ନୂତନ ଆଶା ଓ ଉତ୍ସାହ ସୃଷ୍ଟି କରିବାରେ ସହାୟକ ହେବ। ଉଲ୍ଲେଖଯୋଗ୍ୟ ଯେ, ୧୯୭୧ରୁ ୨୦୨୦ ମସିହା ମଧରେ ମୌସୁମୀ ବର୍ଷା ତଥ୍ୟକୁ ଆଧାର କରି ଆଇଏମଡି ଆକଳନ କରିଛି ଯେ, ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧରେ ସ୍ୱାଭାବିକରୁ ଅଧିକ ବର୍ଷା ଦୀର୍ଘ ଅବଧି ହାରାହାରି ୧୦୫ ପ୍ରତିଶତ ବା ୮୭ ସେଂଟିମିଟର ହୋଇପାରେ। ତେବେ ଏହି ପୂର୍ବାନୁମାନ ବିଭିନ୍ନ ମଡେଲକୁ ନେଇ ଆକଳନ କରାଯାଇଥିବାରୁ ମଡେଲ ଜନିତ ତ୍ରୁଟି ପାଇଁ ୫ ପ୍ରତିଶତ ଅଧିକ କିମ୍ବା କମ୍ ବର୍ଷା ହୋଇପାରେ ବୋଲି ଆଇଏମଡି ଆକଳନ କରିଛି। ଏହା ନିଶ୍ଚିତ ଯେ, ଆଇଏମଡିର ଏହି ଆକଳନ ଦେଶରେ ଉତମ ମୌସୁମୀ ବର୍ଷାର ପ୍ରାକ୍ ସଂକେତ ପ୍ରଦାନ କରେ। ତେବେ ଆଇଏମଡିର ଏହି ଆକଳନ ହେବ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସ୍ୱାଭାବିକ ବର୍ଷା ଠାରୁ ଅଧିକ ବର୍ଷା । ଗତ ବର୍ଷ ମୌସୁମୀ ଋତୁରେ ୮ ପ୍ରତିଶତ ଅଧିକ ବର୍ଷା ହୋଇଥିଲା। ଏହା ନିସନ୍ଦେହ ଯେ, ଖରିଫ ଚାଷ ପାଇଁ ଏହା ଏକ ସୁଖଦ ଖବର। ଯାହାକି ଖାଦ୍ୟ ଶସ୍ୟ ମହଜୁଦ ଏବଂ ରପ୍ତାନୀ କ୍ଷେତ୍ରରେ ସହାୟକ ହେବ। ଚଳିତ ବର୍ଷ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରେ ଅଧିକ ପରିମାଣର ଡାଲିଜାତୀୟ ଖାଦ୍ୟ ଶସ୍ୟ କ୍ରୟ କରିବା ଏବଂ ଆମଦାନୀ ବିଲ୍ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଯଥେଷ୍ଟ ଫସଲ ଅମଳ ପାଇଁ ଭଲ ବର୍ଷା ଜରୁରୀ ହୋଇଥିବାବେଳେ ଚାଷୀ ଏ ବର୍ଷ ବିଶେଷ ଲାଭବାନ ହେବା ଆଶା କରାଯାଏ। ଏହାର କାରଣ ହେଉଛି ଏଲ-ନିନୋର ଅନୁପସ୍ଥିତ। ଚଳିତ ବର୍ଷ ମୌସୁମୀ ଋତୁରେ ପ୍ରଶାନ୍ତ ମହାସାଗରୀୟ ଉତପ୍ତ ବାୟୁ ଏଲ-ନିନୋ ପ୍ରବାହର ପ୍ରଭାବ ଭାରତ ଉପରେ ପଡି ନାହିଁ। ଯାହାଦ୍ୱାରା କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଭାରତ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ



୧୦ବର୍ଷ ମଧରୁ ୬ବର୍ଷ ଦୁର୍ବଳ ମୌସୁମୀ ବର୍ଷା ହୋଇଥିଲାବେଳେ ଚଳିତ ମୌସୁମୀ ଋତୁରେ ଏଥର ଏଲ-ନିନୋର ଅନୁପସ୍ଥିତ ଦେଶ ତଥା ଭାରତୀୟ କୃଷି ଓ କୃଷକଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇପାରେ। ଅନ୍ୟପକ୍ଷରେ ବଙ୍ଗୋପସାଗର ଏବଂ ଆରବ ସାଗରରେ ବହୁବାର ଲଘୁଚାପ ତଥା ସାମୁଦ୍ରିକ ଝଡ ବାତ୍ୟା, ଯାହାକି ମୌସୁମୀ ବର୍ଷାକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ଚଳିତ ବର୍ଷ ମୌସୁମୀ କେବେ କେରଳରେ ପ୍ରବେଶ କରିବ, ସେ ନେଇ ଆଇଏମଡି ନୀରବ ରହିଛି। ଏହା ନିସନ୍ଦେହ ଯେ, ବାସ୍ତବ କ୍ଷେତ୍ରରେ ମୌସୁମୀର ସଠିକ ଆକଳନରେ ଆଇଏମଡିର ଦୁର୍ବଳ ରେକର୍ଡ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ଆଇଏମଡିର ପ୍ରଥମ ଆକଳନ ୪୨ପ୍ରତିଶତ କମ୍ ରହିଛି। ପ୍ରବଳ ବର୍ଷା ଏବଂ ସ୍ୱଳ୍ପ ବୃଷ୍ଟିପାତ ଶସ୍ୟ ଅମଳକୁ ପ୍ରଭାବିତ କରିଆସିଛି। ପ୍ରବଳ ବର୍ଷା ଦ୍ୱାରା ଚାଷ ପ୍ରଭାବିତ ହୋଇଥିବାବେଳେ ମରୁଡି ପରିସ୍ଥିତି ଶସ୍ୟହାନୀର କାରଣ ହୋଇଥାଏ। କେବଳ ଶସ୍ୟହାନୀ ନୁହେଁ, ବ୍ୟାପକ ଜୀବନ ହାନୀର କାରଣ ମଧ ହୋଇଥାଏ। ଗତ ବର୍ଷ ଜୁଲାଇ ମାସ ଶେଷ ଭାଗରେ କେରଳର ୱାଇନାଡରେ ପ୍ରଳୟଙ୍କାରୀ ବର୍ଷା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କର ଜୀବନ ହାନୀ ଘଟିଥିବାବେଳେ ବ୍ୟାପକ ଶସ୍ୟ ହାନୀ ମଧ ଘଟିଥିଲା। କିନ୍ତୁ ଏହା ନିଶ୍ଚିତ ଯେ, ଆଇଏମଡିର ପୂର୍ବାନୁମାନ ବର୍ଷା, ବନ୍ୟା, ବାତ୍ୟା ଏବଂ ମରୁଡି ପରି ପ୍ରାକୃତିକ ବିପର୍ଯ୍ୟାର ମୁକାବିଲା ପାଇଁ ଆଗୁଆ ଯୋଜନା ପ୍ରଣୟନ କରିବାରେ ସରକାରଙ୍କୁ ସହାୟକ ହୋଇଥାଏ। ଉଭୟ ଶସ୍ୟ ଓ ଜୀବନହାନୀକୁ ନିୟନ୍ତ୍ରଣ କରିବା ଲାଗି ଭିତିଭୂମୀର ବିକାଶ ସହ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ସେହିପରି ବନ୍ୟା ଏବଂ ଅନ୍ୟ ମୌସୁମୀଜନିତ ପ୍ରାକୃତିକ ବିପର୍ଯ୍ୟାୟର ମୁକାବିଲା ଏବଂ ମୌସୁମୀ ବିନା ଜଳସେଚନ ନେଟୱାର୍କକୁ ସୁଦୃଢ଼ କରିବା ତଥା ମୌସୁମୀ ଉପରେ ନିର୍ଭରଶୀଳତା କମାଇବା ପାଇଁ ଦୀର୍ଘ ମିଆଦ ଯୋଜନା କରିବା ଆବଶ୍ୟକ। ଯାହାକି ଆଇଏମଡିର ପୁର୍ବାନୁମାନ ସନ୍ଦେଶ ପ୍ରଦାନ କରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୯୪୩୭୯୯୪୩୭୯**

# ବାସ୍ତୁ ଓ ବେଡ୍‌ରୁମ୍

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ବଢ଼ିଛି ଜୀବନର ବ୍ୟସ୍ତତା। ଅନିୟମିତ ହୋଇଛି ଦିନଚର୍ଯ୍ୟା। ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା। ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ। ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର। ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ। କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ। ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ। ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ। ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ। ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ। କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ।

ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ ଭଲ ନୁହେଁ। ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବା ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ। କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ। ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏଥିସହିତ ବେଡ୍‌ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ। କାରଣ ଏହା ବେଡ଼ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ।

ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ। ଏହା ବଦଳରେ ଆପଣ ଭଲପାଇବା, ସ୍ନେହ, ପ୍ରେମ, ନିଜସ୍ୱ ପଣର ପ୍ରତୀକ ଥିବା ପେଣ୍ଟିଂ ଲଗାନ୍ତୁ। ଏଥିସହିତ ଧ୍ୟାନ ଦେବା ଜରୁରୀ ଯେ, ବେଡ଼ରୁମ୍ କାନ୍ଥକୁ ଅନେକଗୁଡ଼ିଏ ପେଣ୍ଟିଂ, ଶୋ'ପିସ୍ ଆଦିରେ ସଜାଇ ଭର୍ତ୍ତି କରନ୍ତୁ ନାହିଁ। ବେଡ଼ରୁମ୍ କାନ୍ଥରେ ଉତ୍ତେଜିତ ରଙ୍ଗ ଯେମିତିକି ଗାଢ଼ ଲାଲ, ଗାଢ଼ ସବୁଜ ରଙ୍ଗରେ ପେଣ୍ଟ କରନ୍ତୁ ନାହିଁ। ବରଂ ହାଲ୍‌କା ହଳଦିଆ, ଆଇଭରି ଅଫ୍ ହ୍ୱାଇଟ, ଲାଇଟ ପିଙ୍କ ଭଳି ରଙ୍ଗରେ ପେଣ୍ଟ କରନ୍ତୁ। ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ। ଯଦି ଚାହାନ୍ତି ଛାତର ବଡର୍‌ରରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ପେଣ୍ଟ ଲଗାଇପାରିବେ। ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଅଫିସର୍ ରେକଡର୍, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ। କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ। ବେଡ଼ରୁମ୍‌ର ଶେଲ୍ଫ, ଆଲଣା, ଆଲମିରାରେ ଜିନିଷ ଲଦି ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ବେଡ଼ରୁମ୍‌ର ଆଭ୍ୟନ୍ତରୀଣ ବାତାବରଣ ଭାରି ତଥା ଅଣନିଃଶ୍ୱାସୀ ଲାଗେ। ଅଗ୍ନିର କାରକ ତତ୍ତ୍ୱ ଯେମିତି କି ଟିଭି, ଅଧିକ ଉଜ୍ଜ୍ୱଳ ଲାଇଟ, ରେଫ୍ରିଜେଟର, ହିଟର୍ ବି ରଖନ୍ତୁ ନାହିଁ। ବାୟୁତତ୍ତ୍ୱରେ ବି ସୀମା ରହିବା ଜରୁରୀ, ଯେମିତିକି ବହୁତ ବଡ଼ ବଡ଼ ଝରକା, କବାଟ, ସ୍କାଇଲାଇଟ ରହିବା ଉଚିତ ନୁହେଁ। ଏଥିସହିତ ଖୁବ୍ ଜୋରରେ ବୁଲୁଥିବା ଫ୍ୟାନ୍, କୁଲର୍ ବି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ। କାରଣ ଏହାଦ୍ୱାରା ରୁମ୍ ଭିତରେ ଅସ୍ଥିରତା ବଢ଼ିଥାଏ। ବେଡ଼ରୁମ୍‌ର ଫର୍ଣ୍ଣିଚର ସବୁ କାଠର ହେବା ଜରୁରୀ। କାରଣ ଏହା ଶରୀରର ଉର୍ଜାକୁ ବଜାୟ ରଖିଥାଏ। ଧାତୁ କିମ୍ବା ଅନ୍ୟ କୌଣସି ବସ୍ତୁରେ ତିଆରି ଆସବାପତ୍ର ଶରୀରର ଉର୍ଜାକୁ ନିଷ୍କ୍ରିୟ କରିପାରେ। ବେଡ଼ରୁମ୍‌ଟି ପ୍ରତି ଘରର ଏକ ଗୁରୁତ୍ୱପୂର୍ଣ୍ଣ କୋଠରୀ। ବେଡ଼ରୁମରେ ବିଶେଷକରି ଟିଭି ରଖନ୍ତୁ ନାହିଁ କିମ୍ବା ଠାକୁର ଘର କରି ବେଡ଼ରୁମକୁ ସଜାନ୍ତୁ ନାହିଁ। ସେହିପରି ବେଡ଼ ରୁମରେ ଖାଦ୍ୟ ପଦାର୍ଥ ନଖାଇବା ସବୁଠାରୁ ଭଲ। ବିଶେଷକରି କୌଣସି ପରିସ୍ଥିତିରେ ଏହି ରୁମରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏହି ରୁମ ଭିତରକୁ ଯେପରି ମୁକ୍ତ ପବନ ଆସିବ ସେ ଦିଗକୁ ଦେଖନ୍ତୁ ଏବଂ କୋଠରୀଟିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଆପଣଙ୍କ ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ସକାରାତ୍ମକ ଭାବନା ବେଡ଼ରୁମର ବାସ୍ତୁଦିଗକୁ ଆହୁରି ଗୁରୁତ୍ୱମୟ ଓ ଆନନ୍ଦମୟ ଗଢ଼ି ତୋଳିବ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,**
**କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଦୁର୍ନୀତି, ହିଂସା ଓ ଧ୍ୱଂସମୁଖରୁ ସୁରକ୍ଷାର ମାର୍ଗ



**ଡ଼ଃ. ଅରୁନ୍ଧତୀ ଦେବୀ**

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି। ମହାଶୂନ୍ୟରେ ବିଚରଣ କରୁଛି। ସୁନିତା ଉଇଲିଅମ୍ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି। ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି। କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ। ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ। କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା। କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ। ତ୍ୟାଗଭରା ସ୍ନେହମମତା ବି ନାହିଁ। ସର୍ବୋପରି ମାନବିକତା ବି ନାହିଁ। ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି। ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି।ଯେ କୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି। ନୃସଂଶ ଭାବେ ରକ୍ତର ହୋଲି ଖେଳୁଛି। ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ। ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି। ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ। ଶିକ୍ଷା ଉପହାସ କରୁଛି। ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃସଂଶ ହତ୍ୟାକାଣ୍ଡ ଘଟାଉଛି। ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକବି ଜଣଙ୍କ ଜୀବନ ନେଇ ପାରୁଛି। ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ। ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶକ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି। ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି। ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି। ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜଲା। ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣିଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି। ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି। ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା। ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା। ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତୃଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି। ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ। ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ। ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ। ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍‌ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ। ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ: ୯୯୩୭୧୭୨୮୧୦**

# ‘ଆମ ଆଦମୀ ପାର୍ଟି ଲଢ଼ିବ ନାହିଁ ଏମ୍‌ସିଡି ମେୟର ନିର୍ବାଚନ’



**ନୂଆଦିଲ୍ଲୀ,୨୧।୪:** ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟି ନେତା ଆତିଶୀ ଦିଲ୍ଲୀ ଏମ୍‌ସିଡି ମେୟର ନିର୍ବାଚନକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆମ ଆଦମୀ ପାର୍ଟି ମେୟର ନିର୍ବାଚନରେ ଲଢ଼ିବ ନାହିଁ। ଆତିଶୀ କହିଛନ୍ତି ଯେ ଭାଜପା ଯେଉଁଠାରେ ନିର୍ବାଚନ ହାରେ, ସେଠାରେ ଲାଞ୍ଚ, ବଳପୂର୍ବକ ଏବଂ ଠକେଇ ଭଳି ସମସ୍ତ ଉପାୟ ଅବଲମ୍ବନ କରେ। ଅନ୍ୟ ଦଳଗୁଡ଼ିକୁ ଭାଙ୍ଗି ଭାଜପା ସରକାର ଗଠନ କରେ। ଏମ୍‌ସିଡିର ପୁନଃ ଏକୀକରଣ ପରେ, ୱାର୍ଡ ସଂଖ୍ୟା ୨୭୨ ରୁ ୨୫୦ କୁ ହ୍ରାସ ପାଇଲା, ନିର୍ବାଚନ ବିଳମ୍ବିତ ହେଲା, ଏମସିଡିର ସୀମା ନିର୍ଦ୍ଧାରଣ ହେଲା। ଗୁଜୁରାଟ ନିର୍ବାଚନ ସହିତ ଏମସିଡି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତଥାପି ଆପ୍ ଏମ୍‌ସିଡିରେ ବହୁମତ ପାଇଲା। ଆତିଶୀ ଆହୁରି କହିଛନ୍ତି, ‘ସେମାନଙ୍କର କୌଣସି ପ୍ରୟାସ ସଫଳ ହୋଇନାହିଁ। ଗତ ଅଢ଼େଇ ବର୍ଷ ଧରି ଭାଜପା ଆମ ଆଦମୀ କାଉନସିଲରମାନଙ୍କୁ ଚାପ ପକାଇ ଭାଙ୍ଗି ଭାଜପାକୁ ନେଇ ଆସୁଛି। ଆମେ ଦିଲ୍ଲୀର ଲୋକଙ୍କୁ ସମ୍ମାନ କରୁ, ଆମେ କୌଣସି ବିଧାୟକ କିମ୍ବା କାଉନସିଲରଙ୍କୁ କିଣୁ ନାହୁଁ କିମ୍ବା ଭାଙ୍ଗିବୁ ନାହିଁ। ଆମ ଆଦମୀ ପାର୍ଟି ମେୟର ନିର୍ବାଚନରେ ଲଢ଼ିବ ନାହିଁ।’ ସେ କହିଛନ୍ତି ଯେ ଭାଜପା କାଉନସିଲରମାନଙ୍କୁ କିଣି ଭାଙ୍ଗି ନିଜର ସଂଖ୍ୟା ବୃଦ୍ଧି କରିଛି, କିନ୍ତୁ ଆମେ ଏସବୁ କରିନାହୁଁ ଏବଂ କରୁନାହୁଁ, ତେଣୁ ଆମ ଆଦମୀ ପାର୍ଟି ମେୟର ନିର୍ବାଚନରେ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଭାଜପାକୁ ଦେଖାଉ ଯେ ସେମାନେ ଦିଲ୍ଲୀବାସୀଙ୍କ ପାଇଁ କ’ଣ କରିପାରିବେ।

## ୨୪ ଘଣ୍ଟା ମଧ୍ୟରେ ୩ ମୃତ, ୩ ଆହତ

# ଯୁଦ୍ଧବିରତି ପ୍ରତିଶ୍ରୁତି ରଖିଲାନି ରୁଷ୍: ୟୁକ୍ରେନ ଉପରେ ହମ୍‌ଲା



**ନୂଆଦିଲ୍ଲୀ,୨୧।୪:** ୩୦ ଘଣ୍ଟାର ଇଷ୍ଟର ଅସ୍ତ୍ରବିରତି ସମୟରେ ୟୁକ୍ରେନର ଦକ୍ଷିଣ ଖେରସନ ଅଞ୍ଚଳରେ ରୁଷ୍ ଆକ୍ରମଣ କରିଛି। ଏଥିରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଖେରସନର ରାଜ୍ୟପାଳ ସୋମବାର ଏହି ସୂଚନା ଦେଇଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସପ୍ତାହାନ୍ତରେ ଯୁଦ୍ଧବିରତି ଘୋଷଣା କରିଥିଲେ।

ରାଜ୍ୟପାଳ ଓଲେକଜାଣ୍ଡର ପ୍ରୋକୁଡି ଟେଲିଗ୍ରାମ ମାଧ୍ୟମରେ କହିଛନ୍ତି ଯେ, ଗତ ୨୪ ଘଣ୍ଟା ମଧ୍ୟରେ ତିନି ଜଣଙ୍କ ମୃତ୍ୟୁ ହୋଇଛି ।ଅନ୍ୟ ତିନି ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ସମୟରେ, ସୋମବାର ସକାଳେ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଏକ ଟେଲିଗ୍ରାମ ବାର୍ତ୍ତାରେ କହିଛନ୍ତି ଯେ, ରୁଷ ୨୯୦୦ରୁ ଅଧିକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ସେ କହିଛନ୍ତି ଯେ ରୁଷ ସୈନ୍ୟବାହିନୀ ୟୁକ୍ରେନୀୟ ସ୍ଥିତି ଉପରେ ୧୮୦୦ ରୁ ଅଧିକ ଥର ଗୁଳି ଚଳାଇଛନ୍ତି ଏବଂ ଶହ ଶହ ଡ୍ରୋନ୍ ବ୍ୟବହାର କରିଛନ୍ତି। ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନର କାର୍ଯ୍ୟ ଏକ ଆଇନା ପରି ହେବ। ଆମେ ନୀରବତାର ଜବାବ ନୀରବତାରେ ଦେବୁ ଏବଂ ଆମର ସୁରକ୍ଷା ପାଇଁ ରୁଷର ଆକ୍ରମଣର ଜବାବ ଦେବୁ। କାମ ଶବ୍ଦ ଅପେକ୍ଷା ଅଧିକ ଉଚ୍ଚ ସ୍ୱରରେ କହିଥାଏ। ପୁଟିନ ଶନିବାର ଦିନ ଘୋଷଣା କରିଥିଲେ ଯେ, ସେ ମାନବିକତା ଦୃଷ୍ଟିରୁ ଇଷ୍ଟରରେ ଯୁଦ୍ଧବିରତି ଘୋଷଣା କରୁଛନ୍ତି। ସେହି ସମୟରେ, ୟୁକ୍ରେନ୍ କହିଥିଲା ଯେ ଯଦି ଯୁଦ୍ଧବିରତି ପ୍ରକୃତରେ କାର୍ଯ୍ୟକାରୀ ହୁଏ, ତେବେ ସେ ଏହାକୁ ପାଳନ କରିବ। ତଥାପି, ୟୁକ୍ରେନ ଯୁଦ୍ଧବିରତି ସମ୍ପର୍କରେ ରୁଷର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଥିଲା। କିଛି ସମୟ ମଧ୍ୟରେ ଉଭୟ ପକ୍ଷ ପରସ୍ପର ଉପରେ ଅସ୍ତ୍ରବିରତି ଉଲ୍ଲଂଘନ କରିବାର ଅଭିଯୋଗ ଆଣିଲେ । ଇଷ୍ଟର ରବିବାର ମଧ୍ୟରାତ୍ରିରେ (ସ୍ଥାନୀୟ ସମୟ ରାତି ୯ଟା) ଯୁଦ୍ଧବିରତି ଶେଷ ହୋଇଥିଲା। ରବିବାର ରାତିରୁ ସୋମବାର ପର୍ଯ୍ୟନ୍ତ, ରୁଷିଆ ସେନା ଖେରସନ ଏବଂ ମାଇକୋଲାଇଭ ଅଞ୍ଚଳ ଉପରେ ତିନୋଟି କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି ।

## ଦୁବାଇ ଫେରନ୍ତା ସ୍ୱାମୀଙ୍କୁ ହତ୍ୟାକରି ସୁଟକେସରେ ପୂରାଇ ଫିଙ୍ଗିଦେଲେ



**ଲକ୍ଷ୍ନୌ,୨୧।୪:** ଉତ୍ତର ପ୍ରଦେଶ ମିରଟର ନୀଳ ଡ୍ରମ ଘଟଣା ସମଗ୍ର ଦେଶ ଦେଖିଥିଲା ଏବଂ ଶୁଣିଥିଲା। ଯେଉଁଠାରେ ଜଣେ ସ୍ତ୍ରୀ ତାଙ୍କ ପ୍ରେମିକଙ୍କ ସହ ମିଶି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ନୀଳ ଡ୍ରମରେ ଭର୍ତ୍ତି କରିଦେଇଥିଲେ। ଆଉ ତା’ଉପରେ ସିମେଣ୍ଟ କଂକ୍ରିଟ ଦେଇ ଦେଇଥିଲେ। ଏବେ ସେହି ଉତ୍ତର ପ୍ରଦେଶ ଦେଓରିଆରୁ ସମାନ ମାମଲା ସାମ୍ନାକୁ ଆସିଛି। ଯେଉଁଠାରେ ଜଣେ ସ୍ତ୍ରୀ ତାଙ୍କ ପ୍ରେମିକଙ୍କ ସହ ମିଶି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ଏକ ସୁଟକେସରେ ଭର୍ତ୍ତି କରି ଫିଙ୍ଗି ଦେଇଥିଲେ। ଦେଓରିଆରେ ସମାନ ଘଟଣା ଘଟିବା ସମୟରେ ଲୋକମାନେ ମିରଟ ଘଟଣାକୁ ଭୁଲି ନଥିଲେ। ମିରଟରେ, ସ୍ୱାମୀଙ୍କୁ ହତ୍ୟା କରାଯାଇ ଏକ ନୀଳ ଡ୍ରମରେ ଭର୍ତ୍ତି କରାଯାଇଥିଲା। ଏଠାରେ, ନୀଳ ଡ୍ରମ ବଦଳରେ, ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରି ଏକ ସୁଟକେସ ଭିତରେ ଭର୍ତ୍ତି କରି ଫିଙ୍ଗି ଦେଇଥିଲେ। ସୂଚନା ମୁତାବିକ, ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ଏକ ସୁଟକେସରେ ଭର୍ତ୍ତି କରିବା ପୂର୍ବରୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିଲେ। ପତ୍ନୀ ତାଙ୍କ ପ୍ରେମିକଙ୍କ ସହ ମିଶି ଏହି ଅପରାଧ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତାଙ୍କ ପ୍ରେମିକ ହେଉଛନ୍ତି ତାଙ୍କ ଭଣଜା। ସ୍ତ୍ରୀ ଏବଂ ତାଙ୍କ ପ୍ରେମିକ ମୃତଦେହକୁ ଏକ ସୁଟକେସରେ ଭର୍ତ୍ତି କରି ପ୍ରାୟ ୫୦ କିଲୋମିଟର ଦୂରରେ ଫିଙ୍ଗି ଦେଇଥିଲେ। ହତ୍ୟା କରାଯାଇଥିବା ବ୍ୟକ୍ତି ସାଉଦି ଆରବରେ କାମ କରୁଥିଲେ ଏବଂ ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ସେଠାରୁ ଘରକୁ ଫେରିଥିଲେ। ଭଣଜା ସହ ସେ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ ବାଧା ସୃଷ୍ଟି କରୁଥିଲେ। ତେଣୁ ସ୍ତ୍ରୀ ତାଙ୍କ ପ୍ରେମିକଙ୍କ ସହିତ ମିଶି ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏବଂ ସେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆଘାତ କରି ନିର୍ମମ ଭାବରେ ହତ୍ୟା କରିଥିଲେ।

## ଝାଡ଼ଖଣ୍ଡରେ ପୁଲିସ ଗୁଳିରେ ୮ ମାଓବାଦୀ ନିହତ



**ଝାଡ଼ଖଣ୍ଡ,୨୧।୪:** ଛତିଶଗଡ଼ ପରେ ଝାଡ଼ଖଣ୍ଡରେ ମାଓ ନିପାତ ଅଭିଯାନ। ପୋଲିସ ଗୁଳିରେ ୮ ମାଓବାଦୀ ନିହତ। ଏପର୍ଯ୍ୟନ୍ତ ୮ ମାଓବାଦୀଙ୍କ ମୃତଦେହ ମିଳିଥିବା ବେଳେ ଅଧିକ ମାଓବାଦୀ ମୃତାହତ ହୋଇଥିବା ଅନୁମାନ କରାଯାଉଛି। ନିହତ ମାଓବାଦୀଙ୍କ ଠାରୁ ଏସଏଲଆର, ଇନସାସ୍ ରାଇଫଲ ଓ ପିସ୍ତଲ ଜବତ ହୋଇଛି। ଏବେ ବି ଗୁଳି ବିନିମୟ ଜାରି ରହିଛି। ନିହତ ମାଓବାଦୀଙ୍କ ଭିତରୁ ବିବେକ ନାମକ ଜଣେ ମାଓବାଦୀ ମୁଣ୍ଡରେ କୋଟିଏ ଟଙ୍କାର ପୁରସ୍କାର ରାଶି ଥିଲା। ଝାଡ଼ଖଣ୍ଡ ବୋକାରୋ ଜିଲ୍ଲାରେ ରାଜ୍ୟ ପୋଲିସ ଓ ସିଆରପିଏଫ ଯବାନଙ୍କ ମିଳିତ ଅପରେସନ ବେଳେ ସଫଳତା ମିଳିଛି। ଆଜି ସକାଳେ ଲାଲ ପାଣିଆ ଅଧୀନରେ ଥିବା ଲୁଗୁ ହିଲ୍ସ ଅଞ୍ଚଳରେ ଗୁଳି ବିମିମୟ ହୋଇଥିଲା।

## ଗଛରେ କାର ପିଟିହୋଇ ୬ ମୃତ



**ଲକ୍ଷ୍ନୌ,୨୧।୪:** ଉତ୍ତର ପ୍ରଦେଶର କୁଶିନଗରରେ ଏକ ମର୍ମନ୍ତୁଦ ଦୁର୍ଘଟଣା। ବିବାହ ବରଯାତ୍ରୀରେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଗଛରେ ପିଟି ହୋଇଥିଲା ଗାଡ଼ି। ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୁର୍ଘଟଣାଗ୍ରସ୍ତ କାରରେ ୮ ଜଣ ଯାତ୍ରୀ ରହିଥିଲେ । ଖବର ମୁତାବକ, କୁଶିନଗର ଜିଲ୍ଲାର ପଡରୌନା ପନିୟହଭା ରାସ୍ତାରେ ଘଟିଛି । ଗାଁ ସାମ୍ନାରେ ଦ୍ରୁତ ଗତିରେ ଆସୁଥିବା କାର ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ଦେଇଥିଲା । ଧକ୍କା ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଆଖପାଖ ଅଞ୍ଚଳର ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଗାଡ଼ିରୁ ମୃତଦେହଗୁଡ଼ିକୁ ବାହାର କରିବା ପାଇଁ ଗ୍ୟାସ କଟରର ସାହାଯ୍ୟ ନିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଘଣ୍ଟାର କଠିନ ପରିଶ୍ରମ ପରେ ମୃତଦେହଗୁଡ଼ିକୁ ବାହାର କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା ।

# ଦେଶୀ ଲୁକ୍‌ରେ ବିଦେଶୀ ଅତିଥି



**ନୂଆଦିଲ୍ଲୀ,୨୧।୪:** ଦେଶୀ ଲୁକ୍‌ରେ ବିଦେଶୀ। ଫଟୋ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେଉଛି। ଆମେ କହୁଛୁ ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସଙ୍କ ଭାରତ ଗସ୍ତ କଥା। ଭେନ୍ସଙ୍କ ସହ ଭାରତ ଯାତ୍ରାରେ ଆସିଥିବା ତାଙ୍କର ତିନି ଜଣ ପିଲା ସ୍ୱତନ୍ତ୍ର ରୂପେ ଭାରତୀୟ ପୋଷାକ ପିନ୍ଧିଥିଲେ , ଯାହାକି ଲୋକଙ୍କ ହୃଦୟ ଜିତି ନେଇଛି। ସୋମବାର ଦିଲ୍ଲୀରେ ପହଞ୍ଚିବାର ତୁରନ୍ତ ପରେ ତାଙ୍କର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଭେନ୍ସଙ୍କ ୮ବର୍ଷିୟ ପୁଅ ଇଭାନ ଓ ୫ବର୍ଷିୟ ପୁଅ ବିବେକ ଧଳା କୁର୍ତ୍ତା ସହ



ହଳଦିଆ ଓ ମାଟିଆ କୁର୍ତ୍ତା ପିନ୍ଧିଥିବା ବେଳେ ତାଙ୍କର ୩ବର୍ଷିୟା ଝିଅ ମିରାବେଲ ସବୁଜ ରଙ୍ଗର ଅନାରକଲି ସୁଟ୍ ଓ ଜ୍ୟାକେଟ୍ ପିନ୍ଧି ଥିଲେ। ବିମାନରୁ ଓହ୍ଲାଇବା କ୍ଷଣି ତାଙ୍କର ତିନି ଜଣ ପିଲା ଏହି ଯାତ୍ରାକୁ କଭର କରୁଥିବା ଫଟୋଗ୍ରାଫରଙ୍କ ମଧ୍ୟରେ ଖୁବ୍‌ଲୋକପ୍ରିୟ ପାଲଟି ଯାଇଥିଲେ ଏବଂ ଏହାପରେ ତାଙ୍କର ଫଟୋ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେଉଛି। ଭେନ୍ସ ଓ ତାଙ୍କର ଭାରତୀୟ ବଂଶୋଦ୍ଭବ ପତ୍ନୀ ଉଷା ସୋମବାର ସକାଳେ ଦିଲ୍ଲୀରେ ପହଞ୍ଚି ଥିଲେ। ତାଙ୍କୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ। ଭେନ୍ସ ଧଳା ସାର୍ଟ ଓ ନାଲି ରଙ୍ଗର ଟାଇ ସହ ନେଭି ବ୍ଲୁ ବିଜନେସ୍ ସୁଟ୍ ପିନ୍ଧି ଥିଲେ, ଅନ୍ୟପଟେ ତାଙ୍କର ପତ୍ନୀ ଧଳା ବ୍ଲେଜର ସହ ନାଲି ରଙ୍ଗର ଲମ୍ବା ପୋଷାକ ପିନ୍ଧି ଥିଲେ। ଭେନ୍ସ ପରିବାର ସହ ଅକ୍ଷରଧାମ ମନ୍ଦିରରେ ପହଞ୍ଚି ଥିଲେ , ସେଠାରେ ସେ ମନ୍ଦିରର ଭବ୍ୟ ମୁଖଶାଳାର ବାହାରେ ଫଟୋ ପାଇଁ ପୋଜ୍ ଦେଇଥିଲେ। ଭେନ୍ସ ଓ ତାଙ୍କର ପରିବାର ନିଜର ୪ଦିବସୀୟ ଗସ୍ତ ବେଳେ ଜୟପୁର ଓ ଆଗ୍ରା ଯାତ୍ରା କରିବେ। ସୋମବାର ଆମେରିକୀୟ ଉପରାଷ୍ଟ୍ରପତିଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେନ୍ସଙ୍କ ପାଇଁ ରାତ୍ରିଭୋଜନର ଆୟୋଜନ କରିବେ। ଭେନ୍ସଙ୍କ ସହ ବରିଷ୍ଠ ଆମେରିକୀୟ ସରକାରୀ ଅଧିକାରୀଙ୍କ ଏକ ପ୍ରତିନିଧିମଣ୍ଡଳ ମଧ୍ୟ ଆସିଛନ୍ତି।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେ ଆମେରିକା ଉପରାଷ୍ଟ୍ରପତି

● ଆଲୋଚନାରେ ବାଣିଜ୍ୟିକ ବୁଝାମଣା ଉପରେ ରହିବ ଫୋକସ୍



**ନୂଆଦିଲ୍ଲୀ,୨୧।୪:** ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଦୁହିଁଙ୍କ ମଧ୍ୟରେ ଅନେକ ଆଲୋଚନା ହୋଇଛି। ପୂର୍ବରୁ, ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଭାନ୍ସ ସୋମବାର ସକାଳେ ୪ ଦିନିଆ ଭାରତ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହା ପରେ, ସେ ତାଙ୍କ ପରିବାର ସହିତ ଅକ୍ଷରଧାମରେ ପହଞ୍ଚି ଦର୍ଶନ କରିଥିଲେ। ସୂଚନାଥାଉକି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି ଏବଂ ଚୀନ୍ ସହିତ ଏକ ପ୍ରକାର ଶୁଳ୍କ ଯୁଦ୍ଧ ଆରମ୍ଭ ହୋଇଥିବା ସମୟରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତ ଗସ୍ତରେ ଆସିଛନ୍ତି। ବର୍ତ୍ତମାନ, ଭାରତ ଏବଂ ଆମେରିକା ଉଭୟ ଆର୍ଥିକ ସୁଯୋଗ ଖୋଲିବାକୁ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାକୁ ଚାହୁଁଛନ୍ତି। ଏହି ଗସ୍ତ ସମୟରେ ଜେଡି ଭାନ୍ସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଅର୍ଥନୀତି, ବାଣିଜ୍ୟ ଏବଂ ଭୂରାଜନୈତିକ ସମ୍ପର୍କ ଉପରେ ଆଲୋଚନା କରିପାରନ୍ତି। ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହି ଗସ୍ତ ‘ଦୁଇ ପକ୍ଷକୁ ଦ୍ୱିପାକ୍ଷିକ ସମ୍ପର୍କରେ ପ୍ରଗତି ସମୀକ୍ଷା କରିବାର ସୁଯୋଗ ପ୍ରଦାନ କରିବ’ ଏବଂ ଦୁଇ ନେତା ‘ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ମତ ଆଦାନପ୍ରଦାନ କରିବେ।’

## ଆଉ ନାହାନ୍ତି ପୋପ୍ ଫ୍ରାନ୍ସିସ



**ଭାଟିକାନ୍ ସିଟି ,୨୧।୪:** ଭାଟିକାନ ସିଟିର ପୋପ୍ ଫ୍ରାନ୍ସିସଙ୍କ ପରଲୋକ ହୋଇଛି। ୮୮ ବର୍ଷ ବୟସରେ ପରଲୋକ ହୋଇଛି । ପ୍ରାୟ ୫ ସପ୍ତାହ ହେଲାଣି ନିମୋନିଆରେ ଚିକିତ୍ସାଧିନ ରହିଥିଲେ । ଭାଟିକାନ ସିଟି ପକ୍ଷରୁ ସୂଚନା ମିଳିଛି । ପୋପ୍ ଫ୍ରାନ୍ସିସ୍ ଗୋଟେ ଦିନ ପୂର୍ବରୁ ଆମେରିକାର ଉପରାଷ୍ଟ୍ରପତି ଜେଡି ଭେନ୍ସଙ୍କ ସହିତ ସାକ୍ଷାତ କରିଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଦୁନିଆର ଖ୍ରୀଷ୍ଟଧର୍ମାବଲମ୍ବୀ ଶୋକରେ ବୁଡିଛନ୍ତି । ଗତ କିଛିଦିନ ତଳେ ବ୍ରୋଙ୍କାଇଟିସରେ ପୀଡିତ ଥିବାରୁ ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା । ତେବେ ଇଷ୍ଟର ଶୁଭେଚ୍ଛା ଜଣାଇବା ପରେ ତାଙ୍କ ପରଲୋକ ହୋଇଥିବା ସୂଚନା ମିଳିଛି । ରୋମାନ କ୍ୟାଥୋଲିକ ଚର୍ଚ୍ଚର ପ୍ରଥମ ଲାଟିନ୍ ଆମେରିକୀୟ ପୋପ୍ ଫ୍ରାନ୍ସିସଙ୍କ ମୃତ୍ୟୁ ହୋଇଛି । ତାଙ୍କର ଉଭୟ ଫୁସଫୁସ ନିମୋନିଆରେ ସଂକ୍ରମିତ ହୋଇଥିଲା । ଯାହା ଯୋଗୁଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା ।

## ପରକୀୟା ପ୍ରୀତି ଆଗରେ ମମତା ତୁଚ୍ଛ

# ଏସିଡ୍ ପିଆଇ ୬ ବର୍ଷର ପୁଅକୁ ମାରିଦେଲା ମା’




**ପାଟନା,୨୧।୪:** ହଜିଗଲାଣି କି ମାନବିକତା? କେତେବେଳେ ସ୍ୱାମୀ ନିର୍ଯାତନାର ଶିକାର ହୋଇ ସ୍ତ୍ରୀ ଜୀବନ ହାରୁଛି ତ ଆଉ କେତେବେଳେ ପ୍ରେମିକ ସହ ମିଶି ନିଜ ସ୍ୱାମୀକୁ ହତ୍ୟା କରିବାକୁ ପଛାଉନି ସ୍ତ୍ରୀ । ଅନେକ ସଂପର୍କରେ ପରକୀୟା ପ୍ରୀତି ଯୋଗୁଁ ପଡୁଛି ପୂର୍ଣ୍ଣଚ୍ଛେଦ । ଏବେ ଏଭଳି ଏକ ବିଚଳିତ କଲାଭଳି ଖବର ସାମ୍ନାକୁ ଆସିଛି। ଯେଉଁଠି ଜଣେ ମା’ ନିଜ ପରକୀୟା ପ୍ରୀତିରେ ବାଧା ଦେଉଥିବାରୁ ନିଜ ପୁଅକୁ ଏସିଡ୍ ପିଆଇ ମାରିଦେଇଛି । ପ୍ରେମିକ ପାଇଁ ମମତା ଭୁଲି ଯାଇଛି ମା’ । ବିହାରର ବେଗୁସରାଇରୁ ଆସିଛି ଏଭଳି ହୃଦୟ ବିଦାରକ ଖବର । ବେଗୁସରାଇର ରିଫାଇନାରୀ ପୋଲିସ୍ ଷ୍ଟେସନ ଅଧୀନରେ ଥିବା ମୋସାଦପୁର ଗାଁରେ ଏହି ଘଟଣା ଘଟିଛି। ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ମା’କୁ ଗିରଫ କରିବା ସହ ଅଧିକ ତଦନ୍ତ କରୁଛି । ପୋଲିସର ସୂଚନା ଅନୁସାରେ, ମୋସାଦପୁର ଗାଁର ବାସିନ୍ଦା ଲଲନ କନୱାରଙ୍କର ପ୍ରାୟ ୬ ମାସ ପୂର୍ବରୁ ମୃତ୍ୟୁ ଘଟିଥିଲା । ଏହା ପରେ ଲଲନ କନୱାରଙ୍କ ପତ୍ନୀ ନିଜର ଏକମାତ୍ର ପୁଅ ସହ ଘରେ ରହୁଥିଲେ। ପରେ ଲଲନଙ୍କ ପତ୍ନୀ ଉକ୍ତ ଜିଲ୍ଲାର ବାଲିଆ ପୋଲିସ ଷ୍ଟେସନ ଅଧୀନରେ ଥିବା ହୁସେନା ଗ୍ରାମରେ ପୁଅ ସହିତ ରହିବା ଆରମ୍ଭ କରିଥିଲେ। ସେଠାରେ ରହୁଥିବା ବେଳେ ସେ ଜଣେ ଯୁବକଙ୍କୁ ଭଲ ପାଉଥିଲେ ବୋଲି କୁହାଯାଉଛି । ଦୁହେଁ ପ୍ରତିଦିନ ସାକ୍ଷାତ କରୁଥିଲେ ଏବଂ ଦିନକୁ ଦିନ ସେମାନଙ୍କ ସଂପର୍କରେ ନିବିଡ଼ତା ବୃଦ୍ଧି ପାଇଥିଲା । କିନ୍ତୁ ଦୁହିଁଙ୍କ ପ୍ରେମରେ ବାଧା ସାଜୁଥିଲା ମହିଳାଙ୍କ ୬ ବର୍ଷର ପୁଅ । ଏଥିରେ ଉତକ୍ଷିପ୍ତ ମହିଳା ଜଣକ ନିଜ ପୁଅକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ । ପ୍ରଥମେ ତାର ଗଳା କାଟି ହତ୍ୟା କରିବାକୁ ସେ ଚେଷ୍ଟା କରିଥିଲେ । କିନ୍ତୁ ମହିଳାଙ୍କ ଏହି ଯୋଜନା ତାଙ୍କର ପ୍ରେମିକକୁ ପସନ୍ଦ ଆସିନଥିଲା ଏବଂ ସେ ନୂଆ ଉପାୟ ବତାଇଥିଲେ । ଶେଷରେ ପ୍ରେମିକଙ୍କ ଉପାୟ ମୁତାବକ ମହିଳା ନିଜର ୬ ବର୍ଷର ପୁଅକୁ ଏସିଡ୍ ପିଆଇ ଦେଇଥିଲେ ।

# ବାୟୁସେନା ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ



**ନୂଆଦିଲ୍ଲୀ,୨୧।୪:** କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ଦୁଃଖଦ ଘଟଣା । ଡିଆରଡିଓରେ କାର୍ଯ୍ୟରତ ବାୟୁସେନା ୱିଙ୍ଗ କମାଣ୍ଡରଙ୍କୁ ମରଣାନ୍ତକ ଆକ୍ରମଣ। ଅଜ୍ଞାତ ଲୋକ ଅତର୍କିତ ଭାବେ ହମଲା କରିଥିବା ଅଭିଯୋଗ । ଫଳରେ ଗୁରୁତର ଭାବେ ଆହତ ହୋଇଛନ୍ତି ୱିଙ୍ଗ କମାଣ୍ଡର ଶିଳାଦିତ୍ୟ ବୋଷ । ସେ ପରିବାର ସହିତ ଏୟାରପୋର୍ଟ ଯାଉଥିବା ବେଳେ କିଛି ଅଜ୍ଞାତ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ । ଏହାର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଅନ୍ୟପଟେ ଅଭିଯୋଗ ପରେ ବି ଏଯାଏଁ ଅଭିଯୁକ୍ତ ଗିରଫ ହୋଇନଥିବାରୁ ପୋଲିସର ନିଷ୍କ୍ରିୟତାକୁ ସମସ୍ତେ ସମାଲୋଚନା କରିଛନ୍ତି । ୱିଙ୍ଗ କମାଣ୍ଡର ଶିଳାଦିତ୍ୟ ବୋଷ୍ ନିଜ ଏଫଆଇଆରରେ ଲେଖିଛନ୍ତି, ସେ ଏୟାରପୋର୍ଟ ଯାଉଥିବାବେଳେ କିଛି ଅଜ୍ଞାତ ଲୋକ ତାଙ୍କୁ ବାଇକରେ ଆସି ଆକ୍ରମଣ କରିଥିଲେ । ବାଇକରେ ପିଛା କରୁଥିବା ଦୁର୍ବୃତ୍ତମାନେ ରୋଡ୍ ରେଜ୍ ଘଟଣାରେ ତାଙ୍କୁ ପ୍ରଥମେ ଗାଳି ଗୁଲଜ କରିଥିଲେ ପରେ ମରଣାନ୍ତକ ଆକ୍ରମଣ କରିଥିଲେ । ୱିଙ୍ଗ କମାଣ୍ଡର ରକ୍ତ ଜୁଡୁବୁଡୁ ଅବସ୍ଥାର ଭିଡିଓ ନିଜ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି । ଏଥିରେ ଘଟଣାକ୍ରମର ବିବରଣୀ ଏହି ଭିଡିଓ ମାଧ୍ୟମରେ ଦେଇଛନ୍ତି ଏବଂ ଶରୀରର କେଉଁ କେଉଁ ସ୍ଥାନରେ ଆଘାତ ଲାଗିଛି, ତାକୁ ମଧ୍ୟ ଦେଖାଇଛନ୍ତି । ୱିଙ୍ଗ କମାଣ୍ଡର ଶିଳାଦିତ୍ୟ ବୋଷ୍ କହିଛନ୍ତି, ସେ ବେଙ୍ଗାଲୁରୁର ଡିଆରଡିଓ, ସିଭି ରମଣ ନଗର ଫେଜ୍-୧ରେ ରହୁଛନ୍ତି।

## ଆମେରିକାରେ ତେଜୁଛି ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ




**ୱାଶିଂଟନ୍,୨୧।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତ୍ୟର୍ପଣ, ଛଟେଇ, ଗାଜା ଓ ୟୁକ୍ରେନ୍ ଯୁଦ୍ଧ ନୀତି ବିରୋଧରେ ଶନିବାର ୱାଶିଂଟନ୍, ନ୍ୟୁୟର୍କ ଓ ଶିକାଗୋ ସମେତ ଦେଶର ବିଭିନ୍ନ ସହରରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ହ୍ୱାଇଟ୍ ହାଉସ୍ ବାହାରେ ବିକ୍ଷୋଭକାରୀ ଟ୍ରମ୍ପ୍ ପ୍ରଶାସନ ବିରୋଧୀ ଓ ଆପ୍ରବାସୀ ସପକ୍ଷବାଦୀ ସ୍ଲୋଗାନ୍ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜାନୁଆରୀରେ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ ଅଦ୍ୟାବଧି ୨ ଲକ୍ଷ ଲୋକଙ୍କୁ ସରକାରୀ ଚାକିରିରୁ ଛଟେଇ କରିସାରିଲେଣି।

**ବିସିସିଆଇର ବାର୍ଷିକ ଚୁକ୍ତି ତାଲିକା**

# ସାମିଲ୍ ହେଲେ ଶ୍ରେୟସ, ଇଶାନ



ନୂଆଦିଲ୍ଲୀ, ୨୧।୪: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ୨୦୨୪-୨୫ ସିଜିନ୍ ପାଇଁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତିନାମା ଘୋଷଣା କରିଛି। ଯାହା ଦ୍ୱାରା ଶ୍ରେୟସ ଆୟର ଏବଂ ଇଶାନ କିଷନଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ଯେଉଁମାନେ ୨୦୨୩-୨୪ ତାଲିକାରୁ ବାଦ ପଡ଼ିଥିଲେ। କେବଳ ଚାରି ଜଣ ଖେଳାଳି ଏ+ ବର୍ଗରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବିରାଟ କୋହଲି, ରୋହିତ ଶର୍ମା, ଜସପ୍ରୀତ ବୁମରାହ ଏବଂ ରବୀନ୍ଦ୍ର ଜାଡେଜା। ୨୦୨୪ ଅକ୍ଟୋବର ୧ରୁ ୨୦୨୫ ସେପ୍ଟେମ୍ବର ୩୦ ଯାଏ ଏହି ଚୁକ୍ତି ରହିବ। ୪ ଟି ଶ୍ରେଣୀରେ ରହିଛନ୍ତି ମୋଟ ୩୪ ଜଣ ଖେଳାଳି। ସେହିପରି ଅଭିଷେକ ଶର୍ମା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନୂଆ କରି ତାଲିକାରେ ସାମିଲ କରାଯାଇଛି। ଘରୋଇ କ୍ରିକେଟ ନଖେଳିବା କାରଣରୁ ଶ୍ରେୟାସ ଆୟର ଓ ଇଶାନ କିଷାନଙ୍କୁ ଗତ ଚୁକ୍ତିରୁ ବାଦ ଦିଆଯାଇଥିଲା। ଏଥର କିନ୍ତୁ ଦିନିକିଆରେ ଦମଦାର ପ୍ରଦର୍ଶନ କରିବା ପରେ ତାଙ୍କୁ ସାମିଲ କରାଯାଇଛି। ସେ ନିଜ ଦକ୍ଷତାକୁ ସାବ୍ୟସ୍ତ କରିବାରେ ସଫଳ ହୋଇଥିଲେ। ସେହିପରି ଇଶାନ କିଷାନଙ୍କୁ ବେଶି କିଛି କରିବାକୁ ପଡ଼ିନଥିଲା। ହେଲେ ବିସିସିଆଇ ତାଙ୍କୁ ଏଥର ବାର୍ଷିକ ଚୁକ୍ତିରେ ସାମିଲ କରିଛି।

**A+:** ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରିତ ବୁମରାହ ଏବଂ ରବିନ୍ଦ୍ର ଜାଡେଜା।
**A:** କେଏଲ ରାହୁଲ, ଶୁଭମନ ଗିଲ୍, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ସିରାଜ ଏବଂ ରିଷଭ ପନ୍ତ
**B:** କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟର
**C:** ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଶିଭମ ଦୁବେ, ରବି ବିଷ୍ଣୋଇ, ଓ୍ୱାସିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପଟିଦାର, ଧ୍ରୁବ ଜୁରେଲ, ସର୍ଫରାଜ ଖାନ, ନୀତିଶ କୁମାର ରେଡ୍ଡୀ, ଇଶାନ କିଷାନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ, ହରିଷିତ ରାଣା ।

# କେବଳ ଅମିତ ମିଶ୍ରା ନୁହଁନ୍ତି, ଅନେକ ବଡ଼ କ୍ରିକେଟର ଘରୋଇ ହିଂସାରେ ହୋଇଛନ୍ତି ଶିକାର











ନୂଆଦିଲ୍ଲୀ ୨୧।୦୪: ଭାରତୀୟ କ୍ରିକେଟର ଅମିତ ମିଶ୍ରା। ପତ୍ନୀ ଗାରିମା ତାଙ୍କ ବିରୋଧରେ ଆଣିଛନ୍ତି ଗୁରୁତର ଅଭିଯୋଗ। ଗାରିମାଙ୍କ ଅନୁଯାୟୀ ଅମିତ ଏବଂ ତାଙ୍କ ପରିବାର ତାଙ୍କୁ ହୋଣ୍ଡା ସିଟି କାର ଏବଂ ୧୦ ଲକ୍ଷ ଟଙ୍କା ପାଇଁ ହଇରାଣ କରନ୍ତି। ଏହାବ୍ୟତୀତ ସେ ଅଭିଯୋଗ କରିଛନ୍ତି ଯେ ଅମିତ ମିଶ୍ରାଙ୍କର ଅନେକ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ମଧ ଅଛି। ତେବେ ଅମିତ ମିଶ୍ରାଙ୍କ ପୂର୍ବରୁ ଅନେକ ଷ୍ଟାର ଖେଳାଳିଙ୍କ ଉପରେ ମଧ ଘରୋଇ ହିଂସାର ଆସିଛି ଅଭିଯୋଗ। ଯେଉଁଥିରେ ଭାରତୀୟ କ୍ରିକେଟର ବଡ଼ ବଡ଼ ନାଁ ସାମିଲ ରହିଛି। ୨୦୧୮ରେ ମହମ୍ମଦ ଶାମିଙ୍କ ପତ୍ନୀ ହସିନ ଜାହାଁ ତାଙ୍କ ଉପରେ ଘରୋଇ ହିଂସାର ଅଭିଯୋଗ ଆଣିଥିଲେ। ଯେଉଁଥିପାଇଁ କ୍ରିକେଟରଙ୍କ ବ୍ୟକ୍ତିଗତ ଜୀବନରେ ଦେଖାଦେଇଥିଲା ଅସ୍ଥିରତା। ଯୁବରାଜ ଭାରତର ସବୁଠାରୁ ଧନୀ କ୍ରିକେଟରଙ୍କ ମଧ୍ୟରୁ ଜଣେ, ଯାହାଙ୍କର ସମ୍ପତ୍ତି ପ୍ରାୟ ୩୦୦ କୋଟି ଟଙ୍କା। ତେବେ ୨୦୧୭ରେ ଯୁବରାଜ ସିଂହଙ୍କ ଭାଉଜ ଆକାଂକ୍ଷା ଶର୍ମା ତାଙ୍କ ବିରୁଦ୍ଧରେ ଘରୋଇ ହିଂସାର ଅଭିଯୋଗ ଆଣିଥିଲେ। ଘରୋଇ ହିଂସା ଅଭିଯୋଗରେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ମାଇକେଲ ସ୍ଲେଟର ମଧ ଗିରଫ ହୋଇଥିଲେ। ସ୍ଲେଟର ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବା ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ୨୦୨୩ ମସିହାରେ ବିନୋଦ କାମ୍ବଲି ମଧ ଘରୋଇ ହିଂସାରେ ଫସିଥିଲେ। ତାଙ୍କ ଦ୍ୱିତୀୟ ପତ୍ନୀ ଆଣ୍ଡ୍ରିଆ ହେୱିଟ୍ ମଧ ଘରୋଇ ହିଂସା ଅଭିଯୋଗ ଆଣିଥିଲେ।

## ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦

# ପ୍ରିୟଙ୍କାଙ୍କୁ ୫ ୱିକେଟ୍



କଟକ,୨୧।୪: ଚଳିତ ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦ ପ୍ରତିଯୋଗିତାର ରବିବାର ମ୍ୟାଚ୍‌ରେ ବଲାଙ୍ଗୀର, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ବରଗଡ଼ ବିଜୟୀ ହୋଇଛନ୍ତି। ଡ୍ରିମସ

**ବଲାଙ୍ଗୀର, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ବରଗଡ଼ ବିଜୟୀ**

ପଡ଼ିଆରେ ଚାଲିଥିବା ମ୍ୟାଚ୍‌ରେ ଭୁବନେଶ୍ୱର ୧୦ ୱିକେଟରେ ନୟାଗଡକୁ ପରାସ୍ତ କରିଛି। ପ୍ରିୟଙ୍କା ପାତ୍ରଙ୍କ (୨.୫-୧-୨-୫)ଙ୍କ ବୋଲିଂ ସଫଳତାକୁ ସାମ୍ନା କରିପାରି ନୟାଗଡ଼ ୧୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୨୮ରନ କରିଥିଲା। ଭୁବନେଶ୍ୱର ୫.୩ ଓଭରରେ କୌଣସି ୱିକେଟ୍ ନ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବଲାଙ୍ଗୀର ୮ ୱିକେଟରେ ପୁରୀକୁ, ବାଲେଶ୍ୱର ୯ ୱିକେଟରେ ମୟୂରଭଞ୍ଜକୁ, ଝାରସୁଗୁଡା ୮ ୱିକେଟରେ ଅନୁଗୋଳକୁ, ସମ୍ବଲପୁର ୯୫ ରନ୍‌ରେ ନବରଙ୍ଗପୁରକୁ, କଟକ ୬ ୱିକେଟ୍‌ରେ ସୋନପୁରକୁ, ଖୋର୍ଦ୍ଧା ୪୩ ରନ୍‌ରେ କୋରାପୁଟକୁ ଏବଂ ବରଗଡ଼ ୮୭ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି।

# ହାଇକୋର୍ଟ ଯିବେ ଆଜ୍ଝାରୁଦ୍ଦିନ



ନୂଆଦିଲ୍ଲୀ,୨୧।୪: ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ଆଜ୍ଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏଶନ (ଏଚ୍‌ସିଏ)ର ଓମ୍ବୁଡସ୍‌ମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଜ୍ଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି। ଏଚ୍‌ସିଏର ସଦସ୍ୟ ଲର୍ଡସ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚ୍‌ସିଏର ଏଥିକ୍ସ ଅଧିକାରୀ ଥିବା ଅବସରପ୍ରାପ୍ତ ଜଷ୍ଟିସ ଭି. ଈଶ୍ୱରେୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡସ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଜ୍ଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚ୍‌ସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚ୍‌ସିଏର ନିୟମ ଭଙ୍ଗ କରିଥିଲେ।

ମୁଁ ନିଶ୍ଚିତ ଭାବେ ଆଇନର ବାଟ ଆପଣେଇବି ଏବଂ ଓମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି। ଭାରତର ଅଧିନାୟକଙ୍କ ନାମ ଷ୍ଟାଣ୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେବା ଏକ ଲଜ୍ଜାର ବିଷୟ ବୋଲି ଆଜ୍ଝାରୁଦ୍ଦିନ କହିଛନ୍ତି। ଏତଦ୍‌ବ୍ୟତୀତ ସେ ଓମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସୋସିଏଶନର ସମ୍ବିଧାନ ଅନୁଯାୟୀ, ଓମ୍ବୁଡସ୍‌ମ୍ୟାନ ବା ଏଥିକ୍ସ ଅଧିକାରୀଙ୍କ କାର୍ଯ୍ୟକାଳ ୧ ବର୍ଷ। ଏହି ଘଟଣାରେ ଓମ୍ବୁଡସ୍‌ମ୍ୟାନଙ୍କ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୧୮ ତାରିଖରେ ଶେଷ ହୋଇଯାଇଛି। ଏହି ତାରିଖ ପରେ ତାଙ୍କ ଦ୍ୱାରା ପାରିତ ସମସ୍ତ ନିର୍ଦ୍ଦେଶ ମୂଲ୍ୟହୀନ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯାଇ ନାହିଁ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କେବଳ ଏଜିଏମ୍‌ରେ କରାଯାଇପାରିବ, ଯାହା କି ଏପର୍ଯ୍ୟନ୍ତ ହୋଇନାହିଁ। ଏଣୁ ସେ କେଉଁ ଭଳି ନିର୍ଦ୍ଦେଶ ଜାରି କଲେ।

# ଆଉ ପିଜା, ମଟନ୍ ଖାଉନାହାନ୍ତି ସୂର୍ଯ୍ୟବଂଶୀ





ନୂଆଦିଲ୍ଲୀ, ୨୧।୪: ସାଧାରଣତଃ ୧୪ ବର୍ଷର ପିଲାର ଇଚ୍ଛା ରେସ୍ତୋରାଁରେ ବସି ନିଜ ପସନ୍ଦର ଖାଦ୍ୟ ଖାଇବା। ହେଲେ ଶନିବାର ମାତ୍ର ୧୪ ବର୍ଷ ୧୨୩ ଦିନ ବୟସରେ ଆଇପିଏଲ୍ ଖେଳିବାର ସୁଯୋଗ ପାଇଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ପସନ୍ଦ କିନ୍ତୁ ଅଲଗା ଥିଲା। ରାଜସ୍ଥାନ ରୟାଲ୍ସର ଏହି ସ୍ୱଳ୍ପ ବୟସ୍କ ଖେଳାଳି କ୍ରିକେଟ୍ ଲାଗି ନିଜର ପ୍ରିୟ ଖାଦ୍ୟ ମଟନ ଓ ପିଜାକୁ ବାଏ ବାଏ କରିଦେଇଛନ୍ତି। ଖାଦ୍ୟ ଲାଳସାକୁ ପଛରେ ପକାଇଥିବା ଏହି ବିହାର ଯୁବକ ଶନିବାର ଆଇପିଏଲ୍ ଖେଳି ଇତିହାସ ରଚିଛନ୍ତି। ସବଠୁ କନିଷ୍ଠ ଖେଳାଳି ଭାବେ ଆଇପିଏଲ୍ ଖେଳିବାରେ କୀର୍ତ୍ତି କରିଛନ୍ତି। ନିଜର ପଦାର୍ପଣ ମ୍ୟାଚ୍‌ରେ ସେ ଭାରତର ଅନ୍ୟତମ ପ୍ରମୁଖ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଛକା ମାରି ଏହି ଧନି ଲିଗ୍‌ରେ ଅଭିଯାନ ଆରମ୍ଭ କରିଥିଲେ। ସୂର୍ଯ୍ୟବଂଶୀଙ୍କ ଖାଇବା ନେଇ ତାଙ୍କ ପ୍ରଶିକ୍ଷକ ମନୀଷ ଓଝା କହିଛନ୍ତି ଯେ "ମଟନ ଖାଇବା ପାଇଁ ତାଙ୍କୁ ପୂରା ମନା, ଏଥିସହ ତାଙ୍କ ଖାଦ୍ୟ ଶାରଣୀରୁ ପିଜାକୁ ବି ବାହର କରିଦିଆଯାଇଛି।

# ହର୍ଷ ଭୋଗଲେ, ସାଇମନ ଡୌଲଙ୍କୁ ରେଡ୍ ଫ୍ଲାଗ୍

## ବିସିସିଆଇକୁ ଚିଠି ଲେଖିଲା ବୋର୍ଡ: ରିପୋର୍ଟ

ନୂଆଦିଲ୍ଲୀ,୨୧।୪: ଅନେକ ଇଣ୍ଡିଆନ ପ୍ରିମିଅର ଲିଗ୍ (ଆଇପିଏଲ) ଦଳର ଅଧିନାୟକ ଏବଂ କୋଚମାନଙ୍କଠାରୁ ଘରୋଇ ପିଚ୍ କ୍ୟୁରେଟରଙ୍କ ବିରୁଦ୍ଧରେ ଅଭିଯୋଗ ଆସିବା ପରେ, କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି) ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ଏଡେନ ଗାର୍ଡେନ୍ସରେ ଖେଳା ଯାଉଥିବା ମ୍ୟାଚ୍‌ଗୁଡ଼ିକରେ ହର୍ଷ ଭୋଗଲେ ଏବଂ ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାକୁ ବାରଣ କରିବାକୁ ଅନୁରୋଧ କରିଛି। ସିଏବିର ଏହି ଅନୁରୋଧ ଡୌଲ ଏବଂ ଭୋଗଲେ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ସହର ଛାଡ଼ି ଚାଲିଯିବାକୁ ପରାମର୍ଶ ଦେବା ପରେ ଆସିଛି, କାରଣ ଘରୋଇ କ୍ୟୁରେଟର ଫ୍ରାଞ୍ଚାଇଜିର ଚାହିଦା ଅନୁସାରେ ପିଚ୍ ପ୍ରସ୍ତୁତ କରିବାରେ ସହଯୋଗ କରୁନାହାନ୍ତି। ଏକ ରିପୋର୍ଟ ଅନୁସାରେ, ରାଜ୍ୟ ସଂଘ ବିସିସିଆଇକୁ ଏକ କଡ଼ା ଶବ୍ଦରେ ଲିଖିତ ପତ୍ର ଦାଖଲ କରିଛି, ଯେଉଁଥିରେ



ଚଳିତ ଆଇପିଏଲ ସିଜନରେ ଇଡେନ ଗାର୍ଡେନ୍ସରେ ଖେଳା ଯାଉଥିବା କୌଣସି ମ୍ୟାଚ୍‌ରେ ହର୍ଷ ଭୋଗଲେ ଏବଂ/କିମ୍ବା ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି। ଏକ ଆଲୋଚନାରେ ଡୌଲ ପରାମର୍ଶ ଦେଇଥିଲେ ଯେ ଯଦି ଇଡେନ ଗାର୍ଡେନ୍ସର କ୍ୟୁରେଟରଙ୍କଠାରୁ ସହଯୋଗ ଅଭାବ ଜାରି ରହେ, ତେବେ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ଫ୍ରାଞ୍ଚାଇଜି ଏକ ନୂଆ ଘରୋଇ ମଇଦାନ ଖୋଜିବା ଉଚିତ। "ଯଦି ସେ (କ୍ୟୁରେଟର) ଘରୋଇ ଦଳ କ'ଣ ଚାହୁଁଛି ତାହାର ଧ୍ୟାନ ନ ଦିଅନ୍ତି... ମୁଁ କହୁଛି, ସେମାନେ ଷ୍ଟାଡିୟମ ଫି' ଦେଉଛନ୍ତି, ଆଇପିଏଲରେ ଯାହା ଚାଲିଛି ତାହା ପାଇଁ ଦେଉଛନ୍ତି, କିନ୍ତୁ ଯଦି ସେ ତଥାପି ଘରୋଇ ଦଳର ଇଚ୍ଛାକୁ ଧ୍ୟାନ ନ ଦିଅନ୍ତି, ତେବେ ଫ୍ରାଞ୍ଚାଇଜିକୁ ଅନ୍ୟ କୌଣସି ସ୍ଥାନକୁ ନେଇଯାଅ। ତାଙ୍କ କାମ ଖେଳ ବିଷୟରେ ମତ ଦେବା ନୁହେଁ। ତାଙ୍କୁ ତାହା ପାଇଁ ଦରମା ଦିଆଯାଉନାହିଁ," ଡୌଲ କହିଥିଲେ। ହର୍ଷ ଭୋଗଲେ ମଧ ତାଙ୍କ ମତାମତକୁ ସମର୍ଥନ କରିଥିଲେ। "ଯଦି ସେମାନେ ଘରେ ଖେଳୁଛନ୍ତି, (ସେମାନେ) ସେମାନଙ୍କ ବୋଲରମାନଙ୍କ ପାଇଁ ଉପଯୁକ୍ତ ଟ୍ରାକ୍ ପାଇବା ଉଚିତ। ମୁଁ କେକେଆର କ୍ୟୁରେଟର କ'ଣ କହିଛନ୍ତି ତାହା ବିଷୟରେ କିଛି ଦେଖିଥିଲି," ସେ କହିଥିଲେ। ତେବେ, ସିଏବି ଏହି ବିଷୟରେ କ୍ୟୁରେଟର ମୁଖାର୍ଜୀଙ୍କ ପକ୍ଷ ନେଇଛି, ଏହା ସୂଚାଇ ଦେଇଛି ଯେ ସେ କିଛି ଭୁଲ କରିନାହାନ୍ତି ଏବଂ କେବଳ ବିସିସିଆଇର ନିୟମାବଳୀ ଅନୁସରଣ କରୁଛନ୍ତି, ଯେଉଁଥିରେ କୌଣସି ଫ୍ରାଞ୍ଚାଇଜି ପିଚ୍‌ର ପ୍ରକୃତି ନିର୍ଦ୍ଦେଶ କରିପାରିବ ନାହିଁ।କେକେଆର ଅଧିନାୟକ ରାହାଣେ ମୁଖାର୍ଜୀଙ୍କୁ ଫ୍ରାଞ୍ଚାଇଜିର ତାରକା ଖେଳାଳି ବରୁଣ ଚକ୍ରବର୍ତ୍ତୀ ଏବଂ ସୁନୀଲ ନାରାୟଣଙ୍କୁ ସହାୟତା କରୁଥିବା ଅଧିକ ସ୍ପିନ-ଅନୁକୂଳ ଉଇକେଟ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ ଉଇକେଟ ପ୍ରାୟତଃ ଅଧିକ ପେସ-ଅନୁକୂଳ ହୋଇ ଉଚ୍ଚ ସ୍କୋରିଂ ମ୍ୟାଚ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲୋକଙ୍କ...

ଦୁଃଖକୁ ଆମେ ଯେପରି ନଜରଅନ୍ଦାଜ ନ କରୁ। ସେମାନେ ଯେପରି ଅନୁଭବ ନ କରନ୍ତି ଯେ ସେମାନଙ୍କ ଦୁଃଖ ଶୁଣିବା ପାଇଁ ରାଜ୍ୟରେ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ। ଆଜି ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ। ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀମାନେ ସେମାନଙ୍କ ସ୍ତରରେ ହିଁ ଯେତେଦୂର ସମ୍ଭବ ଲୋକଙ୍କ ସମସ୍ୟାର ସମାଧାନ କରିବା ସକାଶେ ତତ୍ପର ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହା ପୂର୍ବରୁ ରାଜ୍ୟରେ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗରୁ ଭୁବନେଶ୍ୱରରେ ୯ଟି ଜନଶୁଣାଣି ହୋଇଛି, ଯେଉଁଥିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇ ସେଥି ମଧ୍ୟରୁ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିର ୧୦ମ ପାଳିରେ ମୋଟ ୧୪ ଶହ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି। ଏଥି ମଧ୍ୟରୁ ୧ ହଜାର ଲୋକ ଅନଲାଇନ୍‌ରେ ପଞ୍ଜିକରଣ କରିଥିବା ବେଳେ ଅବଶିଷ୍ଟ ୪୦୦ ଲୋକ ଅଫଲାଇନ୍‌ରେ ପଞ୍ଜୀକରଣ କରିଥିଲେ। ଏଥିସହ ଏହି ଅବସରରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ୧୮ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ତୁରନ୍ତ ଯୋଗାଇ ଦିଆଯାଇଛି। ଏହି ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ। ଜନଶୁଣାଣିକୁ ଆସିଥିବା ପ୍ରତିଟି ବ୍ୟକ୍ତିଙ୍କ ଅଭିଯୋଗକୁ ଗୁରୁତ୍ୱ ସହକାରେ ଶୁଣାଯିବା ସହ ଆବଶ୍ୟକ ସ୍ଥଳେ ଟେଲିଫୋନ୍ ମାଧ୍ୟମରେ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ସମାଧାନ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଫଳସ୍ୱରୂପ ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତିଟି ମୁହଁରେ ଭରସା ଓ ଆତ୍ମସନ୍ତୋଷର ଚିହ୍ନ ଦେଖିବାକୁ ମିଳିଥିଲା।

ଅଭିଯୋଗକାରୀଙ୍କ ମଧ୍ୟରେ ସମ୍ବଲପୁରର ଦୀପ୍ତିରାଣୀ ପାଢ଼ୀ ପେନ୍‌ସନ୍ ସଂକ୍ରାନ୍ତ ଅଭିଯୋଗ ନେଇ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାର ତ୍ୱରିତ ସମାଧାନ କରିଥିବାରୁ ସେ ସହର୍ଷେ ମନରେ ଫେରୁଥିବାଟ ଦେଖାଯାଇଥିଲା। ଏହାଛଡ଼ା ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲର କେତେକ ବାସିନ୍ଦା ଡୁଙ୍ଗୁରିବାହାଲ ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇଁ ଅଭିଯୋଗ ନେଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରୁ ଖୁସି ମନରେ ଫେରିଥିଲେ।

ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଓ ଅନ୍ୟାନ୍ୟ ବିଭାଗର ସଚିବସ୍ତରୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।

## ଝାରସୁଗୁଡ଼ା...

ତାପମାତ୍ର ୪୨ ଡିଗ୍ରୀ, କେନ୍ଦୁଝର ତାପମାତ୍ରା ୩୮.୩ ଡିଗ୍ରୀ, ଚାନ୍ଦବାଲି ତାପମାତ୍ରା ୩୮.୨ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା। ଏହାଛଡ଼ା ବାଲେଶ୍ୱର ଓ ଭୁବନେଶ୍ୱରରେ ତାପମାତ୍ରା ଯଥାକ୍ରମେ ୩୭ ଓ ୩୬ ଡିଗ୍ରୀ ସେଲସିୟସ୍ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକନ୍ତୁ ଆଗାମୀ ୩ ଦିନ ଭିତରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବା ନେଇ ପୂର୍ବାନୁମାନ ଜାରି ହୋଇଥିବାରୁ ସମ୍ପ୍ରତି ରାଜ୍ୟବାସୀଙ୍କୁ ତାତିରୁ ନିସ୍ତାର ମିଳିବାର ନାହିଁ। ଆଜ୍ଠାକାଲିଠାରୁ ରାଜ୍ୟରେ ହିଟୱେଭ ଆଲର୍ଟ ମଧ୍ୟ ଜାରି କରାଯାଇଛି। ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ଼କୁ ଅସମ୍ଭାଳ ତାତି ନେଇ ୟେଲୋ ୱାର୍ଣ୍ଣିଂ ମଧ୍ୟ ଜାରି ହୋଇଛି।

ତାତି ସହ ତାଳ ଦେଇ କାଳବୈଶାଖୀ ନେଇ ମଧ୍ୟ ବିଭିନ୍ନ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି ହୋଇଛି। ଆଗାମୀ ଦୁଇ ଦିନରେ ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହେବା ସହ ୩୦ରୁ ୫୦ କିମି ବେଗରେ ଘଣ୍ଟା ପ୍ରତି ଝଡ଼ ପବନ ହେବାର ପୂର୍ବାନୁମାନ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ କରାଯାଇଛି। ଏହାର ସର୍ବାଧିକ ପ୍ରଭାବ ଉପକୂଳ ଓଡ଼ିଶାରେ ଅନୁଭୂତ ହେବ। ନୂଆପଡା, ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, ବରଗଡ଼, ଅନୁଗୁଳ, ସମ୍ବଲପୁର, ଦେବଗଡ, ଢେଙ୍କାନାଳ ଓ ଝାରସୁଗୁଡା ପରି ୧୧ଟି ଜିଲ୍ଲାକୁ ବାଦ ଦେଇ ଅବଶିଷ୍ଟ ୧୯ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଏବଂ ୩୦ରୁ ୪୦ କିମି ବେଗରେ ଘଣ୍ଟା ପ୍ରତି ପବନ ବହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଛି। ଆସନ୍ତାକାଲିଠାରୁ ବର୍ଷା ପରିମାଣ କମିବ ଓ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆସନ୍ତାକାଲି ୭ଟି ଜିଲ୍ଲାକୁ ହିଟ୍‌ୱେଭ ସହ ୧୧ ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ଆଜି କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ କନ୍ଧମାଳର ଟିକାବାଲିରେ ସର୍ବାଧିକ ୫୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ରାଜ୍ୟରେ ଦୁଇ ଦିନ ହେଲା ତାପମାତ୍ରାରେ ପ୍ରବଳ ବୃଦ୍ଧି କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ, ଲୋକମାନଙ୍କର ଅସୁସ୍ଥତା ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏପ୍ରିଲ ୨୦ ତାରିଖ ସୁଦ୍ଧା ରାଜ୍ୟରେ ୪୯ ଜଣ ଲୋକ ରୌଦ୍ରତାପଜନିତ କାରଣରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସମ୍ବଲପୁରରୁ ସର୍ବାଧିକ ୪୦ ଜଣ ସାମିଲ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି ।

## ଝାରସୁଗୁଡ଼ାରୁ ...

ଫାଙ୍କା ଗୁଳିଚାଳନା କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କଠାରୁ ମାରଣାସ୍ତ୍ର ମଧ୍ୟ ଜବତ ହୋଇଛି। ଚଢ଼ାଉ ସମୟରେ ପଶ୍ଚିମବଙ୍ଗ ପୁଲିସ ମୁଖ୍ୟ ଅଭିଯୁକ୍ତ ଜିଆଉଲ ଶେଖକୁ ଗିରଫ କରିବା ପରେ ତା'ର ଦୁଇ ପୁଅ ଓ ଅନ୍ୟତମ ଅଭିଯୁକ୍ତ ଝାରସୁଗୁଡ଼ା ଚାଲି ଆସି ଏଠାରେ ଶ୍ରମିକ ଭାବେ ଆତ୍ମଗୋପନ କରିଥିଲେ। ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ହିଂସା ଭିଆଇବା ପରେ କିଛି ସନ୍ଦିଗ୍ଧ ଝାରସୁଗୁଡ଼ା ପଳାଇ ଆସିଥିବା ସନ୍ଦେହ। ଏନେଇ ବନହରପାଲି ଥାନା ବନ୍ଧବାହାଲ ଅଞ୍ଚଳରେ ପୁଲିସ ଚଢ଼ଉ କରିଥିଲା। ସନ୍ଦିଗ୍ଧଙ୍କୁ ପୁଲିସ ପଚରାଉଚରା କରୁଛି। ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ସକାଳୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାରସୁଗୁଡ଼ା ଏସପି ସ୍ମିତ୍ ପରମାର ଓ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ପଶ୍ଚିମବଙ୍ଗ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା।

## ରାହୁଲଙ୍କୁ...

ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ବିରୋଧରେ ଚାର୍ଜସିଟ୍ ହୋଇଛି। ଏହାଛଡ଼ା ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସୀକୁ ବେଲଜିୟମରୁ ଗିରଫ କରାଯାଇଛି। ମୁମ୍ବାଇ ଆକ୍ରମଣର ମାଷ୍ଟର ମାଇଣ୍ଡ ତହବୁର ରାଣାକୁ ଭାରତକୁ ଅଣାଯାଇଛି। ଜମି ଦୁର୍ନୀତିରେ ରବର୍ଟ ଭଦ୍ରାଙ୍କୁ ଜେରା ଚାଲିଛି। ଏଥିସହ ମୋଦି ସରକାରଙ୍କ ସଫଳତାକୁ ପାଥେୟ କରି ଦିଲ୍ଲୀ, ମହାରାଷ୍ଟ୍ର ଓ ହରିଆଣା ବିଧାନସଭା ନିର୍ବାଚନରେ ବିଜେପି ବିପୁଳ ବିଜୟ ହାସଲ କରିଛି ଆଦି ପ୍ରସଙ୍ଗ ଉକ୍ତ ଭିଡିଓରେ ସ୍ଥାନ ପାଇଛି।

## ଏନକାଉଣ୍ଟରକୁ ...

୯୦୯୦୦୯୮୦୦କୁ ବ୍ୟବହାର କରିଥିଲା। ତେବେ ଷ୍ଟେସନ ପରିସରରେ ଫୋନରେ କଥା ହେଉଥିବା ସମୟରେ ଅଚାନକ ୭/୮ ଜଣ ଲୋକ ପଛରୁ ଆସି ତାଙ୍କ ଦେହରେ ବନ୍ଧୁକ ଲଗାଇଦେଇଥିଲେ। ଫୋନ୍‌ରେ କଥା ହେଉଥିବା ପତ୍ନୀଙ୍କୁ ଏ ବିଷୟରେ ଜଣାଇବା ସହ କିଛି ଲୋକ ତାଙ୍କୁ ଅପହରଣ କରୁଛନ୍ତି ବୋଲି କହିବା ସହ ବଞ୍ଚାଇବାକୁ ପତ୍ନୀଙ୍କୁ କହିଥିଲା। ସେତେବେଳେ ଉକ୍ତ ବ୍ୟକ୍ତିମାନେ କହିଥିଲେ ଯେ ଯଦି ତୁ ଏଠାରେ ଚିତ୍କାର କରିବୁ ତେବେ ଆମେ ତତେ ଗୁଳି କରିଦେବୁ। ଭୟରେ ସେ ନିରବ ରହିବାରୁ ସେମାନେ ତାଙ୍କୁ ନେଇ ଗୋଟିଏ ବୋଲେରୋରେ ବସାଇ ଭୁବନେଶ୍ୱର ଆଣିଲେ। ରାସ୍ତାରେ ସେମାନଙ୍କୁ ଜାମସେଦ ପରିଚୟ ମାଗିବାରୁ ସେମାନେ କହିଥିଲେ ଯେ 'ଆମେ ପୁଲିସ୍ ଓ ଭୁବନେଶ୍ୱରରୁ ଆସିଛୁ'। ତା'ପରେ ସେମାନେ ଜାମସେଦର ଭୁବନେଶ୍ୱର ଘର ଠିକଣା ମାଗିଲେ ଓ ସେଠାରେ ପହଞ୍ଚି ଖାନତଲାସ କଲେ। ଘର ଲୋକ ପଚାରିବାରୁ ତଦନ୍ତ ଚାଲିଥିବା କହିଥିଲେ ଏବଂ ୧୧ ତାରିଖ ଦିନ ଜାମସେଦକୁ ଛାଡିଦେବେ ବୋଲି କହିଥିଲେ।

ଏହାପରେ ୧୧ ତାରିଖ ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ସେମାନେ ତାକୁ ପୁଲିସ୍ କମିଶନର ଅଫିସକୁ ମୁହଁରେ ଟାୱେଲ ଏବଂ ଧଳା ରଙ୍ଗର ଗାମୁଛା ପକାଇ ଦସ୍ତରର ଯେଉଁ ସିଧାରେ ବଡ଼ ଘଣ୍ଟା ଲାଗିଛି, ସେହି ବାଟ ଦେଇ ଉପର ମହଲାକୁ ନେଇଗଲେ। ସେ ଯେତେ କାକୁତି ମିନତି ହୋଇ ତା'ର ଦୋଷ କ'ଣ ଓ ତାକୁ ଛାଡିଦିଅ ବୋଲି କହିଥିଲେ ମଧ୍ୟ ସେମାନେ କେବଳ ଗୋଟିଏ କଥା କହୁଥିଲେ ଯେ ତୋତେ ସକାଳେ ଛାଡିଦବୁ।

ହେଲେ ଜାମସେଦ ସେମାନଙ୍କ ଚାଲ୍ ବୁଝିପାରିଲା ନାହିଁ। ସେହି ପୁଲିସ୍ କର୍ମଚାରୀମାନେ ତା ଏପ୍ରିଲ୍ ୧୧ ତାରିଖ ଦିନ ରାତି ପ୍ରାୟ ୨.୩୦ ରୁ ୩.୩୦ ମଧ୍ୟରେ କମିଶନରେଟ ପୁଲିସ୍ ଅଫିସରୁ ମୁହଁରେ ଧଳା ରଙ୍ଗର ଗାମୁଛା ପକାଇ ଖଣ୍ଡଗିରି ଅଞ୍ଚଳକୁ ନେଲେ। ମୁହଁରେ ଗାମୁଛା ପଡ଼ିଥିବାରୁ ସେ କିଛି ବି ଦେଖିପାରୁନଥିଲା। ଏହାପରେ ୪/୫ ଜଣ ଜାମସେଦର ହାତ ଧରି ଅଜାଣତରେ ଦୁଇ ରାଉଣ୍ଡ ଗୁଳି କରିଥିଲେ। ଗୁଳି ମାଡ଼ ପରେ ସେ ରାସ୍ତାରେ ଚିଲ୍ଲେଇବା ସହ ଯନ୍ତ୍ରଣାରେ ଗଡୁଥିଲା। ତା' ଶରୀରରୁ ରକ୍ତର ସୁଅ ଛୁଟୁଥିଲା। ଶରୀର ରକ୍ତ ଜୁଡୁବୁଡୁ ହୋଇଯାଇଥିଲା। ସେହି ସମୟରେ ପୁଲିସ୍‌ମାନେ ତା'ର ହାତ ଖୋଲିବା ସହ ତୁଳାରେ ଫିଙ୍ଗରପ୍ରିଣ୍ଟ ନେବା ଆରମ୍ଭ କରିଥିଲେ। ଏହାପରେ ତାକୁ ପୁଲିସ୍ ଛ' ନମ୍ବରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ନେଇ ଡାକ୍ତରଙ୍କୁ ଦେଖାଇଥିଲେ।

ଜାମସେଦ ତା'ର ଚିଠିରେ ଆହୁରି ମଧ୍ୟ ଉଲ୍ଲେଖ କରିଛି ଯେ ଯେଉଁ ଟିଭିଏସ୍ ଆପାଚି ଦୁଇଚକିଆ ଯାନକୁ ମୋର ବୋଲି ପୁଲିସ୍ ଦର୍ଶାଉଛି, ତାହା ମୋର ନୁହେଁ। ଯେଉଁ ବନ୍ଧୁକ ମୋର ବୋଲି ପୁଲିସ୍ ଦେଖାଉଛି, ତା'ର ବି ମୋର ନୁହେଁ କି ମୁଁ କେବେ ବନ୍ଧୁକ ବ୍ୟବହାର କରିନାହିଁ। ମୋର ପରିବାରକୁ ହଇରାଣ କରିବା ପାଇଁ ପୁଲିସ୍ ଏଭଳି ମିଛ ଏନକାଉଣ୍ଟର କରିଛି। ତେଣୁ ମୋତେ ନ୍ୟାୟ ମିଳୁ। ପୁଲିସ୍ ଏନକାଉଣ୍ଟରରେ ଆହତ ହୋଇଥିବା ଜଣେ ଅପରାଧୀ ଏଭଳି ବିସ୍ତୃତ ବିବରଣୀ ଦେବା ପରେ ଏବେ ଏନକାଉଣ୍ଟରକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। ଅପରାଧି ଯେଉଁସବୁ ଠିକଣା, ସମୟ ଓ ଫୋନ୍ ନମ୍ବର ଆଦି ଦର୍ଶାଉଛି, ସେଠାରେ ଥିବା ସିସିଟିଭି ଫୁଟେଜ୍ ସହ ଟେଲିଫୋନ୍ ସର୍ଭିଲାନ୍ସ ରିପୋର୍ଟକୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପୁଲିସ୍ ସାର୍ବଜନୀନ କଲେ ପୁଲିସ୍ ଉପରେ ଲୋକଙ୍କ ଭରସା ବଢ଼ିବ ବୋଲି ଅବସରପ୍ରାପ୍ତ ସୁରକ୍ଷା ଅଧିକାରୀମାନେ ମତ ଦେଉଛନ୍ତି।

## ଫେରିଲାନି...

ଗୁହାରି କରିଥିଲେ। ଏଥିସହ କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବିରେ ଗତକାଲି ଅଞ୍ଚଳବାସୀ ରାଜରାସ୍ତାକୁ ବି ଓହ୍ଲାଇଥିଲେ। ସେମାନେ ଡେଲାଙ୍ଗ-କଣାସ ଓ ଖୋର୍ଦ୍ଧା-ପଙ୍ଗନାୟିକିଆ ରାସ୍ତାକୁ ଅବରୋଧ କରି ପୁଲିସ ଓ ପ୍ରଶାସନଠାରୁ ନ୍ୟାୟ ଦାବି କରିଥିଲେ।

ଅନ୍ୟପକ୍ଷରେ ଆଜି ଆଶୀର୍ବାଦର ମୃତଦେହ ମିଳିବା ପରେ ପ୍ରଭାକର ଘରକୁ ଉତ୍ତ୍ୟକ୍ତ ଲୋକେ ଭାଙ୍ଗିଦେଇଥିବା ଜଣାପଡ଼ିଛି। ତେବେ ଆଶୀର୍ବାଦ ଶରୀରରେ କୌଣସି ପୋଷାକ ନ ଥିବା ଓ ତା'ର ଗୁପ୍ତାଙ୍ଗ କଟାଯାଇଥିବାରୁ ଏହି ହତ୍ୟାକାଣ୍ଡ ପଛରେ କୌଣସି ବଡ଼ ରହସ୍ୟ ଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ଏହି ଘଟଣାରେ ଉତ୍ତେଜିତ ଅବସ୍ଥାରେ ଥିବା ବେଳେ ପ୍ରଭାକର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ରାଜଧାନୀରେ...

ଦେଖାଇଛି ବିଏମସି। କଲେଜ ଏବଂ ହଷ୍ଟେଲରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଫୁଡ୍ ଭେଣ୍ଡରମାନଙ୍କୁ ନିୟମିତ ଯାଞ୍ଚ କରିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବିଏମସି ମେୟର କହିଛନ୍ତି ।

ନୀଳାଦ୍ରି ବିହାର ନୀଳମାଧବ ନିବାସ ପରେ ଏକ କଲେଜରେ ଛାତ୍ରୀମାନେ ଝାଡାବାନ୍ତିରେ ଆକ୍ରାନ୍ତ ହେବା ରାଜଧାନୀ ପାଇଁ ଶୁଭ ସଙ୍କେତ ନୁହେଁ। ରାଜଧାନୀରେ କ୍ରମାଗତ ଭାବେ ଝାଡାବାନ୍ତି ବ୍ୟାପିବାର କାରଣ କଣ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦୂଷିତ ପାଣିରୁ ଏହା ବ୍ୟାପୁଥିବା ଆଶଙ୍କା କରାଯାଉଛି। ନୀଳାଦ୍ରି ବାହାର ଅଞ୍ଚଳରୁ ଓ ଗାନ୍ଧୀ ବିଦ୍ୟାପୀଠରେ ପାଣି ସାମ୍ପୁଲ ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି। ହେଲେ ଏଯାଏଁ ନୀଳାଦ୍ରି ବିହାର ସାମ୍ପୁଲ ଟେଷ୍ଟ ରିପୋର୍ଟ ଆସିନାହିଁ କି ଜନସ୍ୱାସ୍ଥ୍ୟ ବିଭାଗ ତାର ରିପୋର୍ଟ ପ୍ରକାଶ କରୁନାହିଁ। କିନ୍ତୁ ରାଜଧାନୀରେ ଯଦି ଲୋକେ ଦୂଷିତ ପାଣି ପିଇବେ, ତେବେ ଗ୍ରାମାଞ୍ଚଳର ସ୍ଥିତି କ'ଣ ହେଉଥିବା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ସେବେ...

ବିଜେଡି ନେତା ଗଣମାଧ୍ୟମରେ ରୁବେନଙ୍କ ବିରୁଦ୍ଧରେ ମୁହଁ ଖୋଲିଲା ପରେ ଦଳର ସାଇବର ଟିମ୍ ମୋର୍ଚ୍ଚା ସମ୍ଭାଳିଥିଲା। ରୁବେନ ବିରୁଦ୍ଧରେ ବିଭିନ୍ନ ଭିଡିଓ ଓ କାର୍ଟୁନ ସୋସିଆଲ ମିଡିଆରେ ଛାଡିଥିଲା। ତେବେ ରୁବେନ ଏଥିପ୍ରତି ସେତେଟା ଗୁରୁତ୍ୱ ଦେଇନଥିଲେ।

କିଛିଦିନ ଚୁପ ରହିବା ପରେ ରୁବେନ ଏବେ ଓଡ଼ିଶାର ନୂଆ ସରକାରଙ୍କ କାର୍ଯ୍ୟଧାରାକୁ ନେଇ ଭିଡିଓ ଜାରି କହିଛନ୍ତି। ସିଧା ସିଧା କହିଛନ୍ତି ଯେ ତାଙ୍କ ଓଡ଼ିଶା ଗସ୍ତ କାଳରେ ସାଧାରଣ ଲୋକଙ୍କ ମତ ହେଉଛି 'କିଛି ତ ହେଉନି'। ମାନେ ସରକାର ଠିକଣା ଭାବେ ଚାଲୁନାହିଁ। ଏଥିସହିତ ରୁବେନ ମୁଖ୍ୟମନ୍ତ୍ରୀ ଜଣେ ଭଲ ଲୋକ ଓ ପ୍ରଶାସନରେ ଦକ୍ଷତା ଦେଖାଇବାର ଆବଶ୍ୟକତା ରହିଥିବା କଥା ବି କହିଛନ୍ତି। ତାଙ୍କ ଭିଡିଓରେ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ଭଳି କିଛି ଉକ୍ତି ରହିଛି।

ରୁବେନଙ୍କର ଏହି ଭିଡିଓଟି ଏବେ ବିଜେଡି ପାଇଁ କିନ୍ତୁ ଅମୂଲ୍ୟ ସମ୍ପଦ ପାଲଟିଯାଇଛି। ଦଳର ଛଦ୍ମବେଶୀ ସୋସିଆଲ ଯୋଦ୍ଧାମାନେ ଏହାକୁ ଶେୟାର କରିବା ସହ ସେଥିରେ ନାନାପ୍ରକାର ନକାରାତ୍ମକ ଟିପ୍ପଣୀ ମଧ୍ୟ ଦେଉଛନ୍ତି। ତେବେ ଛ' ମାସ ତଳେ ଯେଉଁ ରୁବେନ ବିଜେଡି ପାଇଁ ମାଛହାଟର ବାସ୍ନା ପାଲଟିଥିଲେ, ସିଏ ଏବେ ହଠାତ୍ କେମିତି ଚମ୍ପା ଚନ୍ଦନ ଭଳି ବାସିଲେ। ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଛଦ୍ମବେଶୀ ସାଇବର ଯୋଦ୍ଧାମାନେ କିନ୍ତୁ ନିଜ ନିଜ କାମରେ ଲାଗି ପଡ଼ିଥିବା ଲକ୍ଷ୍ୟ କରାଯାଇଛି।

### ସକାଳୁଆ ଅଫିସ ପାଲଟିଛି ପ୍ରହସନ

# ଅଧିକାରୀ କି କର୍ମଚାରୀଙ୍କ ଦେଖା ମିଳୁନି

## ନିର୍ଦ୍ଧାରିତ ସମୟରେ ଆସୁନାହାନ୍ତି ଅଧିକାରୀ, କର୍ମଚାରୀ

## ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକେ ହନ୍ତସନ୍ତ



**ଅସ୍ତରଙ୍ଗ/କାକଟପୁର, ୨୧।୪ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ସକାଳୁଆ କାର୍ଯ୍ୟାଳୟ କରିଛନ୍ତି। ସକାଳ ୭ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ସରକାରଙ୍କ ଏହି ନିୟମ ପ୍ରହସନ ପାଲଟିଛି। ବିଡ଼ିଓଙ୍କ ଠାରୁ ଆରମ୍ଭ କରି ବ୍ଲକସ୍ତରୀୟ ଅଧିକାରୀମାନେ ସକାଳୁଆ କାର୍ଯ୍ୟାଳୟ ସମୟକୁ ପାଳନ କରୁନଥିବା ଦେଖାଯାଇଛି। ଅଧିକାଂଶ ଅଧିକାରୀ ଓ କର୍ମଚାରୀ ସକାଳ ୯ଟା ପରେ କାର୍ଯ୍ୟାଳୟକୁ ଆସୁଥିବା ଦେଖାଯାଉଛି। କେବଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ସକାଳୁ ଆସି କାର୍ଯ୍ୟାଳୟ ଖୋଲି ଦେଇ ବସୁଛନ୍ତି। ୮ଟା ପରେ କିଛି କର୍ମଚାରୀ ଆସୁଥିବା ବେଳେ ଅଧିକାଂଶ ୯ଟା ପରେ ଆସୁଛନ୍ତି। ପୂର୍ବରୁ ହେଉ ଅବା ସୋମବାର ଦିନ ଅସ୍ତରଙ୍ଗ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ସମାନ ଅବସ୍ଥା।

ବ୍ଲକ କାର୍ଯ୍ୟାଳୟରେ ସକାଳ ୮ଟା ବେଳକୁ ଅଧିକାଂଶ ବ୍ଲକସ୍ତରୀୟ ଅଧିକାରୀଙ୍କ ପ୍ରକୋଷ୍ଠରୁ ତାଲା ଖୋଲିନଥିଲା। କିଛି ଅଧିକାରୀଙ୍କ ପ୍ରକୋଷ୍ଠ ଖୋଲା ଥିବା ବେଳେ ଚୌକି ଖାଲି ପଡିଥିଲା। ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିନଥିଲେ। ଖୋଦ ବିଡ଼ିଓଙ୍କ ଚୌକି ୮ଟା ପର୍ଯ୍ୟନ୍ତ ଖାଲି ପଡିଥିଲା। ବ୍ଲକର ଜୀବିକା ମିଶନ, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଖାଉଟି କଲ୍ୟାଣ ବିଭାଗ, ଯନ୍ତ୍ରୀଙ୍କ ପ୍ରକୋଷ୍ଠ ଆଦିରେ କେଉଁଠି ଚୌକି ଖାଲି ପଡ଼ିଥିବା ବେଳେ କେଉଁଠି ତାଲା ଝୁଲୁଥିବା ବେଳେ ଅଧିକାରୀଙ୍କ ଦେଖାଦର୍ଶନ ମିଳିନଥିଲା। ବିଭିନ୍ନ କାମ ନେଇ ଦୂରଦୁରାନ୍ତରୁ ଆସିଥିବା ଲୋକମାନେ ଅଧିକାରୀ ଓ କର୍ମଚାରୀଙ୍କୁ ଅପେକ୍ଷା କରି ବସି ରହିଥିଲେ। ପ୍ରତ୍ୟେକ ଦିନ ଏଭଳି ଅଧିକାରୀ ଓ କର୍ମଚାରୀମାନେ ସକାଳ ୯ଟା ପରେ କାର୍ଯ୍ୟାଳୟକୁ ଆସୁଥିବାରୁ କାମ ଠିକ ଭାବେ ହୋଇ ପାରୁନଥିବା ନମାରୋରୁ ଆସିଥିବା ଜୀବନ ବେହେରା କହିଥିଲେ। ସକାଳୁଆ କାର୍ଯ୍ୟାଳୟ ହେବା ଦିନଠାରୁ ଏପରି ଭାବେ ଅଧିକାରୀ ଓ କର୍ମଚାରୀ ନିଜ ମର୍ଜୀରେ ଆସି ୧୨ଟା ନ ବାଜୁଣୁ ଘରକୁ ପଳାଉଥିବା ଅଭିଯୋଗ ହେଉଛି। ଯାହାକି ଉଚ୍ଚ ସ୍ତରୀୟ ତଦନ୍ତକାରୀ ଟିମ୍ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ସମ୍ପୂର୍ଣ୍ଣ ସତ ସାମ୍ନାକୁ ଆସି ପାରିବ।

ଏଭଳି ସ୍ଥିତିରେ ଦୂର ଦୁରାନ୍ତରୁ ସାଧାରଣ ଲୋକଟିଏ ବ୍ଲକ କାର୍ଯ୍ୟାଳୟକୁ ଭତ୍ତା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ୟ ସମସ୍ୟା ନେଇ ଖର୍ଚ୍ଚାନ୍ତ ହୋଇ ଆସୁଛନ୍ତି। ହେଲେ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ମିଳୁ ନଥିବା କାରଣରୁ ଲୋକ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ସରକାରୀ ନୀତିନିୟମ ଉଲ୍ଲଘଂନ କରୁଥିବା କର୍ମଚାରୀଙ୍କ ଉପରେ ଜିଲ୍ଲାପାଳ ତଥା ଜିଲ୍ଲାପ୍ରଶାସନ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି।

### ବାଞ୍ଛାନିଧିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ବାଞ୍ଛାନିଧି ଥିଲେ ଜନଚେତନା ଓ ଗଣସଂଗ୍ରାମର ଚାରଣ କବି



**ଭଦ୍ରକ, ୨୧।୪ (ସଂଚାର ବ୍ୟୁରୋ):** ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ, ଭଦ୍ରକଙ୍କ ସହଯୋଗରେ ଜିଲ୍ଲା ସଂସ୍କୃତି ଭବନ ଠାରେ ସାହିତ୍ୟିକ ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ କବି ବାଞ୍ଛାନିଧିଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । 'ମହାନ୍ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧିଙ୍କ ସଂଗୀତ ସାଧାରଣ ଲୋକଙ୍କୁ ଜାତୀୟତା ମନ୍ତ୍ରରେ ଉଦବୁଦ୍ଧ କରି ବିପ୍ଳବ ପାଇଁ ସଂଗଠିତ କରୁଥିଲା । ତାଙ୍କ ସଂଗୀତ ଥିଲା ଆତ୍ମାର ସଂଗୀତ, ଆଗାମୀ ନୂଆ ସକାଳର ଆବାହନୀ ମନ୍ତ୍ର । ସେ ଥିଲେ ଜନଚେତନା ଓ ଗଣସଂଗ୍ରାମର ଚାରଣ କବି ବୋଲି ସଭାରେ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଛନ୍ତି ।' ଏହି ଉତ୍ସବରେ ସାହିତ୍ୟିକ ଡ. ଶଶଧର ଦାସ ବରେଣ୍ୟ ଅତିଥି ଡ. ରବୀନ୍ଦ୍ର ବିହାରୀ ସମ୍ମାନୀୟ ଅତିଥି, ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ଓ ବିଶିଷ୍ଟ ସାମ୍ୟବାଦୀ କବି ନିରାକାର ଦାସ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ। କବି ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶିଷ୍ଟ ପ୍ରଗତିଶୀଳ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କୁ ବାଞ୍ଛାନିଧି ସ୍ମୃତି ପରିଷଦ ପକ୍ଷରୁ ବାଞ୍ଛାନିଧି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । କାଦମ୍ବିନୀର ସହ ସଂପାଦକ ଅମିତାଭ ଖିଲାର ମାନପତ୍ର ପାଠ କରିଥିବା ବେଳେ ଶେଷସ୍ପର୍ଶ ଦେଇଥଲେ ଅନୁଷ୍ଠାନର ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି । ଭଦ୍ରକ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ କବିଙ୍କ ରଚିତ ଦେଶ ପ୍ରେମ ସଂଗୀତ ଗାନ କରାଯାଇଥିଲା । ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଅସୁସ୍ଥ ହୋଇପଡିଲେ ଧାରଣାରତ ଠିକାଦାର



**ବାଲିଅନ୍ତା, ୨୧।୪ (ସଂଚାର ବ୍ୟୁରୋ) :** ନିର୍ମାଣ କାର୍ଯ୍ୟ ସରିବାର ଦୀର୍ଘ ଦିନ ବିତିଯାଇଥିଲେ ମଧ ବିଲ ନମିଳିବାରୁ ଏହାର ପ୍ରତିବାଦରେ ଆଜି ଆଶୁତୋଷ ନାୟକ ନାମକ ଜଣେ ଠିକାଦାର ବାଲିଅନ୍ତା ବ୍ଲକ ସମ୍ମୁଖରେ ଧରଣା ରେ ବସିରହି ଅସୁସ୍ଥ ହୋଇପଡ଼ିଥିଲେ। ଏହା ମଧରେ ମାସାଧିକକାଳ ବିତିଯାଇଥିଲେ ମଧ ପ୍ରାପ୍ୟ ପାଇପାରି ନାହାନ୍ତି ଆଶୁତୋଷ। ଖବର ପାଇ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା ଅଧୀନ ରାପିଡ଼ ରେସପନ୍ସ ଟିମ ପହଞ୍ଚି ଆମ୍ବୁଲାନ୍ସରେ ଆଶୁତୋଷଙ୍କୁ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅଂଶୁଘାତ ରୁମରେ ଆଶୁତୋଷଙ୍କୁ ଡାକ୍ତର ମାନବ ମଧୁଜିତ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ ଚିକିତ୍ସା କରାଇଥିଲେ। ଏହାପରେ ବିଡିଓ କସ୍ତୁରୀ ସ୍ୱାଇଁ ପ୍ରକୋଷ୍ଠକୁ ଡକାଇ ତାଙ୍କ ସହ ଆଲୋଚନା କରିଥିଲେ। ବିଲ ମଞ୍ଜୁରୀ ନେଇ ପ୍ରତିଶୃତି ଦେଇଥିଲେ । ସୂଚନା ଅନୁସାରେ ୨୦୨୩/୨୪ ଆର୍ଥିକ ବର୍ଷରେ ସ୍ଥାନୀୟ ସତ୍ୟଭାମାପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ବିଲ୍ଡିଂ ନିର୍ମାଣ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ୫୦ ଲକ୍ଷ ଟେଣ୍ଡର ଡକାଯାଇଥିଲା।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ




**ବୋରିଗୁମ୍ମା, ୨୧।୪ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ଭାବେ ସୁକାନ୍ତ କୁମାର ପଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ। ନୂତନ ବିଡ଼ିଓଙ୍କୁ ବୋରିଗୁମ୍ମା ବିଜେପି ମଣ୍ଡଳ ସଭାପତି ଓ ବିଜେପି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ପଟନାୟକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ କିପରି ଠିକ ରହିବ ଏବଂ ସୁଚାରୁରୂପେ ସମ୍ପାଦନ ହେବ ସେ ବିଷୟରେ ଧାନ ଦେବା ସହ ଅଞ୍ଚଳରେ ରାସ୍ତା,ଘାଟ, ପାନୀୟ ଜଳ, ପେନସନ ଉପଭକ୍ତାଙ୍କୁ ପେନସନ ପ୍ରଦାନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ଆଲୋଚନା କରିଥିଲେ।

## ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟଙ୍କ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ



**କୋଣାର୍କ, ୨୧।୪ (ସଂଚାର ବ୍ୟୁରୋ) :** ସୋମବାର ଅପରାହ୍ନରେ ସମୟରେ କୋରାପୁଟ ସାଂସଦ ତଥା କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଷ୍ଟାଣ୍ଡିଂ କମିଟି ଅଧକ୍ଷ ସପ୍ତଗିରି ଉଲାକାଙ୍କ ନେତୃତ୍ୱରେ ସଂସଦୀୟ ଷ୍ଟାଣ୍ଡିଂଙ୍ଗ କମିଟିର ଲୋକସଭା ଓ ରାଜ୍ୟସଭାର ୧୮ ଜଣ ସାଂସଦ ସୂର୍ଯ୍ୟମନ୍ଦିର ପରିଦର୍ଶନରେ କରିଥିଲେ। ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡିଂ କମିଟି ସଦସ୍ୟ ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ପ୍ରତିନିଧିଦଳ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହା ପରେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧକ୍ଷ ସାଂସଦ ଶ୍ରୀ ଉଲାକା ଓ ସଦସ୍ୟ ମାନେ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ପର୍ଯ୍ୟଟନ ବିଭାଗ ଗାଇଡ ଆଭାସ ମହାନ୍ତି ସୂର୍ଯ୍ୟମନ୍ଦିରର ଇତିହାସ, ପରମ୍ପରା, ସ୍ଥାପତ୍ୟ, କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ । ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରତିନିଧି ମଣ୍ଡଳୀ ଏହି ପ୍ରାଚୀନ ଐତିହ୍ୟ ଓ ପରମ୍ପରାର ପ୍ରତୀକ ସୂର୍ଯ୍ୟ ମନ୍ଦିର କଳାକୃତି ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ ବୋଲି କମିଟି ଅଧକ୍ଷ ତଥା କୋରାପୁଟ ସାଂସଦ ସପ୍ତଗିରି ଉଲାକା ମତବ୍ୟକ୍ତ କରିଥିଲେ। ଏହି ଗସ୍ତ ସମୟରେ ପୁରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଂଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପସଚିବ ସନ୍ତୋଷ କୁମାର ସେଠୀ, ପୁରୀ ଜିଲ୍ଲା ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ,ଗୋପ ବିଡ଼ିଓ ଛବିରାଣୀ ସାହୁ, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ,କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ସଂସଦୀୟ ଷ୍ଟାଣ୍ଡିଂ କମିଟିର ଗସ୍ତ ସମୟରେ କୋଣାର୍କ ପୁଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।



## ଜାହାନିଆଁରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବିଧାୟକଙ୍କ ଅର୍ଥ ମଞ୍ଜୁରୀ ପ୍ରତିଶ୍ରୁତି

**ଅସ୍ତରଙ୍ଗ/କାକଟପୁର, ୨୧।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ପୀର ଜାହାନିଆଁଙ୍କ ନିକଟରେ ନୂତନ ମାର୍କେଟ କମ୍ପେକ୍ସ ନିର୍ମାଣ ପାଇଁ ବିଧାୟକ ଅର୍ଥ ମଂଜୁର ପ୍ରତିଶୃତି ଦେଇଛନ୍ତି। ସୂଚନା ଯୋଗ୍ୟ କି ପୀରଜାହାନିଆଁ ପୀଠ ଠାରେ ବେଳାଭୂମି ଉନ୍ନତି କରଣ ସହ ପ୍ଲାଷ୍ଟିକି ମୁକ୍ତ କରିବା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଗୃହକୁ ଉଚ୍ଛେଦ ପାଇଁ ବନ ବିଭାଗ ତରଫରୁ ନୋଟିସ ଦିଆଯାଇଥିଲା। ଦୋକାନ ଗୃହ ଉଚ୍ଛେଦ ପାଇଁ ବନ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ସମସ୍ତ ବନ୍ଦୋବସ୍ତ ହୋଇଥିଲା। ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଓ ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି ଙ୍କ ହସ୍ତ କ୍ଷେପ ଫଳରେ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ବନ ବିଭାଗ ପକ୍ଷରୁ ଆସନ୍ତା ୧/୫/୨୫ ତାରିଖକୁ ଉଚ୍ଛେଦ କରିବା ପାଇଁ ମଧ୍ୟ ପୁନର୍ବାର ନୋଟିସ ଦେଇଛନ୍ତି। ଏହାକୁ ଗୁରୁତର ଭାବେ ବିଚାରକୁ ନେଇ ତଥା ସ୍ଥାନୀୟ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୋମବାର ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସମୟରେ ବ୍ଲକ୍ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସେଠି ଓ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତରେ ୧୮ ବଖରା ନୂତନ ଗୃହ ନିର୍ମାଣ ପାଇଁ ଆଲୋଚନା କରିଥିଲେ ଓ ଅତିଶୀଘ୍ର ତାର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଗୃହ ନିର୍ମାଣ ପାଇଁ ମଧ ପାଣି ଯୋଗାଇ ଦିଆଯିବା ପାଇଁ ପ୍ରତିଶୃତି ଦେଇଥିଲେ। ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀ ଗୃହ ନିର୍ମାଣ ପର୍ଯ୍ୟନ୍ତ ଆମେ ପେଟ ପାଟଣା ପାଇଁ ଦେକାନ ନ ଉଚ୍ଛେଦ କରି ସମୟ ଦିଆଯିବା ପାଇଁ ବିଧାୟକ ଓ ଉପାଧକ୍ଷଙ୍କ ନିକଟରେ ନିବେଦନ କରିଥିଲେ। ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ପ୍ରତିଶୃତି ଦେଇଥିଲେ। ବ୍ୟବସାୟୀ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଥିବାରୁ ବ୍ୟବସାୟୀମାନେ କୃତଜ୍ଞତା ଜଣାଇଥିଲେ। ଆଜିର ଏହି ସମୟରେ ସଂଘ ସମ୍ପାଦକ ଅବଦୁଲ ଅଲିଶା, କୋଷାଧକ୍ଷ ଅଜୟ କୁମାର କାଣ୍ଡି , ସହସମ୍ପାଦକ ନିରଞ୍ଜନ ବିଶ୍ୱାଳ, ଉପସଭାପତି ସର୍ବେଶ୍ୱର ବିଶ୍ୱାଳ, ସଂଗ୍ରାମ ବିଶ୍ୱାଳ ବାବୁନି ନାୟକ ଓ ଲିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ସୋଆ ଓ ରାଓ କ୍ରିକେଟ ଏକାଡେମୀ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୨୧।୪ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କ୍ରିକେଟ ଦଳ ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ସୋଆ ଏବଂ ଭୁବନେଶ୍ୱର ସ୍ଥିତ ରାଓ କ୍ରିକେଟ ଏକାଡେମୀ (ଆରସିଏ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ୨୦୨୩ ମସିହାରେ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଆର୍‌ସିଏ ହେଉଛି ଏକ କ୍ରିକେଟ ପ୍ରଶିକ୍ଷଣ କେନ୍ଦ୍ର ଯେଉଁଠାରେ କି ଖେଳାଳୀମାନଙ୍କୁ ଆନ୍ତର୍ଜାତିକ ମାନର କ୍ରିକେଟ ଭିତ୍ତିଭୂମି ରହିଛି ଏବଂ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ।




ବୁଝାମଣା ଅନୁଯାୟୀ ସୋଆର କ୍ରିକେଟ ଷ୍ଟାଡିୟମ୍‌କୁ ସପ୍ତାହକୁ ୩ ଦିନ ଆର୍‌ସିଏକୁ ବ୍ୟବହାର କରିପାରିବ। ସେହିପରି ଆର୍‌ସିଏ ପ୍ରଶିକ୍ଷକମାନେ ସପ୍ତାହରେ ୩ ଦିନ ସୋଆର କ୍ରିକେଟ ଟିମ୍‌କୁ ପ୍ରଶିକ୍ଷଣ ପ୍ରଦାନ କରିବ। ସୋଆର ଛାତ୍ରଛାତ୍ରୀ, କର୍ମଚାରୀ ଓ ଫ୍ୟାକଲ୍ଟି ମେମ୍ବର୍ସମାନଙ୍କୁ ଅଣଆବାସିକ କ୍ରିକେଟ ପ୍ରଶିକ୍ଷଣ ନିମନ୍ତେ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏଥି ସହିତ ସୋଆର କାର୍ଯ୍ୟରତ ସଦସ୍ୟଙ୍କ ପରିବାରର ଜଣେ ସଦସ୍ୟଙ୍କୁ ମଧ ଏହି ସୁବିଧା ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ଆର୍‌ସିଏ ପକ୍ଷରୁ ସୋଆର କ୍ରିକେଟ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ବୈଷୟିକ ସହଯୋଗ ପ୍ରଦାନ କରାଯିବା ସହ ସୋଆ ଟିମ୍ ସହିତ ବିଭିନ୍ନ କ୍ରିକେଟ ଦଳର ମ୍ୟାଚ ଆୟୋଜନ କରାଯିବ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆର୍‌ସିଏର ପରିଚାଳନା ନିର୍ଦ୍ଦେଶକ ଶିବଶଙ୍କର ରାଓଙ୍କ ମଧରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବେଳେ ଏହି ଅବସରରେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆର୍‌ସିଏର ପାର୍ଟନର ସବ୍ୟସାଚୀ ସିଂ, ରାହୁଲ ଶୁକ୍ଳା ଏବଂ ଜୟନ୍ତ ରାଓ ଉପସ୍ଥିତ ଥିଲେ।

### ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ରାଇଡର ଇଲେଭେନକୁ ହରାଇ ବିବିସିଏ ସେମିକୁ ଉନ୍ନୀତ

**କୋଣାର୍କ, ୨୧।୪ (ସଂଚାର ବ୍ୟୁରୋ) :** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ କୋଣାର୍କ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ରାଇଡର ଇଲେଭେନ୍ ୭ୱିକେଟରେ ହରାଇ ଭାରତ ଭୁଷଣ କ୍ରିକେଟ ଏକାଡ଼େମୀ ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ରାଇଡର ଇଲେଭେନ ନିର୍ଦ୍ଧାରିତ ୨୦ ଓଭର ମ୍ୟାଚ୍ ରେ ୧୬ଓଭର ୫ଟି ବଲରେ ସମସ୍ତ ୱିକେଟ ହରାଇ ମାତ୍ର ୭୯ରନ ସଂଗ୍ରହ କରିଥିଲେ। ଜବାବରେ ବିବିସିଏ ଭୁବନେଶ୍ୱର ନିର୍ଦ୍ଧାରିତ ୨୦ଓଭର ରୁ ମାତ୍ର ୭ ଓଭର ତିନୋଟି ବଲ ଖେଳି ୩ ୱିକେଟ ହରାଇ ବିଜୟ ଲାଭ କରିଥିଲେ ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

**ଗୋପ, ୨୧।୪ (ସଂଚାର ବ୍ୟୁରୋ):** ଗୋପ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାସେବୀ ଅଶ୍ୱିନୀ ପଟନାୟକ, ମୁଖ୍ୟବକ୍ତା ଶିକ୍ଷବିତ ରବୀନ୍ଦ୍ର ସିଂ, ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ କୁମାର ପାଣ୍ଡେ ଏବଂ ସଭାରେ ସଭାପତିତ୍ୱ କରୁଥିବା ଲିଙ୍ଗରାଜ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କୁନି କୁନି ପିଲାମାନଙ୍କୁ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଶିକ୍ଷା ପ୍ରଦାନ କରାଯାଏ। ଗୋପରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଗୁଣାତ୍ମକ ଶିକ୍ଷା ଦାନ ଏହି ଶିକ୍ଷା ଅନୁଷ୍ଠାନଙ୍କୁ ଶିଖରରେ ପହଁଞ୍ଚାଇ ପାରିଛି ବୋଲି ଅତିଥି ମନେ ତାଙ୍କ ବହୁମୂଲ୍ୟ ଅଭିଭାଷ ରଖିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ଭୋଇ ବିର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସ୍ରଷ୍ଟା ବ୍ରଜମୋହନ ଜେନା ଉପସ୍ଥିତ ସମସ୍ତ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କୁନି କୁନି ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଓ ସଂଗୀତ ପଦର୍ଶନ ଉପସ୍ଥିତ ଅଭିଭାବକ ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ଶିକ୍ଷାବିତ କୈଳାଶ ଚନ୍ଦ୍ର ପଣ୍ଡା, ସମାଜସେବୀ ବିଭୁତି ଭୂଷଣ ପଟନାୟକ ଏବଂ ଗୋପ ବ୍ଲକ ସି ଆର ସି ଦୀପକ କୁମାର ସେନାପତି ବିଦ୍ୟାଳୟରୁ ପାଇଥିବା ସରକାରୀ ବୃତ୍ତି ଓ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦ୍ୱାରା ସମ୍ମାନିତ କରାଇଥିଲେ।



## ଖୋର୍ଦ୍ଧାରୋଡ଼, ବାଲୁଗାଁ ଓ ବ୍ରହ୍ମପୁର ସେକ୍ସନରେ ସ୍ୱତନ୍ତ୍ର ଟିକେଟ ଯାଞ୍ଚ ଅଭିଯାନ

**ଖୋର୍ଦ୍ଧା, ୨୧।୪ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଦ୍ୱାରା, ପ୍ରକୃତ ଟିକେଟଧାରୀ ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଖୋର୍ଦ୍ଧାରୋଡ଼-ବାଲୁଗାଁ-ବ୍ରହ୍ମପୁର ସେକ୍ସନରେ, ସ୍ୱତନ୍ତ୍ର ଟିକେଟ୍ ଯାଞ୍ଚ ଅଭିଯାନ କରଯାଇଥିଲା। ଏହି ସେକ୍ସନ ଦେଇ ଯାଉଥିବା ଟ୍ରେନଗୁଡ଼ିକୁ, ବାଣିଜ୍ୟ ଅଧିକାରୀ, ଟିକେଟ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳଙ୍କୁ ନେଇ ଗଠିତ ଏକ ଟିମ୍ ଦ୍ୱାରା ସମ୍ପୂର୍ଣ୍ଣ ଯାଞ୍ଚ କରଯାଇଛି । ଯାଞ୍ଚ ହୋଇଥିବା ଟ୍ରେନ୍ ଗୁଡିକ ହେଉଛି, ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ, (ଟ୍ରେନ୍ ନମ୍ବର ୧୮୪୬୩), ହାଓଡ଼ା-ଏସଏମ୍‌ଭିଟି ବାଙ୍ଗାଲୋର ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୨୮୬୩), ହାଓଡ଼ା-ଚେନ୍ନାଇ ମେଲ୍ (ଟ୍ରେନ୍ ନମ୍ବର ୧୨୮୩୯) ସିକନ୍ଦ୍ରାବାଦ-ହାଓଡ଼ା ଫାଲକନମା ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୨୭୦୪) ଏବଂ ଏସ୍‌ଏମ୍‌ଭିଟି ବାଙ୍ଗାଲୋର-ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୨୮୬୪) ଇତ୍ୟାଦି। ଅନଧିକୃତ ଯାତ୍ରୀଙ୍କ ଯାତ୍ରାକୁ ରୋକିବା ପାଇଁ ଏହି ଟ୍ରେନଗୁଡ଼ିକର ପ୍ୟାଣ୍ଟ୍ରି କାର ସମେତ ସମସ୍ତ ବର୍ଗର କୋଚ୍ ଯାଞ୍ଚ କରାଯାଇଥିଲା। ଉପରୋକ୍ତ ଟିକେଟ୍ ଯାଞ୍ଚ ଅଭିଯାନ ସମୟରେ, ୧୦୩ଟି ବିନା ଟିକେଟ୍ ଯାତ୍ରୀ ଚିହ୍ନଟ ହୋଇଥିଲେ ଏବଂ ଏହି ଯାତ୍ରୀମାନଙ୍କଠାରୁ ଭଡା ସହିତ ଜରିମାନା ଆକାରରେ ୩୭୮୨୦/- ଟଙ୍କା ସଂଗ୍ରହ କରାଯାଇଥିଲା।

## ସୋଆରେ 'ବ୍ୟବସାୟର ସାମ୍ପ୍ରତିକ ଧାରା' ସଂକ୍ରାନ୍ତ କର୍ମଶାଳା




**ଭୁବନେଶ୍ୱର, ୨୧।୪ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ବ୍ୟବସାୟର ବିଭିନ୍ନ ଦିଗକୁ ନେଇ ଏକ କର୍ମଶାଳା ନିକଟରେ ଆୟୋଜିତ ହୋଇଯାଇଛି। 'ବ୍ୟବସାୟର ସାମ୍ପ୍ରତିକ ଧାରା' ଶୀର୍ଷକ ଏହି କର୍ମଶାଳାରେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ଶିଳ୍ପ ଜଗତରୁ ପ୍ରାୟ ୫୦ ଜଣ ସାମିଲ ହୋଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଉପ-କୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଛାତ୍ରମଙ୍ଗଳ ଡିନ୍ ତଥା କର୍ମଶାଳାର ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଓ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ।

କର୍ମଶାଳାର ପ୍ରଥମ ପର୍ଯ୍ୟାୟର ବିଷୟବସ୍ତୁ ଥିଲା 'ଗ୍ରାହକ ସେବା କ୍ଷେତ୍ରରେ ସ୍ଥାୟିତ୍ୱ'। ଏ ସମ୍ପର୍କରେ ବାଟା ଇଣ୍ଡିଆର ସିନିୟର ଡିଷ୍ଟ୍ରିକ୍ଟ ମ୍ୟାନେଜର ବିକାଶ କୁମାର ମିଶ୍ର ବକ୍ତବ୍ୟ ରଖିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ 'ସଷ୍ଟେନେବିଲିଟି ଇନ୍ ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ' ଶୀର୍ଷକ ବିଷୟବସ୍ତୁ ଉପରେ କ୍ୟାରାଟ୍‌ଲେନ୍-ଏ ଟାଇଟାନ୍ ଏଣ୍ଟରପ୍ରାଇଜର ଜୋନାଲ ମର୍ଚ୍ଚାନ୍‌ଡାଇଜର ନିକିତା ମହାନ୍ତି ବକ୍ତବ୍ୟ ରଖିଥିଲେ। ସେହିପରି 'ବ୍ୟବସାୟିକ ଯୋଗାଯୋଗର ସ୍ଥାୟିତ୍ୱ' ଶୀର୍ଷକ ବିଷୟବସ୍ତୁ ଉପରେ ଆଗିଲସ୍ ଡାଇଗ୍ନୋଷ୍ଟିକର ସିନିୟର ରିଜିଓନାଲ୍ ମ୍ୟାନେଜର ରିତେନ୍ଦ୍ର ନାଥ ମିତ୍ର ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ସାମ୍ପ୍ରତିକ ଏବଂ ଭବିଷ୍ୟତ ବିଶ୍ୱର ପରିସ୍ଥିତି ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ମାର୍କେଟିଂ ବିଭାଗର ସମସ୍ତ ଫ୍ୟାକଲ୍ଟି ମେମ୍ବର ସାମିଲ ଥିଲେ।


### AFFIDAVIT

By this deed, I the Undersigned NANDINI PRADHAN Wife of Lokanath Pradhan permanent resident of Gadighara Sahi, Karakhandi, Addapada, Hinjili, Ganjam, Odisha-761144 currently residing at Keshari Nagar, Unit-5, Bhubaneswar, Khordha, Odisha-751001 do hereby solemnly affirm and state as follows:

1. That, I am the mother of the minor LOTION PRADHAN.
2. That, for and on behalf of my minor Son, I wholly renounce, relinquish and abandon the use of the former name of my minor son LOTION PRADHAN and in place thereof do assume from the date hereof the name of such minor as ROSHAN PRADHAN and as that he/she may thereafter be called, known and distinguished not by his/her former name of LOTION PRADHAN but by his/her assumed name of ROSHAN PRADHAN.
3. That, for the purpose of evidencing such his/her determination I hereby declare that he/she shall, at all times hereafter in all records, deeds and writings and in all proceeding, dealing and transaction private as well as public and upon all occasions whatsoever, use and sign his/her name of ROSHAN PRADHAN as his/her name in place of and in substitution of his/her former name of LOTION PRADHAN.
4. That, I expressly authorise and request all persons at all times to designate and address him/her and his/her future wife/husband and children, by such assumed name of ROSHAN PRADHAN accordingly.
5. That, I am the deponent of this affidavit.
6. That, all the facts stated above are true to the best of my knowledge and belief and for the benefit of the minor.

In executing this declaration, I have hereunto subscribed his/her former and adopted Names of LOTION PRADHAN and ROSHAN PRADHAN and affixed my signature on this 21.04.2025 signed, sealed and delivered.

Signed, sealed and delivered by the above applicant on behalf of Minor Son.

Old name of minor: **LOTION PRADHAN**

New name of minor: **ROSHAN PRADHAN**

The above-named Deponent being identified by D.Swain Advocate Bhubaneswar appears before me & state on oath that the contain of this affidavit are true to the best of his knowledge.

### ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

# ସଦାଶିବ ତ୍ରିପାଠୀଙ୍କ ଭଳି ନିଷ୍କଳଙ୍କ ରାଜନେତା ବିରଳ




**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ଡଃ ସଦାଶିବ ତ୍ରିପାଠୀଙ୍କ ଭଳି ଜଣେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ନିଷ୍କଳଙ୍କ ଓ ଆଦର୍ଶ ରାଜନେତା ଓ ସଫଳ ପ୍ରଶାସକ ବିରଳ ବୋଲି ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଆନୁକୂଲ୍ୟରେ ଆୟୋଜିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଡଃ ତ୍ରିପାଠୀଙ୍କୁ ନିଷ୍କଳଙ୍କ, ନିର୍ମଳ ବ୍ୟକ୍ତିତ୍ୱସମ୍ପନ୍ନ ମୁଖ୍ୟମନ୍ତ୍ରୀ ବୋଲି ଅଭିହିତ କରି ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ତାଙ୍କ ଉଦ୍ୟମରେ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇ ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିଥିଲା। ଆଦିବାସୀଙ୍କ ମଧ୍ୟରେ ସେ ଦେଶପ୍ରେମର ବହ୍ନି ପ୍ରଜ୍ୱଳନ କରିଥିଲେ। ଜମିଦାରୀ ପ୍ରଥା, ଗୋତି ପ୍ରଥା, ଭୁଦାନ ଆନ୍ଦୋଳନର କର୍ଣ୍ଣଧାର ସାଜି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଡ. ବେହେରା କହିଥିଲେ। ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଡ. ତ୍ରିପାଠୀ ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ କରିବା ଅମଳରେ ଜମିଦାରୀ ଉଚ୍ଛେଦ ଏବଂ ଓଡ଼ିଶା ଭୂସଂସ୍କାର ଆଇନ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ସେହିପରି ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍‌ର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା ମନୋବୃତ୍ତି ନେଇ ଉତ୍ସର୍ଗୀକୃତ ଭାବେ ନିଜର ସୁଖସୁବିଧାକୁ ଜଳାଞ୍ଜଳି ଦେଇ ରାଜନୀତି କରିବାକୁ ଗୋଡ଼ କାଢ଼ିଥିବା ଡଃ ସଦାଶିବ ତ୍ରିପାଠୀ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ପରମ୍ପରା ସୃଷ୍ଟି କରିଥିବା କହିଛନ୍ତି। ଏହାଛଡ଼ା ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ରାଜନୀତି କ୍ଷେତ୍ରରେ ଡଃ ସଦାଶିବ ତ୍ରିପାଠୀଙ୍କ ନିଃସ୍ୱାର୍ଥପର ସେବାର ପଟାନ୍ତର ନାହିଁ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶବରୀ ସାଂସ୍କୃତିକ ସଂସଦର ଉପସଭାପତି ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ସକାଳେ କ୍ୟାପିଟାଲ ହସ୍ପିଟାଲ ଛକସ୍ଥିତ ଡ. ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ପରିଡ଼ା, ବିଭାଗର ଉପନିର୍ଦ୍ଦେଶିକା ଶ୍ରୀମତୀ ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ଭୁବନେଶ୍ୱର କର୍ମକର୍ତ୍ତା, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ତଥା ବିଶିଷ୍ଟ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।

# ଏକାମ୍ର ବିଧାୟକଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

- ୩୭ କୋଟି ବ୍ୟୟ ବରାଦ
- ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦିଆଯାଉଛି



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏକାମ୍ର ନିର୍ବାଚନମଣ୍ଡଳୀ ମଧ୍ୟ ବିଜେପି ବିଧାୟକ ଭାବେ ବାବୁ ସିଂଙ୍କୁ ପାଇଛି। ବିଜେପି ସରକାରରେ ଏକାମ୍ର ନିର୍ବାଚନମଣ୍ଡଳୀର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଆଜି ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ୱାର୍ଡ ନଂ ୫୯ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ନୂଆଗାଁ, ମାରୁତି ନଗର, ବିଶାଳ ସିଟି, ଅପସନା ଗାର୍ଡେନ୍, ବିଜୟ ବିହାର, ରୁଦ୍ର ବିହାର, ଲିଙ୍ଗିପୁର, ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର, ମାରୁତି ନଗର, ଦିବ୍ୟ ବିହାର କଲୋନୀ ଓ ଏହାର ଆଖପାଖ ଅଞ୍ଚଳରେ ନୂତନ ରାସ୍ତା, ଡ୍ରେନେଜ୍ ଓ ସ୍ୱେରେଜ ପ୍ରକଳ୍ପ ପାଇଁ ଏହି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଧାୟକ ଶ୍ରୀ ସିଂ ଏହିସବୁ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା, କ୍ଷମତାକୁ ଆସିବା ପରେ ସେସବୁକୁ ବାସ୍ତବ ରୂପ ଦେବା ସକାଶେ ଉଦ୍ୟମ ଜାରି ରହିଛି। ସ୍ଥାନୀୟ ଜନସାଧାରଣ ଗତ ସରକାର ଅମଳରେ ରାସ୍ତା, ସ୍ୱେରେଜ ଓ ଡ୍ରେନେଜ୍ ଆଦି ଯୋଗୁଁ ବିଭିନ୍ନ ସମସ୍ୟା ଭୋଗୁଥିଲେ। କିନ୍ତୁ ଆଜି ଶିଳାନ୍ୟାସ ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ, ସେମାନଙ୍କ ଏହି ଦୀର୍ଘଦିନର ସମସ୍ୟା ଦୂର ହୋଇପାରିବ ବୋଲି ବିଧାୟକ କହିଛନ୍ତି। ଏହିସବୁ ପ୍ରକଳ୍ପ ପାଇଁ ୩୭ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବିଧାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ବିରଞ୍ଚିନାରାୟଣ ମହାସୁପକାର, ଅମରେଶ ଜେନା, ଅଜିତ ବେହେରା, ଭୁବନେଶ୍ୱର ବ୍ଲକ୍ ଅଧ୍ୟକ୍ଷା ନିରୁପମା ସାହୁ, ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ୱାର୍ଡମେମ୍ବର ଚିରଞ୍ଜିବ ଗୋଚ୍ଛାୟତ, ପ୍ରଶାନ୍ତ ପଟ୍ଟନାୟକ, ମମତା ସ୍ୱାଇଁ, ସମାଜସେବୀ ସଂଗ୍ରାମ ପାଇକରାୟ, ରବି ପାତ୍ର, ବାବୁଲି ସମର୍ଥା, ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ, ସ୍ଥାନୀୟ ନେତୃତ୍ୱ ଅରୁଣ ପୁରୋହିତ, ଆଲୋକ ସାହୁ, ବିଭୂତି ଭୂଷଣ ପ୍ରଧାନ, ଅଜୟ ସାମନ୍ତରାୟ, ସନ୍ତୋଷ ସ୍ୱାଇଁ, ଅଜୟ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ● ନାବାଳିକା ବଳାତ୍କାର ମାମଲା

## ଅଭିଯୁକ୍ତକୁ ୧୦ବର୍ଷ ଜେଲ୍‌ଦଣ୍ଡାଦେଶ

**ଫୁଲବାଣୀ,୨୧।୪(ସଂଚାର ବ୍ୟୁରୋ):** ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଫୁଲବାଣୀ ଫାଷ୍ଟ ଟ୍ରାକ ପକ୍‌ସୋ ଅଦାଲତ ଆଜି ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୨୦ ହଜାର ଟଙ୍କା ଜୋରିମାନା ପଇଠ କରିବାକୁ ଆଦେଶ ଦିଆଯାଇଥିବା ବେଳେ ଅନାଦେୟ ପରିସ୍ଥିତିରେ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ସଦର ଥାନା ଅନ୍ତର୍ଗତ ପଡିଆବେରଣା ଆଶ୍ରିସାହିର ଉତ୍ତମ ସାହାଣୀ (୩୨)। ଗତ ୨୦୧୫ ଫେବୃଆରୀ ୯ ତାରିଖରେ ଉତ୍ତମ ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିବା ସହ ବଳାତ୍କାର କରିଥିଲା। ପରେ ପୀଡ଼ିତାଙ୍କୁ ନେଇ ସେ ଅନ୍ୟ ଏକ ସ୍ଥାନରେ ରଖିଥିଲା। ପୀଡ଼ିତାଙ୍କ ମା' ତାଙ୍କ ନିଖୋଜ ନେଇ ଫୁଲବାଣୀ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ଏହାକୁ ଆଧାର କରି ପୁଲିସ୍ ଉତ୍ତମକୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ମାମଲାର ବିଚାର କରି ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ୧୩ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ସକାଶେ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ପରିଚାଳନା କରୁଥିଲେ।

## ବାହାଘର ପ୍ରସେଶନ ବେଳେ ଯୁବକଙ୍କ ପାପୁଲି କାଟିଲେ ଦୁର୍ବୃତ୍ତ



**ପାପୁଲିବେଗୁନିଆପଡା,୨୧।୪ (ସଂଚାର ବ୍ୟୁରୋ) :** ବାହାଘର ପ୍ରସେଶନ ବେଳେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ। ଆକ୍ରମଣରେ ଯୁବକଙ୍କ ହାତ ପାପୁଲି ଛିଣ୍ଡି ଯାଇଥିବା ଜଣାପଡ଼ିଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ କବିସୂର୍ଯ୍ୟନଗର ଥାନା ସାନ ଉସ୍ତାପଡା ଗ୍ରାମରେ। ରବିବାର ରାତିରେ ବାହାଘର ପ୍ରସେଶନ ଚାଲିଥିଲା। ଏହି ସମୟରେ ଜଣେ ଯୁବକଙ୍କୁ ଅନ୍ୟ କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ସାନ ଉସ୍ତାପଡ଼ା ଗ୍ରାମର ବଣ୍ଟି ପ୍ରଧାନଙ୍କ ପାପୁଲିର ୯୦ ଭାଗ କଟିଯାଇଛି । ଗୁରୁତର ଅବସ୍ଥାରେ ବଣ୍ଟିଙ୍କୁ ପ୍ରଥମେ ବ୍ରହ୍ମପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ଗାଁରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି କାଣ୍ଡ ପୂର୍ବ ଶତ୍ରୁତାରୁ ହୋଇଥିବା ବେଳେ ବଣ୍ଟି ପ୍ରଧାନଙ୍କ ପରିବାର ପକ୍ଷରୁ ଏତଲା ହୋଇ ନାହିଁ। ତେବେ ପୋଲିସ ୩ ଜଣକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସେପଟେ ବଣ୍ଟି କିଛି ଦିନ ପୂର୍ବେ ଗଞ୍ଜେଇ କାରବାର ମାମଲାରେ ଜେଲରୁ ଫେରିଥିବା ମଧ ସୂଚନା ମିଳିଛି।

### ପ୍ରେମିକ ସାଜିଲା ପିଶାଚ

## ଗର୍ଭବତୀ ପ୍ରେମିକାର ଜୀବନ ନେଲା

**ମାଲକାନଗିରି,୨୧।୪(ସଂଚାର ବ୍ୟୁରୋ):** ପିଶାଚ ସାଜି ପ୍ରେମିକ ଜଣଙ୍କ ପ୍ରେମିକାର ଜୀବନ ନେଇଛି। କାରଣ ପ୍ରେମିକା ଗର୍ଭବତୀ ହେବା ପରେ ଏହାକୁ ନଷ୍ଟ କରିବା ସକାଶେ ରାଜିହୋଇନଥିଲା। ପେମ୍ରିକାକୁ ସେ ଗର୍ଭନଷ୍ଟ କରିବା ସକାଶେ ବାରମ୍ବାର ପ୍ରବର୍ତ୍ତାଇଥିଲେ ମଧ୍ୟ ସେ ରାଜି ନ ହେବାରୁ ଶେଷରେ ପ୍ରେମିକ ଜଣଙ୍କ ପଥରରେ ଛେଚି ତାଙ୍କ ଜୀବନ ନେଇଥିବା ଜଣାପଡ଼ିଛି। ଏହି ମାମଲାରେ ପୁଲିସ୍ ସମ୍ପୃକ୍ତ ପ୍ରେମିକକୁ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ମର୍ତ୍ତୁଣ୍ଡା ଗାଁର ଯୁବତୀ ମଙ୍ଗଳ ଦେଈ ନାଗ ଛତିଶଗଡ଼ ପଣ୍ଡୁମ୍ ଗାଁର ଯୁବକ ଉମେଶ ନାଗକୁ ଭଲ ପାଉଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ପାଖାପାଖି ବର୍ଷେ ହେବ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା ଏବଂ ବିବାହ ପ୍ରଲୋଭନ ଦେଖାଇ ଉମେଶ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। କିଛି ଦିନ ପରେ ମଙ୍ଗଳ ମା' ହେବା କଥା କହିବା ପରେ ଉମେଶ ମୁଣ୍ଡ ଚକ୍କର୍ କାଟିଥିଲା। କାରଣ ତା'ର ଉଦ୍ଦେଶ୍ୟ ଥିଲା ଭିନ୍ନ। ତେଣୁ ସେ ମଙ୍ଗଳଙ୍କୁ ଗର୍ଭ ନଷ୍ଟ କରିବା ପାଇଁ ପ୍ରବର୍ତ୍ତାଇଥିଲା। କିନ୍ତୁ କୌଣସି ପ୍ରକାରେ ମଙ୍ଗଳ ଏଥିରେ ରାଜି ହୋଇନଥିଲେ। ବରଂ ବିବାହ କରିବା ପାଇଁ ସେ ଜିଦ୍ ଧରିଥିଲେ। ତେଣୁ ରାସ୍ତାରୁ ହଟାଇଦେବା ସକାଶେ ମଙ୍ଗଳଙ୍କୁ ମାରିବା ଯୋଜନା କରିଥିଲା ଉମେଶ। ଯୋଜନା ମୁତାବକ ସେ ମଙ୍ଗଳଙ୍କୁ ମାଲକାନଗିରି ସୀମାନ୍ତ ଚାଲାଣଗୁଡା ଗାଁ ନିକଟରେ ପଥରରେ ଛେଚି ହତ୍ୟା କରିଥିଲା। ହତ୍ୟା ପରେ ମୃତଦେହକୁ ରେଙ୍ଗାବନ୍ଧ ଜଙ୍ଗଲରେ ଫିଙ୍ଗିଦେଇ ସେଠାରୁ ଉମେଶ ଫେରାର୍ ହୋଇଯାଇଥିଲା।

## ବକ୍ସ ଖଟରୁ ସ୍ତ୍ରୀ ମୃତଦେହ ଉଦ୍ଧାର,ସ୍ୱାମୀ ଫେରାର୍

**ଚନ୍ଦାହାଣ୍ଡି,୨୧।୪(ସଂଚାର ବ୍ୟୁରୋ):** ସ୍ତ୍ରୀକୁ ହତ୍ୟା କରି ବେଡ୍ ବକ୍ସରେ ଭର୍ତ୍ତି କରି ଫେରାର୍ ହୋଇଯାଇଛି ସ୍ୱାମୀ। ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ହଳଦି ଗାଁରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ସ୍ୱାମୀ ଫେରାର୍ ହୋଇଯାଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହତ୍ୟାକାଣ୍ଡର ଠୋସ୍ କାରଣ ସମ୍ପର୍କରେ କିଛି ବି ଜଣାପଡ଼ିନାହିଁ। ମିଳିଥିବା ସୂଚନାନୁସାରେ, ଚନ୍ଦାହାଣ୍ଡି ଥାନା ହଳଦି ଗାଁର ଦୁଷ୍ମନ୍ତ ନାୟକ ତାଙ୍କ ସ୍ତ୍ରୀ ଅନିତା ସୋରିଙ୍କୁ ହତ୍ୟା କରି ବେଡ୍ ବକ୍ସରେ ଭର୍ତ୍ତି କରିଦେଇଥିଲା। ମହିଳାଙ୍କ ପରିବାର ଲୋକେ ସନ୍ଦେହ କରି ଚନ୍ଦାହାଣ୍ଡି ଥାନାରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଚନ୍ଦାହାଣ୍ଡି ପୁଲିସ ପହଞ୍ଚି ଘରେ ପହଞ୍ଚି ତାଲା ଭାଙ୍ଗିବା ପରେ ବେଡ୍ ବକ୍ସ ଭିତରେ ମହିଳାଙ୍କ ଶବ ଥିବା ଦେଖିବାକୁ ପାଇଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପରେ ମହିଳାଙ୍କ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ସକାଶେ ପଠାଯାଇଥିବା ଜଣାପଡ଼ିଛି। ଏଥିସହ ହତ୍ୟାକାରୀ ସ୍ୱାମୀକୁ ଖୋଜିବା ସକାଶେ ତଦନ୍ତକାରୀ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ରାଜନୀତି ଛାଡ଼ିଲେ ରଘୁନନ୍ଦନ!

### ● ଶାରୀରିକ ଅସୁସ୍ଥତା ଯୋଗୁ ସକ୍ରିୟ ରହିପାରୁନାହାନ୍ତି



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ସକ୍ରିୟ ରାଜନୀତିରୁ ଅବସର ନେଇଛନ୍ତି ବୋଲି ଧରିନେବାକୁ ହେବ। ତେବେ ଏହା ଆମେ କହୁନାହୁଁ, ବରଂ ନିଜେ ରଘୁନନ୍ଦନ କହିଛନ୍ତି। ଆଜି ନବୀନ ନିବାସକୁ ଆସିଥିବା ସମୟରେ ରଘୁନନ୍ଦନଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ ପଚାରିଥିବା ବେଳେ ଏହାର ଉତ୍ତରରେ ସେ ଏପରି କିଛି ସଙ୍କେତ ଦେଇଛନ୍ତି। ସେ କହିଛନ୍ତି ଯେ କିଡ୍‌ନୀ ପ୍ରତିରୋପଣ ପରେ ସେ ରାଜନୀତିରେ ସକ୍ରିୟ ରହିପାରୁନାହାନ୍ତି। ରାଜନୀତି ପାଇଁ ସମୟ ଦେଇପାରୁନଥିବାରୁ ସେ ସନ୍ୟାସ ନେଇଯାଇଛନ୍ତି ବୋଲି ଧରିନେବାକୁ ରଘୁନନ୍ଦନ କହିଥିଲେ। ତେବେ ନବୀନ ନିବାସକୁ ସେ ବ୍ୟକ୍ତିଗତ କାମ ନେଇ ଆସିଥିଲେ ବୋଲି କହିଛନ୍ତି। ରାଜନୀତି ଛାଡ଼ିଲେ ବି ବିଜେଡି ପ୍ରତି ତାଙ୍କର ଆନୁଗତ୍ୟ ରହିବ ଓ ଅନ୍ୟ କୌଣସି ଦଳରେ ଯୋଗଦେବେ ନାହିଁ ବୋଲି ରଘୁନନ୍ଦନ ସ୍ପଷ୍ଟ କରିଛନ୍ତି। ସେହିପରି ଗତ ନିର୍ବାଚନରେ ଅସୁସ୍ଥତା କାରଣରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ। ତାଙ୍କୁ ଟିକେଟ ମିଳିନଥିଲେ ହେଁ ଏଥିରେ ସେ ଆଦୌ ଅସନ୍ତୋଷ ପ୍ରକଟ କରିନାହାନ୍ତି। ଟିକେଟ ପାଇନଥିବାରୁ ତାଙ୍କ ମନରେ ଯଦି ଅସନ୍ତୋଷ ଥାଆନ୍ତା, ତା'ହେଲେ ସେ ବିଦ୍ରୋହ କରିଥାନ୍ତେ ଆଉ ବାଲିକୁଦାରେ ବିଜେଡିକୁ ପରାସ୍ତ ହେବାକୁ ପଡ଼ିଥାନ୍ତା ବୋଲି ରଘୁନନ୍ଦନ କହିଛନ୍ତି। ସେହିପରି ବିଜେଡି କାର୍ଯ୍ୟକାରିଣୀରେ ତାଙ୍କୁ ସ୍ଥାନ ଦିଆଯିବ କି ନାହିଁ, ସେ ନିଷ୍ପତ୍ତି ଦଳର ମୁଖ୍ୟ ନବୀନ ବାବୁ ନେବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ନବମ ଥର ପାଇଁ ନବୀନ ବିଜେଡି ମୁଖ୍ୟ ଭାବେ ନିର୍ବାଚିତ ହେବା ପରେ ନବୀନ ନିବାସରେ ବିଜେଡିର ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏହି ବୈଠକରେ ଦେବୀ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ, ପ୍ରତାପ ଦେବ, ଅରୁଣ ସାହୁଙ୍କ ଭଳି ବରିଷ୍ଠ ନେତା ଯୋଗଦେଇଥିଲେ। ବୈଠକରେ ବିଜେଡି କାର୍ଯ୍ୟକାରିଣୀ ନେଇ ମଧ୍ୟ ଆଲୋଚନା ହୋଇଥିଲା। ୮୧ ଜଣିଆ ସଦସ୍ୟ ତାଲିକା ଘୋଷଣା ପୂର୍ବରୁ ବରିଷ୍ଠ ନେତାଙ୍କ ସହ ବିଚାରବିମର୍ଶ କରିଥିଲେ ନବୀନ। ରଘୁନନ୍ଦନ ମଧ୍ୟ ଏହି ବୈଠକରେ ଯୋଗଦେବା ସକାଶେ ଆସିଥିଲେ।

### ମାଛ କଲା ମାଲାମାଲ୍

## ମତ୍ସ୍ୟଜୀବୀ ପାଇଲେ ୫୦ ହଜାର

**ପାରାଦୀପ,୨୧।୪(ସଂଚାର ବ୍ୟୁରୋ):** ମାଛ କରିଦେଲା ମାଲାମାଲ। ହଜାରେ କି ଦୁଇ ହଜାର ନୁହେଁ, ବରଂ ଏକାଥରକେ ଦେଲା ୫୦ ହଜାର ପାଇଛନ୍ତି ଜଣେ ମତ୍ସ୍ୟଜୀବୀ। ଏକ ତେଲିଆ ବୋରେଇ ମାଛ ବିକି ମତ୍ସ୍ୟଜୀବୀ ଜଣଙ୍କ ବେଶ୍ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିଛନ୍ତି। ତେଲିଆ ବୋରେଇ ମାଛର ଆକାର ଯେତିକି ବଡ଼, ତା'ର ଦାମ୍ ମଧ୍ୟ ସେହିପରି ଆଖିଦୃଶିଆ। ଏହି ମାଛର ମାଂସଠାରୁ ଏହାର ପୁଟିର ଦାମ୍ ଢ଼େର୍ ଅଧିକ ରହିଥିବାରୁ ମତ୍ସ୍ୟଜୀବୀ ଜଣଙ୍କ ଅଧିକ ମୂଲ୍ୟ ପାଇପାରିଛନ୍ତି। ଏହି ମାଛର ଅନେକ ଉପକାରୀ ଗୁଣ ରହିଥିବାରୁ ଏହାର ସବୁବେଳେ ଚାହିଦା ରହିଆସିଛି। ମିଳିଥିବା ସୂଚନାନୁସାରେ, ପରାଦୀପରେ ଜଣେ ମତ୍ସଜୀବୀଙ୍କ ଜାଲରେ ପଡିଥିଲେ ୩ଟି ତେଲିଆ ବୋରେଇ ମାଛ। ସମୁଦ୍ରକୁ ଯିବା ସମୟରେ ପ୍ରତି ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀ ଏହି ମାଛ ସନ୍ଧାନରେ ରହିଆସିଥିଲେ ହେଁ ହାତଗଣତି ମତ୍ସ୍ୟଜୀବୀଙ୍କ ଜାଲରେ ଏହି ମାଛ ପଡ଼ିଥାନ୍ତି। କିନ୍ତୁ ଏହି ମାଛ ଯେଉଁ ମତ୍ସ୍ୟଜୀବୀଙ୍କ ଜାଲରେ ପଡିଥାଏ, ସେ ନିଜକୁ ଅତ୍ୟନ୍ତ ଭାଗ୍ୟଶାଳୀ ବୋଲି ମନେ କରିଥାନ୍ତି। ଏହି ମାଛର ପୁଟି ଔଷଧୀୟ ସାମଗ୍ରୀ ପ୍ରସ୍ତୁତିରେ ଲାଗୁଥିବାରୁ ଏହାର ଦାମ୍ ସବୁବେଳେ ଅଧିକ ରହିଆସିଛି। ବିଦେଶକୁ ଏହି ମାଛର ପୁଟି ଅଧିକ ରପ୍ତାନି କରାଯାଇଥାଏ। କୋଲକାତାରୁ ବ୍ୟବସାୟୀମାନେ ଆସି ଏଠାରୁ ଏହି ପୁଟି ସଂଗ୍ରହ କରିଥାନ୍ତି। ୫ କିଲୋରୁ ଅଧିକ ଓଜନର ତେଲିଆ ବୋରେଇ ପୁଟି କିଲୋ ପିଛା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଛି। ସେହିପରି ଛୋଟ ଓ ବଡ଼ ମାଛର ପୁଟି ପାଇଁ ଅଲଗା ଦର ରହିଛି। ଏହାଛଡ଼ା ଭେକ୍ଟି ମାଛ ପୁଟି ମଧ୍ୟ ଅଧିକ ଦରରେ ବିକ୍ରି ହେଉଛି।



### ମେଡିକାଲ କଲେଜକୁ ଏନ୍ଏମ୍‌ସିର ନୋଟିସ୍

## ମେ' ୧ରୁ ମୁହଁ ଆଧାରିତ ଉପସ୍ଥାନ ପାଇଁ ନିର୍ଦ୍ଦେଶ




**ଭୁବନେଶ୍ୱର, ୨୧।୪ (ସଂଚାର ବ୍ୟୁରୋ):** ଏଣିକି ରାଜ୍ୟର ପ୍ରତି ମେଡିକାଲ୍ କଲେଜରେ ମୁହଁ ଆଧାରିତ ଉପସ୍ଥାନ ଦେବା ବାଧ୍ୟତାମୂଳକ ହେବ। କାରଣ ନିକଟରେ ନ୍ୟାସନାଲ୍ ମେଡିକାଲ୍ କମିଶନ୍ (ଏନ୍ଏମ୍‌ସି) ରାଜ୍ୟର ସମସ୍ତ ମେଡିକାଲ୍ କଲେଜକୁ ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ଏଣିକି ବାୟୋମେଟ୍ରିକ୍‌ରେ ଟିପ୍ ଚିହ୍ନ ଦେଇ ଆଉ ଖସିପାରିବେ ନାହିଁ ଅଧ୍ୟାପକ। ସରକାରୀ ହେଉ ବା ଘରୋଇ ମେଡିକାଲ କଲେଜ, ସବୁଠି ଅଧ୍ୟାପକଙ୍କ ଉପସ୍ଥିତି ମୁହଁ ଆଧାରିତ ପଦ୍ଧତି ମାଧ୍ୟମରେ ନିଶ୍ଚିତ କରାଯିବ। ଏହି ନିୟମ ଆସନ୍ତା ୧ରୁ ଲାଗୁ କରିବା ସକାଶେ ଏନ୍ଏମ୍‌ସି ଏହା ଅଧୀନରେ ଥିବା ସବୁ ମେଡିକାଲ୍ କଲେଜ/ଅନୁଷ୍ଠାନକୁ ନୋଟିସ୍ ଜାରି କରିଛି। ଉକ୍ତ ନୋଟିସ୍‌ରେ ଉଲ୍ଲେଖ ରହିଛି ଯେ କଲେଜର ବିଭିନ୍ନ ସ୍ଥାନରେ ଜିପିଏସ୍ ଲୋକେସନ୍‌କୁ ଏନ୍ଏମ୍‌ସିକୁ ଜଣାଇ ଦିଆଯିବ। ଜିପିଏସ୍ ଲୋକେସନ୍‌ର ୧୦୦ ମିଟର ପରିଧି ମଧ୍ୟରେ ଉପସ୍ଥାନ ଦେଇହେବ। ଯେଉଁଠାରେ ମୋବାଇଲ୍ ଆପ୍ ମାଧ୍ୟମରେ ଉପସ୍ଥାନ ଦେବା ସହଜ ହେବ, ସେହି ସ୍ଥାନକୁ ଏନ୍ଏମ୍‌ସିକୁ ଜଣାଇବାକୁ ପଡ଼ିବ। ଏହାପରେ କଲେଜର ସମସ୍ତ ଅଧ୍ୟାପକ 'ଫେସ୍ ବେସ୍‌ଡ ଆଧାର ଅଥେଣ୍ଟିକେସନ୍' ଆପ୍‌କୁ ନିଜ ନିଜ ମୋବାଇଲ୍ ଫୋନ୍‌ରେ ଇନ୍‌ଷ୍ଟଲ୍ କରିବେ। ଏହି ଆପ୍ ଆସନ୍ତା ୨୪ ତାରିଖଠାରୁ ସକ୍ରିୟ ହେବ। ଏହାକୁ ସକ୍ରିୟ କରିବାରେ ସମସ୍ୟା ହେଲେ ଆସନ୍ତା ୩୦ ତାରିଖ ପୂର୍ବରୁ ଏନ୍ଏମ୍‌ସିକୁ ଜଣାଇବାକୁ ପଡିବ। ଏହାପରେ ମେ' ୧ ତାରିଖଠାରୁ ମୁହଁ ଆଧାରିତ ଉପସ୍ଥାନ କାର୍ଯ୍ୟକାରୀ ହେବ। ପୂର୍ବରୁ ମେଡିକାଲ କଲେଜରେ ଅଧ୍ୟାପକମାନେ ବାୟୋମେଟ୍ରିକ୍‌ରେ ଟିପ ଚିହ୍ନ ଦେଉଥିବାରୁ ସେମାନଙ୍କୁ ଫାଙ୍କିବା ସକାଶେ ସୁବିଧା ହେଉଥିଲା। ଏପରି ଅଭିଯୋଗ ଏନ୍ଏମ୍‌ସି ନିକଟରେ ପହଞ୍ଚିବା ପରେ ନୂଆ ବ୍ୟବସ୍ଥା ଗ୍ରହଣ କରିବା ସକାଶେ ନିଷ୍ପତ୍ତି ହୋଇଛି।

## ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପିନେବାକୁ ଉଦ୍ୟମ ବୋମା ପକାଇ ୫ ଗିରଫ

**ଭବାନୀପାଟଣା,୨୧।୪(ସଂଚାର ବ୍ୟୁରୋ):** ସହରରେ ସୋମବାର ଦିନ ଦ୍ୱିପ୍ରହରେ ଲୁଟ୍ ଉଦ୍ୟମ ହୋଇଛି। ପୂର୍ବାହ୍ନ ୧୦ଟା ୧୦ରେ ବାହାଦୁର ବଗିଚାପଡାର ଶରତ ବେହେରା ଓ ତାଙ୍କ ସାଙ୍ଗ ବ୍ୟାଙ୍କକୁ ଜମା କରିବା ସକାଶେ ଯାଉଥିବା ସମୟରେ ୩ ଜଣ ଦୁର୍ବୃତ୍ତ ପଲସରରେ ଆସି ଲଙ୍କାଗୁଣ୍ଡ ପକାଇ ଟଙ୍କା ବ୍ୟାଗ ଝାମ୍ପି ନେବାକୁ ଉଦ୍ୟମ କରିଥିଲେ। ଧସ୍ତାଧସ୍ତି ବେଳେ ସ୍ଥାନୀୟ ଲୋକେ ଆସିଯିବାରୁ ଦୁର୍ବୃତ୍ତମାନେ ଭୟଭୀତ ହୋଇ ବୋମା ମାଡ଼ କରିଥିଲେ। ଘଟଣାସ୍ଥଳରୁ ୨ ଜଣ ଫେରାର ହୋଇଯାଇଥିଲେ ମଧ୍ୟ ଜଣଙ୍କୁ ଲୋକେ ମାଡି ବସିଥିଲେ। ପୁଲିସ ଅଟକ ଯୁବକଙ୍କୁ ପଚରାଉଚରା କରି ଘଟଣାରେ ସାମିଲ ଥିବା ଆଉ ୪ ଜଣଙ୍କୁ ଗିରଫ କରିଛି।

## ଧର୍ମଶାଳା ହିଂସାକାଣ୍ଡ ଘଟଣାରେ ଡିଜିଙ୍କୁ ଭେଟିଲା ବିଜେଡି



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଗତ ୧୩ ତାରିଖରେ ଆରୁହାଁ ଗ୍ରାମରେ ହୋଇଥିବା ସଂଘବଦ୍ଧ ହିଂସାତ୍ମକ ଆକ୍ରମଣ ଘଟଣାରେ ଆଜି ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନାଙ୍କ ନେତୃତ୍ୱରେ ପୁଲିସ୍ ମହାନିର୍ଦ୍ଦେଶକ (ଡିଜି)ଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଗତ ୧୦ ମାସ ମଧ୍ୟରେ ଶ୍ରୀ ବଳବନ୍ତରାୟଙ୍କ ଉପରେ ୮ ଥର ଆକ୍ରମଣ ହୋଇଥିଲେ ମଧ୍ୟ ପୁଲିସ୍ ଅଦ୍ୟାବଧି ସମ୍ପୃକ୍ତ ଅପରାଧୀମାନଙ୍କୁ ଗିରଫ କରିନାହିଁ। ସ୍ଥାନୀୟ ଏସ୍‌ପି ଓ ପଦସ୍ଥ ପୁଲିସ୍ ଅଫିସରଙ୍କ ସଲାସୁତରାରେ ୩ ଜଣ ନିରପରାଧୀ ସରେଣ୍ଡର କରିଛନ୍ତି। ପୁଲିସ୍‌କୁ ଆଗୁଆ ସୂଚନା ଦେଇ ଶ୍ରୀ ବଳବନ୍ତରାୟ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ ମଧ୍ୟ ତାଙ୍କ କାର୍ଯ୍ୟାଳୟ, ବାସଗୃହ ଓ ଗାଡ଼ି ଉପରକୁ ନିୟମିତ ଭାବେ ଆକ୍ରମଣ ହେଉଛି। ବାରମ୍ବାର ଏତଲା ଦାୟର କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସ୍ଥାନୀୟ ବିଧାୟକଙ୍କ ପ୍ରରୋଚନାରେ ଖଣି ମାଫିଆ ଏଭଳି ହିଂସାକାଣ୍ଡ ଘଟାଉଛନ୍ତି। ଆକ୍ରମଣକାରୀଙ୍କଠାରୁ ଭୁଜାଲି, ଖଣ୍ଡା ପରି ମାରଣାସ୍ତ୍ର ଆଇଆଇସି ନିଜେ ଜବତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପୁଲିସ୍‌ର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିଜିଙ୍କ ସହ ଦଳର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ସମଗ୍ର ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅରୁଣ ସାହୁ, ବ୍ୟୋମକେଶ ରାୟ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସୁଶାନ୍ତ ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ ସାମିଲ୍ ଥିଲେ।

# ପୁଲିସ୍ ଆଧୁନିକୀକରଣରେ କେନ୍ଦ୍ରର ବଡ଼ ଅଂଶ



**ଭୁବନେଶ୍ୱର,୨୧।୪:** ରାଜ୍ୟ ପୁଲିସ୍‌ର ଶକ୍ତି ବୃଦ୍ଧି ପାଇଁ ଯେତିକି ଅର୍ଥ ଯୋଗାଇ ଦିଆଯାଉଛି ତାହାର ଅଧାରୁ ଅଧିକ ଅର୍ଥ କେନ୍ଦ୍ର ସରକାର ଯୋଗାଇ ଦେଉଛନ୍ତି । ଗତ ଆର୍ଥିକ ବର୍ଷରେ ପୁଲିସ୍ ବିଭାଗକୁ ବିଭିନ୍ନ ବାବଦରେ ୨୫.୫୫ କୋଟି ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ଏଥି ମଧ୍ୟରୁ ୧୫.୩୩ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି ।

୨୦୨୪-୨୫ ଆର୍ଥିକ ବର୍ଷରେ ପୁଲିସ୍ ବିଭାଗର ସୁରକ୍ଷା ଓ ସାଜ ସରଞ୍ଜାମ ପାଇଁ ସର୍ବାଧିକ ୭କୋଟି ୯୪ଲକ୍ଷ ୨୫ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଏଥି ମଧ୍ୟରୁ କେନ୍ଦ୍ର ସରକାର ୪କୋଟି ୭୬ଲକ୍ଷ ୫୫ହଜାର ଟଙ୍କା ଯୋଗାଇ ଦେଇଥିବାବେଳେ ଅବଶିଷ୍ଟ ଅର୍ଥ ରାଜ୍ୟ ପାଣ୍ଠିରୁ ପ୍ରଦାନ କରାଯାଇଛି । ସେହଭଳି ବର୍ତ୍ତମାନ ସମୟରେ ସାଇବର ସୁରକ୍ଷା ଉପରେ ଅଧିକ ଜୋର ଦିଆଯାଉଥିବାବେଳେ ଗତ ଆର୍ଥିକ ବର୍ଷରେ ସାଇବର ପୁଲିସ୍ ସାଜ ସରଞ୍ଜାମ ପାଇଁ ୨କୋଟି ୧୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ଏଥି ମଧ୍ୟରେ ୧ କୋଟି ୨୬ଲକ୍ଷ ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି ।

ସେହିଭଳି ଯୋଗାଯୋଗ ସାଜ ସରଞ୍ଜାମ ପାଇଁ ଏକ କୋଟି ଟଙ୍କା, ଫୋରେନସିକ୍ ସାଜ ସରଞ୍ଜାମ ପାଇଁ ୬୩ ଲକ୍ଷ, ଗୁଇନ୍ଦା ସାଜ ସରଞ୍ଜାମ ପାଇଁ ପ୍ରାୟ ୩ କୋଟି ୭୦ ଲକ୍ଷ, ତାଲିମ ସାଜସରଞ୍ଜାମ ପାଇଁ ୨ କୋଟି ୯୦ ଲକ୍ଷ, ସ୍ମାର୍ଟ ପୁଲିସ୍ ବ୍ୟବସ୍ଥା ପାଇଁ ୩ କୋଟି ୫୦ ଲକ୍ଷ ଯୋଗାଇ ଦିଆଯାଇଛି । ଏହି ସମସ୍ତ ଅର୍ଥର ବଡ ଅଂଶ କେନ୍ଦ୍ର ସରକାର ଯୋଗାଇ ଦେଉଛନ୍ତି ।

ତେବେ ମିଳିଥିବା ସୂଚନା ଅନୁଯାୟୀ ପୁଲିସ୍ ବଳର ଆଧୁନିକୀକରଣ ପାଇଁ ରାଜ୍ୟକୁ ୨୦୦୦-୦୧ ରୁ ୨୦୨୩-୨୪ ମଧ୍ୟରେ ୧୦୪୦.୩୯ କୋଟି ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା କର୍ତ୍ତୃପକ୍ଷ ପ୍ରାୟ ଶତ ପ୍ରତିଶତ ଅର୍ଥ ବ୍ୟୟରେ ସଫଳ ହୋଇଛନ୍ତି । ଏହି ଅର୍ଥରେ ପୁଲିସ୍ ବଳ ପାଇଁ ନୂଆ ଯାନ ସହିତ କେତେକ ବୁଲେଟ ପ୍ରୁଫ୍ ଯାନ କିଣଯାଇଛି । ଏଥି ସହିତ ଆଧୁନିକରଣ ପାଇଁ ମିଳିଥିବା ଅର୍ଥରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ପାଇଁ ଯନ୍ତ୍ରପାତି ସହିତ ତାଲିମ ବ୍ୟବସ୍ଥାର ଉନ୍ନତିକରଣ ହୋଇପାରିଛି ।

ସେହିଭଳି ବର୍ତ୍ତମାନ ସମୟରେ ସାଇବର ଅପରାଧର ତଦନ୍ତ ଏକ ଆହ୍ୱାନ ହୋଇଥିବାବେଳେ ଆଧୁନିକୀକରଣ ପାଇଁ ମିଳିଥିବା ଅର୍ଥରେ ଏଥିପାଇଁ ଆବଶ୍ୟକ ସାଜ ସରଞ୍ଜାମ ଖରିଦ କରାଯାଇଛି । ତଦନ୍ତକୁ ସହଜ କରିବାରେ ଉପଯୋଗ ହେଉଥିବା ଫୋରେନସିକ୍ ପରୀକ୍ଷାଗାରକୁ ଅତ୍ୟାଧୁନିକ କରିବାକୁ କର୍ତ୍ତୃପକ୍ଷ ଯନ୍ତ୍ରପାତି କରିଥିବାବେଳେ ଟ୍ରାଫିକ ପୁଲିସ୍ ପାଇଁ ରାତିରେ ଦଶ୍ୟମାନ ହେଉଥିବା ଡିଭାଇସ୍, ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ୍ ଏବଂ ସିସିଟିଭି ଖରିଦ କରାଯାଇଛି । ଏହାବାଦ୍ ଆଧୁନିକୀକରଣ ଅର୍ଥରେ ଦପ୍ତର ଓ ଆବାସିକ ଗୃହ ନିର୍ମାଣ ହୋଇଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ସୁନା ବଜାରରେ ନିଆଁ। ଦିନକୁ ଦିନ ନୂଆ ରେକର୍ଡ କରୁଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୪, ୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୬ହଜାର ୯୩୮ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮ ହଜାର ୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୧୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୩୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ୯୦,୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯ ,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୧,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୯୬ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଲଞ୍ଚ ହେଲା କାୱାସାକି ଏଲିମିନେଟର ୫୦୦



**ନୂଆଦିଲ୍ଲୀ, ୨୧।୪:** ଜବରଦସ୍ତ ରେଟ୍ରୋ ଲୁକ୍ ଏବଂ ଆଡଭାନ୍ସ ଫିଚର୍ସ ସହ ଲଞ୍ଚ ହେଲା କାୱାସାକିର ଏକ ନୂଆ ବାଇକ୍। କାୱାସାକି ଭାରତର ଲୋକପ୍ରିୟ ବାଇକ୍ ମଧ୍ୟରୁ ଅନ୍ୟତମ। ଆଜି ବି ଏହାର ଅନେକ ପ୍ରଶଂସକ ଅଛନ୍ତି। କମ୍ପାନୀ ଏଥିରେ ଥିବା ଫିଚର ଗୁଡିକୁ ଅପଡେଟ୍ କରି ଚାଲିଛି ତଥାପି ଲୋକଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ଆଜି ବି ସେମିତି ରହିଛି। ଆଜିର ଯୁବପିଢ଼ିଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ଭାରତରେ ଏହାର ଏକ ନୂଆ ଅପଡେଟଡ୍ ଭର୍ସନ ଲଞ୍ଚ କରିଛି। ଯାହାର ନାମ ହେଉଛି କାୱାସାକି ଏଲିମିନେଟର ୫୦୦।

ଏହା ସହିତ ଅପଡେଟେଡ୍ ବାଇକର ମୂଲ୍ୟ ମଧ ୧୪ ହଜାର ଟଙ୍କା ବୃଦ୍ଧି କରାଯାଇଛି। କମ୍ପାନୀ ଏହି କାୱାସାକି ବାଇକ୍‌କୁ ୫ ଲକ୍ଷ ୭୬ ହଜାର ଟଙ୍କା ପ୍ରାରମ୍ଭିକ ଏକ୍ସ-ସୋରୁମ୍ ମୂଲ୍ୟରେ ଲଞ୍ଚ କରିଛି। ତେବେ ଆସନ୍ତୁ ଜାଣିବା ବାଇକ୍‌ର ଫିଚର୍ସ ଏବଂ ପାୱାରଟ୍ରେନ୍ ବିଷୟରେ। ଏହି ଅପଡେଟେଡ୍ ବାଇକ୍‌ଟି ସମ୍ପୂର୍ଣ୍ଣ ଏଲଇଡି ଲାଇଟିଂ, ସ୍ଲିକ୍ ଟର୍ଣ୍ଣ ଇଣ୍ଡିକେଟର୍, ୱାଇଡ୍ ହ୍ୟାଣ୍ଡେଲବାର, ଟୁ-ଇନ୍-ୱାନ ଏକ୍ସଜଷ୍ଟ ଏବଂ ସ୍ପ୍ଲିଟ୍ ସିଟ୍ ପାଇଛି। ଏହି କାୱାସାକି ବାଇକ୍ କେବଳ ଗୋଟିଏ କଲର୍ ଅପ୍ସନରେ ଉପଲବ୍ଧ ଯାହା ହେଉଛି ଫ୍ଲାଟ୍ ସ୍ପାର୍କ ବ୍ଲାକ୍ କଲର୍। ଏହାର ଥିମ୍ ସମ୍ପୂର୍ଣ୍ଣ ବ୍ଲାକ୍ ରହିଛି ଯାହା ବାଇକକୁ ଏକ କ୍ଲାସିକ୍ ଡିଜାଇନ୍ ଦେଇଛି। କାୱାସାକି ଏଲିମିନେଟର କ୍ରୁଜର 500 ରେ ୪୫୧ cc, ଲିକ୍ୱିଡ୍-କୋଲଡ୍, ପାରାଲାଲ-ଟ୍ୱିନ୍ ଇଞ୍ଜିନ୍ ପାୱାରଟ୍ରେନ୍ ଭାବରେ ମିଳିଥାଏ। ଯାହା ସର୍ବାଧିକ ୪୫bhp ପାୱାର ଏବଂ ୪୨.୬Nm ପିକ୍ ଟର୍କ ଜେନେରେଟ କରିପାରିବ। ଏହା ଏକ ୬-ସ୍ପିଡ୍, ରିଟର୍ଣ୍ଣ ସିଫ୍ଟ ଟ୍ରାନ୍ସମିସନ୍ ସହିତ ଯୋଡାଯାଇଛି। ଏଥିରେ କାୱାସାକିର ଆସିଷ୍ଟ ଏବଂ ସ୍ଲିପର କ୍ଲଚ୍ ଟେକ୍ନୋଲୋଜି ମଧ ଅଛି। ଏହି ବାଇକ୍ ଏକ ହାଇ-ଟେନସାଇଲ୍ ଷ୍ଟିଲ୍ ଟ୍ରେଲିସ୍ ଫ୍ରେମ୍ ବ୍ୟବହାର କରେ।

ଯାହାର ଆଗ ଭାଗରେ ଟେଲିସ୍କୋପିକ୍ ଫୋର୍କ ଏବଂ ପଛ ଭାଗରେ ସ୍ୱିଙ୍ଗଆର୍ମ ସସପେନସନ୍ ଅଛି। କାୱାସାକି ଏଲିମିନେଟର ହେଉଛି ଏପରି ଏକ ଅପ୍ସନ୍ ଯାହା ଭଲ ପରଫରମାନ୍ସ ଦେବା ସହ ଆଧୁନିକ ଟେକ୍ନୋଲୋଜି ଏବଂ ରେଟ୍ରୋ ଲୁକ୍ସର ଏକ ଭଲ ମିଶ୍ରଣ। ଏହି କାୱାସାକି ବାଇକ୍‌ର ଆଗ ଏବଂ ପଛ ଚକ ୧୮ ଇଞ୍ଚ ଏବଂ ୧୬ ଇଞ୍ଚ ରହିଛି। ଏହା ବ୍ୟତୀତ, ବାଇକ୍‌ରେ ଏକ ସମ୍ପୂର୍ଣ୍ଣ ଡିଜିଟାଲ୍ ଏଲସିଡି ଇଣ୍ଟ୍ରୁମେଣ୍ଟ ପ୍ୟାନେଲ୍ ଅଛି। ଯେଉଁଥିରେ ଏକ ବାର୍ ଷ୍ଟାଇଲ୍ ଟାକୋମିଟର୍ ଏବଂ ଗିଅର୍ ପୋଜିସନ୍ ଇଣ୍ଡିକେଟର୍ ଅଛି। କାୱାସାକି କମ୍ପାନୀ ନିଜ ସୋସିଆଲ ମିଡିଆରେ ଏହି ନୂଆ ବାଇକ୍ ଲଞ୍ଚ୍ ବିଷୟରେ ସୂଚନା ଦେଇଛନ୍ତି ଏବଂ ଏହାର ଫିଚର୍ସ ଏବଂ ନୂତନ ମୂଲ୍ୟ ମଧ ପ୍ରକାଶ କରିଛନ୍ତି। ଯାହାକୁ ଗ୍ରାହକମାନେ ମଧ ବେଶ ପସନ୍ଦ କରୁଛନ୍ତି। ଏହି ବାଇକ୍ ସେହି ମାନଙ୍କ ପାଇଁ ଡିଜାଇନ୍ କରାଯାଇଛି, ଯେଉଁମାନେ ନିଜ ବାଇକରେ ରେଟ୍ରୋ ଲୁକ୍ ସହିତ କିଛି ମର୍ଡନ ଫିଚର୍ସ ଚାହୁଁଛନ୍ତି। ତେବେ ଯଦି ଆପଣ ଏକ ନୂଆ ବାଇକ କିଣିବେ ବୋଲି ଭାବିଛନ୍ତି ଏହା ଆପଣଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ।

### ଜେନ୍‌ସଲ୍ ବିରୋଧରେ ତଦନ୍ତ ଆରମ୍ଭ

# କାରଖାନାରେ ମାତ୍ର ୩ ଶ୍ରମିକ



ନୂଆଦିଲ୍ଲୀ, ୨୧।୪: ବଡ଼ ଧରଣର ଘୋଟାଲା କରିଥିବା ଇଲେକ୍ଟ୍ରିକ୍ ଯାନ (ଇଭି) ନିର୍ମାତା ଜେନ୍‌ସଲ୍ ଇଞ୍ଜିନିୟରିଂ ବିରୋଧରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ନିଜ ଆଡ଼ୁ ତଦନ୍ତ ଆରମ୍ଭ କରିଛି। ଋଣ ଅର୍ଥ ହଡ଼ପ କରି ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରିଥିବା କମ୍ପାନିର ଦୁଇ ପ୍ରତିଷ୍ଠାତା ଭ୍ରାତା ଅନମୋଲ ସିଂହ ଜଗି ଓ ପୁନୀତ ଜଗିଙ୍କ ଉପରେ ପ୍ରତିବନ୍ଧକ ଲଗାଇବା ପରେ ମନ୍ତ୍ରଣାଳୟ ଏହି ତଦନ୍ତ କରୁଛି। ଜେନ୍‌ସଲ୍ ବିରୋଧରେ ସେବି କରିଥିବା ତଦନ୍ତରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। କମ୍ପାନିର ପୁଣେରେ ଥିବା କାରଖାନାରେ କୌଣସି ଉତ୍ପାଦନ ହେଉନାହିଁ। ସରଜମିନ ତଦନ୍ତ ପାଇଁ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ଅଧିକାରୀମାନେ କାରଖାନା ପରିଦର୍ଶନ କରିବା ବେଳେ ସେଠାରେ ମାତ୍ର ୨-୩ ଜଣ ଶ୍ରମିକଙ୍କୁ ଦେଖିବାକୁ ପାଇଥିଲେ। ଗତ ୧୨ ମାସ ଭିତରେ କାରଖାନାର ବିଦ୍ୟୁତ୍ ବିଲ ଥିଲା ମାତ୍ର ୧ ଲକ୍ଷ ୫୭ ହଜାର ଟଙ୍କା। ତେଣୁ କାରଖାନାରେ କୌଣସି ଉତ୍ପାଦନ ହେଉନଥିବା ସ୍ପଷ୍ଟ ହୋଇଥିବା ସେବି ଏହାର ରିପୋର୍ଟରେ କହିଛି। ନଅଟି ସଂସ୍ଥାକୁ ୨୯ହଜାର ଇଭି ଯୋଗାଇବା ଲାଗି କମ୍ପାନି ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ନେଇ ଯେଉଁ ସୂଚନା ଦେଇଥିଲା ତାହା ମିଥ୍ୟା ପ୍ରମାଣିତ ହୋଇଛି। କାରଣ ଗାଡ଼ିର ଦାମ୍ କେତେ ଓ କେତେ ଡେଲିଭରି ଦିଆଯିବ, ତାହାର କୌଣସି ତଥ୍ୟ ବୁଝାମଣାପତ୍ରରେ ନାହିଁ। ତେଣୁ ମିଥ୍ୟା ତଥ୍ୟ ଦେଇ କମ୍ପାନି ନିବେଶକମାନଙ୍କୁ ବିଭ୍ରାନ୍ତ କରୁଥିବା ସେବି ଅଭିଯୋଗ କରିଛି।

୨୦୨୧-୨୨ରୁ ୨୦୨୩-୨୪ ମଧ୍ୟରେ ଜେନ୍‌ସଲ୍ ପକ୍ଷରୁ ୬,୪୦୦ ଇଭି କିଣିବା ଲାଗି ଇରେଡା ଓ ପିଏଫ୍‌ସିଠାରୁ ୬୬୩.୮୯ କୋଟି ଟଙ୍କା ଋଣ ନିଆଯାଇଥିଲା। କମ୍ପାନି ୬୫୭.୭୩ କୋଟି ଟଙ୍କାରେ ୪୭୦୪ଟି ଇଭି କିଣିଥିବା ବେଳେ ଅବଶିଷ୍ଟ ରାଶିକୁ ଏହାର ଦୁଇ ପ୍ରତିଷ୍ଠାତା ଭ୍ରାତା ବ୍ୟକ୍ତିଗତ ଉଦ୍ଦେଶ୍ୟରେ ବିଳାସପୂର୍ଣ୍ଣ ଘର କିଣିବା ଓ ଅନ୍ୟାନ୍ୟ ଉପାୟରେ ବ୍ୟବହାର କରିଥିଲେ। ସେମାନେ ପ୍ରାୟ ୨୬୨ କୋଟି ଟଙ୍କାର ହେରଫେର କରିଥିବା ଅଭିଯୋଗ ରହିଛି। ଜେନ୍‌ସଲ୍ ଘୋଟାଲା ସାମ୍ନାକୁ ଆସିବା ପରେ ଏହା ସହ ସମ୍ପର୍କିତ ଥିବା କ୍ୟାବ୍ କମ୍ପାନି ବ୍ଲୁସ୍ମାର୍ଟର ଅଡୁଆ ମଧ ବଢ଼ିଯାଇଛି। ଏହାର ବୁକିଂ ବନ୍ଦ ହୋଇଯାଇଛି।

# ଅନ୍ତର୍ଜାତୀୟ ବଜାରରେ ତୈଳଦର ୪ ବର୍ଷରେ ସବୁଠୁ କମ୍

## ତଥାପି କମୁନି ପେଟ୍ରୋଲ, ଡିଜେଲ୍ ଦାମ୍



**ନୂଆଦିଲ୍ଲୀ, ୨୧।୪:** ଭାରତ କିଣୁଥିବା ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ୍ ୬୮ ଡଲାର ସ୍ତରକୁ ଖସିଆସିଛି। ଗତ ଚାରି ବର୍ଷ (୪୭ ମାସ) ଭିତରେ ଏହା ତୈଳ ଦରର ସର୍ବନିମ୍ନ ସ୍ତର। ଏତେ ଅନୁକୂଳ ସ୍ଥିତି ସତ୍ତ୍ୱେ ଦେଶବାସୀଙ୍କୁ ଚଢ଼ା ଦରରେ ପେଟ୍ରୋଲ ଓ ଡିଜେଲ କିଣିବାକୁ ପଡ଼ୁଛି। ଶେଷ ଥର ପାଇଁ ୨୦୨୧ ମାର୍ଚ୍ଚରେ ଅଶୋଧିତ ତୈଳ ଦର ୭୨.୪୭ ଡଲାର ସ୍ତରକୁ ଖସିଥିଲା।

୨୦୨୩-୨୪ରେ ଓମାନ ଓ ଦୁବାଇ ଜରିଆରେ ମଗାଯାଉଥିବା ତେଲ ଦର ଉଚ୍ଚ ସ୍ତରରେ ରହିଥିଲା। ବ୍ରେଣ୍ଟ କ୍ରୁଡ୍ ଦାମ୍ ତା'ଠାରୁ କମ୍ ଥିଲା। ଭାରତୀୟ ବିଶୋଧନାଗାରଗୁଡ଼ିକରେ ଏହି ତୈଳଗୁଡ଼ିକୁ ବିଶୋଧନ କରାଯାଉଛି। ଭାରତ ମଗାଉଥିବା ତେଲର ଦାମ୍ କମ୍ କରିବା ଲାଗି ବିଭିନ୍ନ ଦେଶରୁ ତେଲ ମଗାଇବାକୁ ପେଟ୍ରୋଲିୟମ୍ ଉପରେ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଗତବର୍ଷ ସୁପାରିସ କରିଥିଲା। ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ 'ଏସିଆ ପ୍ରିମିୟମ୍' ଅସୁଲ କରୁଥିବାରୁ, ସେଠାରୁ ମଗାଯାଉଥିବା ତେଲ ଦାମ୍ ଅଧିକ ରହୁଛି। ଓପେକ୍ ରାଷ୍ଟ୍ରଗୁଡ଼ିକ ବିକ୍ରି ମୂଲ୍ୟ ବାହାରେ କିଛି ନିର୍ଦ୍ଦିଷ୍ଟ ଦେଶଠାରୁ ଏହି ପ୍ରିମିୟମ୍ ଅସୁଲ କରୁଛନ୍ତି। ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ୍‌ରୁ ବିପୁଳ ତେଲ କିଣାଯାଉଥିଲା। ତେଣୁ ଭାରତର ତୈଳ ବାସ୍କେଟ୍ ହିସାବରେ ପରିବର୍ତ୍ତନ ଆଣିବାକୁ ଦାବି ହୋଇଥିଲା। ୨୦୨୩ ମାର୍ଚ୍ଚରେ ଭାରତ ଏହାର ସର୍ବାଧିକ ତେଲ ରୁଷ୍‌ରୁ ମଗାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଘୋଷଣା କରିବା ପରେ ବିଶ୍ୱ ଅର୍ଥନୀତି ମନ୍ଥର ହେବାର ଆଶଙ୍କା ଥିବାରୁ ତୈଳ ଦର କମୁଛି। ତାହାର ପ୍ରଭାବରେ ବ୍ରେଣ୍ଟ୍ କ୍ରୁଡ୍ ଶସ୍ତା ହୋଇଛି। ଅନ୍ୟ ପକ୍ଷରେ, ଭାରତରେ ତୈଳ ବିପଣନ କମ୍ପାନିଗୁଡ଼ିକ ଏବେ ପେଟ୍ରୋଲ ଲିଟର ପିଛା ପ୍ରାୟ ୧୫ ଟଙ୍କା ଲାଭ କରୁଥିବା ଜଣାପଡ଼ିଥିଲା। ସେହି ଲାଭର କିଛି ଅଂଶକୁ ଗ୍ରାହକଙ୍କୁ ଦେବା ଲାଗି ତେଲ କମ୍ପାନି କିମ୍ବା ସରକାର କେହି ଚାହୁନାହାନ୍ତି। ଅଧିକ ଟିକସ ଅସୁଲ କରିବା ଲାଗି କେନ୍ଦ୍ର ସରକାର ଲିଟର ପିଛା ଉତ୍ପାଦ ଶୁଳ୍କ ୨ ଟଙ୍କା ବଢ଼ାଇ ଦେବା ପରେ ପେଟ୍ରୋଲ ଓ ଡିଜେଲ ଦର କମିବାର ଯେଉଁ ସମ୍ଭାବନା ଥିଲା ତାହା ପ୍ରାୟ ଦୂର ହୋଇଯାଇଛି।

# ୫୩ ଲକ୍ଷ ଗାଡ଼ି ରପ୍ତାନି: ୨୦୨୩-୨୪ ତୁଳନାରେ ୧୯% ଅଧିକ



**ନୂଆଦିଲ୍ଲୀ, ୨୧।୪:** ୨୦୨୪-୨୫ରେ ଭାରତର ଅଟୋମୋବାଇଲ ରପ୍ତାନି ସଂଖ୍ୟା ୫୩ ଲକ୍ଷ ୬୩ ହଜାର ୮୯ରେ ପହଞ୍ଚିଛି। ୨୦୨୩-୨୪ ବର୍ଷ ତୁଳନାରେ ଭାରତର ଗାଡ଼ି ରପ୍ତାନିରେ ୧୯ ପ୍ରତିଶତ ବୃଦ୍ଧି ଘଟିଛି। ବିଶେଷକରି ପାସେଞ୍ଜର ଯାନ, ଦୁଇ ଚକିଆ ଯାନ ଏବଂ ବାଣିଜ୍ୟିକ ଯାନ ଅଧିକ ସଂଖ୍ୟାରେ ରପ୍ତାନି ହୋଇଛି। ୨୦୨୩-୨୪ ଆର୍ଥିକବର୍ଷରେ ୪୫ ଲକ୍ଷ ୪୯୪ଟି ଗାଡ଼ି ରପ୍ତାନି ହୋଇଥିଲା ବୋଲି ଭାରତୀୟ ଅଟୋମୋବାଇଲ ନିର୍ମାତା ସଂଘ (ସିଆମ୍) ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାଯାଇଛି।

୨୦୨୪-୨୫ରେ ପାସେଞ୍ଜର ଯାନ ବିକ୍ରିରେ ୧୫ ପ୍ରତିଶତ ବୃଦ୍ଧି ଘଟି ୭ ଲକ୍ଷ ୭୦ ହଜାର ୩୬୪ରେ ପହଞ୍ଚିଛି। ୨୦୨୩-୨୪ରେ ଏହି ସଂଖ୍ୟା ୬,୭୨,୧୦୫ ରହିଥିଲା। ଦେଶରେ ଉନ୍ନତମାନର ଗାଡ଼ି ଉତ୍ପାଦନ ହେଉଥିବାରୁ କେତେକ କମ୍ପାନି ବିକଶିତ ଦେଶଗୁଡ଼ିକୁ ମଧ ଗାଡ଼ି ରପ୍ତାନି କରିବା ଆରମ୍ଭ କରିଛନ୍ତି। ଉପଯୋଗୀ ଯାନ ରପ୍ତାନି ଗତ ଆର୍ଥିକବର୍ଷରେ ୩,୬୨,୧୬୦ରେ ପହଞ୍ଚିଛି, ୨୦୨୩-୨୪ରେ ଏହା ୨,୩୪,୭୨୦ ରହିଥିଲା। ତଥ୍ୟରୁ ଏହା ଜଣାଯାଇଛି ଯେ ଦୁଇ ଚକିଆ ଯାନ ରପ୍ତାନିରେ ୨୧ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୩-୨୪ରେ ୩୪ ଲକ୍ଷ ୫୮ ହଜାର ୪୧୬ଟି ଦୁଇ ଚକିଆ ରପ୍ତାନି ହୋଇଥିବାବେଳେ ୨୦୨୪-୨୫ରେ ଏହା ୪୧ ଲକ୍ଷ ୯୮ ହଜାର ୪୦୩ ଛୁଇଁଛି। ନୂଆ ମଡେଲର ବିକାଶ ସହିତ ନୂଆ ବଜାରରେ ପହଞ୍ଚି ପାରିବା କାରଣରୁ ଦୁଇ ଚକିଆ ଯାନ ରପ୍ତାନିରେ ଏଭଳି ବୃଦ୍ଧି ଘଟିଛି। ଏଥିସହିତ ଆଫ୍ରିକୀୟ ଦେଶଗୁଡ଼ିକରେ ଅର୍ଥନୈତିକ ସ୍ଥିରତା ରହିବା ସହିତ ଲାଟିନ୍ ଆମେରିକାରେ ଚାହିଦା ବୃଦ୍ଧି ମଧ ଭାରତୀୟ ଦୁଇ ଚକିଆ ରପ୍ତାନି ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଇଛି। ଗତ ଆର୍ଥିକବର୍ଷରେ ୩ ଚକିଆ ଯାନ ରପ୍ତାନିରେ ମାତ୍ର ୨ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪-୨୫ରେ ୩.୧ ଲକ୍ଷ ସଂଖ୍ୟକ ୩ ଚକିଆ ରପ୍ତାନି ହୋଇଛି। ବାଣିଜ୍ୟିକ ଯାନ ରପ୍ତାନିରେ ୨୩ ପ୍ରତିଶତ ବୃଦ୍ଧି ଘଟିଛି। ବିଶ୍ୱରେ ଚାହିଦା ବୃଦ୍ଧି ସହିତ ଭାରତର ପ୍ରତିଯୋଗିତା କ୍ଷମତା ବଢ଼ୁଥିବାରୁ ସବୁ କ୍ଷେତ୍ରର ଗାଡ଼ି ରପ୍ତାନିରେ ଭଲ ପ୍ରଦର୍ଶନ ଦେଖିବାକୁ ମିଳିଛି ବୋଲି ସିଆମ୍ ସଭାପତି ଶୈଳେଶ ଚନ୍ଦ୍ରା କହିଛନ୍ତି।

### ଚୀନ ଉପରେ ଆମେରିକାର କଟକଣାର ସକାରାତ୍ମକ ଦିଗ

# ଭାରତୀୟ ଖେଳନା ଶିଳ୍ପ ଲାଗି ବଡ଼ ସୁଯୋଗ

**ନୂଆଦିଲ୍ଲୀ,୨୧।୪:** ଚୀନର ବିଭିନ୍ନ ସାମଗ୍ରୀ ଉପରେ ଆମେରିକା ବୃହତ ହାରରେ ଟାରିଫ୍ ଲଗାଇଛି। ଫଳରେ ଆମେରିକାରେ ଖାଉଟି ମାନେ ବିକଳ୍ପ ସନ୍ଧାନରେ ରହିଛନ୍ତି। ଚୀନ ଉପରୁ ନିର୍ଭରତା କମାଇବା ଉପରେ ଏବେ ଫୋକସ ରହିଛି। ଏଭଳି ସ୍ଥିତିରେ ଭାରତୀୟ ଖେଳନା ଶିଳ୍ପ ଲାଗି ବଡ଼ ସୁଯୋଗ ରହିଛି। ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଭାରତୀୟ କମ୍ପାନି ଗୁଡ଼ିକ ଚାହୁଁନ ଥିବା ଜଣାପଡିଛି। ଟଏ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ଅଜୟ ଅଗ୍ରୱାଲ କହିଛନ୍ତି, ଖେଳନା ଲାଗି ଆମେରିକା ଏକ ବଡ଼ ବଜାର। ଚୀନ ଉପରେ ଅଧିକ ଟାରିଫ ଏବଂ ଭାରତ ଉପରେ ଅପେକ୍ଷାକୃତ ନିମ୍ନ ଟାରିଫ ଯୋଗୁ ଭାରତୀୟ ଶିଳ୍ପ ଏହା ଦ୍ୱାରା ଲାଭବାନ ହେବେ। ଏବେ ୨୦ ଭାରତୀୟ ପ୍ରମୁଖ କମ୍ପାନି ଆମେରିକାକୁ ଖେଳନା ରପ୍ତାନି କରୁଛନ୍ତି। ଗତ ମାସରୁ ଆମେରିକାରୁ ଅଧିକ ଅର୍ଡର ଆସୁଛି। ଆମେରିକା ବଜାରକୁ ଖାପ ଖୁଆଇବା ଭଳି ଖେଳନା ପ୍ରସ୍ତୁତି ଉପରେ କମ୍ପାନି ଗୁଡ଼ିକ ଏବେ ଧ୍ୟାନ କେନ୍ଦ୍ରୀତ କରୁଛନ୍ତି। ଆମେରିକା ବଜାରର କଡ଼ା ଅନୁପାଳନ ଏବଂ ହ୍ୱାଇଟ ଲେବଲିଂ ଭଳି ଦିଗ ଗୁଡ଼ିକ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଜିଏମ୍‌ଆଇ ରିସର୍ଚ୍ଚ ମୁତାବକ, ୨୦୨୪ରେ ଆମେରିକାର ଖେଳନା ବଜାର ୪୨ ବିଲିୟନ ଡଲାର ରହିଛି। ଏହା ୨୦୩୨ ସୁଦ୍ଧା ୫୬.୯ ବିଲିୟନ ଡଲାରକୁ ବୃଦ୍ଧି ହେବାର ଢ଼େର ସମ୍ଭାବନା ରହିଛି। ୨୦୨୫ରୁ ୨୦୨୩ ମଧ୍ୟରେ ଏହି ବଜାର ୩.୬%ରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି କରିବ। ଏବେ ଶିକ୍ଷା ଏବଂ ଭାବ ବିନିମୟ କରିପାରୁଥିବା ଖେଳନା



ଗୁଡ଼ିକ ଚାହିଦା ବେଶ ବଢ଼ିଛି। ଅନ୍ୟ ଦେଶ ତୁଳନାରେ ଭାରତ ଉପରେ କମ୍ ଟାରିଫ ରହିଲେ ଭାରତୀୟ ଶିଳ୍ପ ଗୁଡ଼ିକ ଆମେରିକାକୁ ଅଧିକ ମାତ୍ରାରେ ଖେଳନା ରପ୍ତାନି କରିବାକୁ ସକ୍ଷମ ହେବେ। ଏ କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ପରଖିବା ଲାଗି ଅଂଶୀଦାରଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଶୀଘ୍ର ଗ୍ରହଣ କରାଯିବ। ଏବେ ବିଶ୍ୱ ଖେଳନା ବଜାରରେ ଭାରତର ଅଂଶ ମାତ୍ର ୧%ରୁ କମ୍ ରହିଛି। ସରକାରଙ୍କ ପ୍ରୋତ୍ସାହନ ରହିଲେ ଏହି କ୍ଷେତ୍ର ଆହୁରି ଅଗ୍ରଗତି କରିବ ବୋଲି ଅନୁମାନ କରାଯାଉଛି। ତେବେ ଭାରତୀୟ ଶିଳ୍ପକୁ ଦେଖିଲେ ଏହା ନିରନ୍ତର ଭିତ୍ତିରେ ଅଭିବୃଦ୍ଧି କରୁଛି। ଟେକ୍ନୋଲୋଜିରେ ଅଗ୍ରଗତି ସହ ବିଶ୍ୱ ବାଣିଜ୍ୟିକ ସ୍ଥିତି ଆହ୍ୱାନପୂର୍ଣ୍ଣ ହୋଇଥିବାରୁ ଏ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ସରକାର ଯୋଜନା ରଖିଛନ୍ତି। ୨୦୨୪ରେ ଭାରତୀୟ ଖେଳନା ଶିଳ୍ପ ୧.୯ ବିଲିୟନ ଡଲାରକୁ ବଢ଼ିଛି। ଏହା ୧୦.୪% ହାରରେ ବୃଦ୍ଧି ହେଉଛି। ୨୦୩୩ ବେଳକୁ ଏହି ଶିଳ୍ପ ୪.୭ ବିଲିୟନ ସ୍ତର ଛୁଇଁବ ବୋଲି ଆକଳନ କରାଯାଇଛି। ଏବେ ସରକାର ଖେଳନା ଶିଳ୍ପ ଲାଗି ନ୍ୟାଶନାଲ ଆକ୍ସନ ପ୍ଲାନ ଆଣିଛନ୍ତି। ଏଥିରେ ଦେଶର ଖେଳନା ଶିଳ୍ପକୁ ପ୍ରୋତ୍ସାହନ, ଦକ୍ଷତା ବିକାଶ ଏବଂ ଗୁଣବତ୍ତା ବୃଦ୍ଧି ଉପରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଗତ ୫ ବର୍ଷରେ ରପ୍ତାନି ୪୦% ବୃଦ୍ଧି ହୋଇଥିବା ବେଳେ ଆମଦାନି ନିର୍ଭରତା ୭୯% କମିଛି। ଆମେରିକା ଭଳି ଚାହିଦା ଥିବା ବଜାରକୁ ରପ୍ତାନି ଲାଗି ଦେଶର ୪୦ କମ୍ପାନି ପ୍ରସ୍ତୁତି କରୁଛନ୍ତି। ଚିରାଚରିତ ଖେଳନା ପ୍ରସ୍ତୁତି ପରିବର୍ତ୍ତେ ଭାରତୀୟ କମ୍ପାନି ଗୁଡ଼ିକ ଏବେ ଗ୍ଲୋବାଲ ଟେକ୍ନୋଲୋଜି ଫାର୍ମ ସହ ଚୁକ୍ତି କରୁଛନ୍ତି। ଏହା ଦ୍ୱାରା ସ୍ମାର୍ଟ ଖେଳନା ପ୍ରସ୍ତୁତିକୁ ଫୋକସ କରାଯାଇଛି। ଏସବୁ ଖେଳନାରେ ଅଗମେଣ୍ଟେଡ ରିୟଲିଟି, ଆପ୍ ଭିତ୍ତିକ ଇଣ୍ଟରାକ୍ସନ ଏବଂ ଏଆଇ ପାୱାର ଷ୍ଟୋରୀ ଟେଲିଂ ଭଳି ଦିଗ ଗୁଡ଼ିକୁ ପ୍ରାଥମିକତା ମିଳୁଛି।

### ସ୍ମାର୍ଟ ଖେଳନା ପ୍ରସ୍ତୁତି ଉପରେ ନଜର

# ବଢୁଛି ତାତି, ତୃଷ୍ଣା ମେଣ୍ଟାଉଛି ଆଖୁରସ



**ହିଂଜିଳିକାଟୁ,୨୧।୪(ସଂଚାର ବ୍ୟୁରୋ):** ହିଂଜିଳିକାଟୁ ସହର ସମେତ ଆଖପାଖ ସହରର ତାପମାତ୍ରା ୩ ଦିନ ହେଲା ଅହେତୁକ ଭାବେ ବୃଦ୍ଧି ପାଉଛି। ୩ ଦିନରେ ସହରର ତାପମାତ୍ରା ୪୦ ଡିଗ୍ରୀକୁ ଛୁଇଁଲାଣି। କଂକ୍ରିଟ ରାସ୍ତା ଓ କଳା ପିଚୁ ରାସ୍ତାରେ ଉତ୍ତାପ ପ୍ରତିଫଳିତ ହୋଇ ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଅସହ୍ୟ ଜ୍ୱାଳା ଯନ୍ତ୍ରଣାରେ ଛଟପଟ ଜନସାଧାରଣ ରୌଦ୍ର୍ୟ ତାପରୁ ଟିକିଏ ଶାନ୍ତି ପାଇବା ନିମନ୍ତେ ଟାଣି ହୋଇଯାଉଛନ୍ତି ଗ୍ରୀଷ୍ମ ଋତୁରେ ଉପଲବ୍ଧ ହେଉଥିବା ବିଭିନ୍ନ ଦେଶୀ ପାନୀୟ ଆଡ଼କୁ। ତେଣୁ ସହରର ବିଭିନ୍ନ ସର୍ବତ, ଲସି, ତରଭୂଜ, ଆଖୁ ରସ, ପଇଡ଼, ପୁଦିନା ପାଣି ଆଦି ଦୋକାନରେ ଜନସାଧାରଣଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ସେହିପରି ଆଖୁରସକୁ ମଧ୍ୟ ଗ୍ରାହକମାନେ ବେଶ୍ ପସନ୍ଦ କରୁଛନ୍ତି। ଆଖୁରସର ନିଆରା ସ୍ୱାଦକୁ ଉପଭୋଗ କରିବା ପାଇଁ ଆଖୁରସ ଗାଡ଼ି ନିକଟରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସହିତ ପଥଚାରୀଙ୍କ ଭିଡ଼ ଲାଗୁଛି। ଗୋଟିଏ ଗ୍ଲାସ ଆଖୁରସର ଦାମ ୧୦ରୁ ୧୫ ଟଙ୍କା ମଧ୍ୟରେ ରହିଛି। ଏହାସହିତ ତରଭୂଜ ଓ ପଇଡ଼ ମଧ୍ୟ ବେଶ୍ ପସନ୍ଦ କରୁଛନ୍ତି ଗ୍ରାହକମାନେ। ଚଳିତ ବର୍ଷ ଗୋଟିଏ ପଇଡ଼ର ଦାମ ୨୦ରୁ ୨୫ ଟଙ୍କା ରହିଛି। ଲାଲ ଟହ ଟହ ତରଭୂଜର ସ୍ୱାଦକୁ ଚାଖିବା ପାଇଁ ଗ୍ରାହକମାନେ ଟାଣିହୋଇଯାଉଛନ୍ତି ତରଭୂଜ ଦୋକାନ ଆଡ଼କୁ। ତରଭୂଜ କେଜି ପ୍ରତି ୧୫ରୁ ୨୦ ଟଙ୍କା ରହିଛି। ଲେମ୍ବୁ ପାଣି ଓ ପୁଦିନା ପାଣିର ମଧ୍ୟ ବେଶ ଚାହିଦା ରହିଛି ଗ୍ରାହକମାନଙ୍କ ମଧ୍ୟରେ। ୧୦ଟଙ୍କା ଦେଇ ପୁଦିନା ପାଣି ଓ ୫ଟଙ୍କା ଦେଇ ଲେମ୍ବୁ ପାଣିକୁ ପିଇବା ପାଇଁ ଗ୍ରାହକମାନେ ବେଶ ଆକର୍ଷିତ ହେଉଛନ୍ତି।

# ଜାଲ ନୋଟକୁ ନେଇ ରୁପ୍ରାରୋଡ୍‌ରେ ହଟଚମଟ



**ନର୍ଲା, ୨୧।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ରୁପ୍ରାରୋଡ ବସ୍ତିରେ ଜାଲ ନୋଟ ପ୍ରସଙ୍ଗକୁ ନେଇ ହଟଚମଟ ସୃଷ୍ଟି ହୋଇଛି। କିଛି ଦିନ ତଳେ ନର୍ଲା ଥାନା ଅଧିନସ୍ଥ ରୁପ୍ରାରୋଡ ନିକଟ ସାନ୍ଦୁଲ ନଦୀ ତଟରେ ବିଡ଼ା ବିଡ଼ା ନକଲି ନୋଟ ପଡ଼ିଥିବା ବହୁତ ଯୋରରେ ଚର୍ଚ୍ଚା ଆଲୋଚନା ହେଇଥିଲା। ଏହା ପ୍ରମାଣିତ କରୁଛି ଯେ, ରୁପ୍ରାରୋଡରେ କେହି ଜଣେ କିମ୍ବା କିଛି ଲୋକ ନକଲି ନୋଟ କାରବାରରେ ସଂପୃକ୍ତ ଅଛନ୍ତି। ବସ୍ତିରେ ଏବେ ଚର୍ଚ୍ଚା ଚାଲିଛି ଯେ, ଗତ କିଛିବର୍ଷ ପୂର୍ବେ ଜଣେ ଯୁବକ ଲୋକଙ୍କ ଘରେ ମୁନସୀ କାମ କରୁଥିବାବେଳେ ସେ ମାତ୍ର ୬/୭ ବର୍ଷ ଭିତରେ କିପରି କୋଟିପତି ହେଲା। ତାର ଆୟର ସ୍ରୋତ କ'ଣ? ମହଙ୍ଗା ଜମି କିଣିବା ଠାରୁ ଆରମ୍ଭ କରି ଦାମି ଗାଡ଼ି ଚଢ଼ିବା ଓ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଘର ତିଆରି କରିବା ପାଇଁ ତା ପାଖକୁ ଅଜସ୍ର ଅର୍ଥ ଆସିଲା କୁଆଡୁ? ସେହି ଯୁବକ ଜାଲ ନୋଟ କାରବାରର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ସାଂଘାତିକ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି। ଏପଟେ ଜାଲ ନୋଟକୁ ନେଇ ବସ୍ତିର ବ୍ୟବସାୟୀମାନେ ଚିନ୍ତିତ ଅବସ୍ଥାରେ ଥିବା ଦେଖାଯାଉଛି। ବିଶେଷକରି ୨୦୦ ଓ ୫୦୦ ଟଙ୍କିଆ ନୋଟକୁ ବ୍ୟବସାୟୀ ଓ ବଜାର ହାଟର ବେପାରୀମାନେ ତନ୍ନତନ୍ନ କରି ଦେଖିବା ପରେ ରଖୁଥିବା ଦେଖାଯାଇଛି। କେଉଁ ନୋଟ ଅସଲି କେଉଁ ନୋଟ ନକଲି ତାହା ସହଜରେ ଜାଣି ହେବ ନାହିଁ ବୋଲି ସାଧାରଣ ଜନତା କହିଛନ୍ତି। ଜାଲ ନୋଟ ରୋକିବାକୁ ରାଜ୍ୟ ସରକାର ବିଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। କ୍ରାଇମବ୍ରାଞ୍ଚ ଏସଟିଏଫ, ପୋଲିସ ଓ ଅନ୍ୟାନ୍ୟ ବିଭାଗ ମଧ୍ୟ ଏ ଦିଗରେ ତତ୍ପର ଅଛନ୍ତି। ଏପଟେ ରୁପ୍ରାରୋଡରେ ଚାଲିଥିବା ଜାଲ ନୋଟ କାରବାର ବିଷୟରେ କିପରି ସୁରାକ୍ ପାଇ ପାରୁ ନାହାଁନ୍ତି ତାହାକୁ ନେଇ ଜନସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ ମନେହୁଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ କ୍ରାଇମବ୍ରାଞ୍ଚ ଏସଟିଏଫ ଜାଲ ନୋଟ କାରବାରୀଙ୍କୁ ଭୁବନେଶ୍ୱରରେ ଠାବ କରିଛି। ନିକଟରେ ଟିଟିଲାଗଡ଼ର ସିକେର ଠାରେ ଦୁଇଜଣ ଲୋକ ଜାଲ ନୋଟ କାରବାର ମାମଲାରେ ଗିରଫ ହୋଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ସମେତ ପଡୋଶୀ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଚାଞ୍ଚଲ୍ୟ ଖେଳିଯାଇଛି। ବିଶେଷକରି ଏହାକୁ ନେଇ ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡ ବସ୍ତିସାରା ଚାଲିଛି ଚର୍ଚ୍ଚା ଆଲୋଚନା। କଣ୍ଟାବାଞ୍ଜିରୁ ଟିଟିଲାଗଡ଼ ଓ ରୁପ୍ରାରୋଡ ବସ୍ତିକୁ ଜାଲ ନୋଟର ଚେର ଲମ୍ବିଥିବା କୁହାଯାଉଛି।

# କେନ୍ଦ୍ର ଅଗ୍ନିସେବା ସପ୍ତାହର ଉଦଯାପନୀ ଉତ୍ସବ ଓ ପୁରସ୍କାର ବିତରଣ



**ସୁନ୍ଦରଗଡ଼,୨୧।୪(ସଂଚାର ବ୍ୟୁରୋ):** ଏପ୍ରିଲ ୨୧ ତାରିଖ ସୋମବାର ଅପରାହ୍ନ ୫ ଘଟିକା ସମୟରେ ଏନଟିପିସି-ଡିଏସଟିପିଏସ ଦର୍ଲିପାଲି ଅଗ୍ନିଶମ କେନ୍ଦ୍ରରେ ଅଗ୍ନିଶମ ସେବା ସପ୍ତାହ ଉଦଯାପନୀ ସମାରୋହ ଓ ପୁରସ୍କାର ବିତରଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାମ ଭଜନ ମଲ୍ଲିକ ଏନଟିପିସି ଦର୍ଲିପାଲି ପ୍ରବନ୍ଧ ମୁଖ୍ୟ, ଏଲ. ମହାନ୍ତି (ଡେପୁଟି କମାଣ୍ଡାଣ୍ଟ / ସିଆଇଏସଏଫ), ପ୍ରତିଭା ସିଂହ (ଏଜିଏମ - ମାନବ ସମ୍ବଳ), ଧର୍ମେନ୍ଦ୍ର ସିଂହ (ସହକାରୀ କମାଣ୍ଡାଣ୍ଟ / ଅଗ୍ନିଶମ) ଏବଂ ସମସ୍ତ ଏନଟିପିସି ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରଥମେ ଅଗ୍ନି ନିରାପତ୍ତା ବିସୟରେ ବିଭିନ୍ନ ପ୍ରକାର ଡେମୋ ଦେଖାଇ ଥିଲେ। ଏହି କାର୍ଯ୍ୟକ୍ରମକୁ ସିଆଇଏସଏଫ ସୁରକ୍ଷା ଏବଂ ଅଗ୍ନିଶମ ୱିଙ୍ଗ କର୍ମଚାରୀମାନେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ରାମ ଭଜନ ମଲ୍ଲିକ ସମାଜ ଏବଂ ଶିଳ୍ପରେ ଅଗ୍ନି ନିବାରଣ ନିୟମାବଳୀର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅଗ୍ନି ନିରାପତ୍ତା ଏବଂ ସୁରକ୍ଷିତ ଘର ପାଇଁ ସୁରକ୍ଷା ଟିପ୍ସ ସମ୍ପର୍କରେ ଜଣାଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀ ମାନଙ୍କୁ ତଥା ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଅଗ୍ନିଶମ ସେବା ସପ୍ତାହ-୨୦୨୫ ଉଦଯାପନୀ ଉତ୍ସବରେ ଧର୍ମେନ୍ଦ୍ର ସିଂହ (ସହାୟକ କମାଣ୍ଡାଣ୍ଟ/ଅଗ୍ନିଶମ) ଦ୍ୱାରା ପରିଚାଳିତ ହୋଇଥିଲା।

## ବୁଢାରଜାଙ୍କୁ ଲାଗିଲା ମହୁଲ ଭୋଗ

**ଭେଡେନ,୨୧।୪(ସଂଚାର ବ୍ୟୁରୋ)** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ବୁଢାରଜା ମନ୍ଦିରରେ ଅଷ୍ଟମଙ୍ଗଳା ପୂଜା ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜକ ଭବାନୀ ଦେହେରୀଙ୍କ ତତ୍ତ୍ୱବଧାନରେ ପ୍ରଭୁଙ୍କୁ ପାରମ୍ପରିକ ମହୁଲ ଭୋଗ ଲାଗିଁସାରିଲା ପରେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ହୋମ ଯଂଜ୍ଞ କରିଥିଲେ। ପରେ ବୁଢାରଜା ମନ୍ଦିରରୁ ତାଙ୍କ ଉଭା ସ୍ଥଳକୁ ବୁଢାରଜା ମହାପ୍ରଭୁ ବର୍ଷକ ପାଇଁ ପ୍ରତ୍ୟାବର୍ତନ କରିଥିଲେ। ଏହି ବାର୍ଷିକ ଅଷ୍ଟମଙ୍ଗଳା ପୂଜା ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



## ବାରମ୍ବାର ଅଭିଯୋଗ ପରେ ମଧ୍ୟ ଶୁଣୁନି ପ୍ରଶାସନ, ନାଳ ପାଣି ହିଁ ଭରସା



**କନ୍ଧମାଳ,୨୧।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଲାଟିଗୁପା ଗାଁ ଅନ୍ତର୍ଗତ, ପାର୍କାଡି ଗ୍ରାମ ବାସୀ ନାଳ ପାଣି ହିଁ ଭରଷା। ଏହି ଦିଗରେ ପାନୀୟଜଳ ଜଳ ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦିର୍ଘ ବର୍ଷ ବର୍ଷ ଧରି ଏଠାକାର ୪ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା ବର୍ଷା ସବୁ ବେଳେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି। ଅନ୍ୟ ପଟେ ଏହି ପାନୀୟଜଳ ଅସୁବିଧା କୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି। ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୁଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ପାର୍କାଡି, ଗାଁ ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତପଇ ବିନ୍ଧାଣୀ ଗାଲୁ ବିନ୍ଧାଣୀ ଦିକରୀ ବିନ୍ଧାଣୀ ନିଦ୍ରାବତୀ ବିନ୍ଧାଣୀ ନିରଞ୍ଜନ ବିନ୍ଧାଣୀ ଦାଶରଥ ବିନ୍ଧାଣୀ ବିଶ୍ୱନାଥ ବିନ୍ଧାଣୀ ପର୍ଶୁରାମ ବିନ୍ଧାଣୀ ବନ୍ଧୁକ ବିନ୍ଧାଣୀ କୈଳାସ ବିନ୍ଧାଣୀ ପାର୍ବତୀ ବିନ୍ଧାଣୀ କମଳା ବିନ୍ଧାଣୀ ସରୋଜିନୀ ବିନ୍ଧାଣୀ ଜିଙ୍କ ବିନ୍ଧାଣୀ ସରସ୍ୱତୀ ବିନ୍ଧାଣୀ ମିଙ୍କି ବିନ୍ଧାଣୀ ସୁମିତ୍ରା ବିନ୍ଧାଣୀ ସମେତ କଡ଼ମପଙ୍ଗା ଗ୍ରାମବାସୀ ଦାବି କରିଛନ୍ତି।

## ନିଶାରେ ଲାଗୁନି ରୋକ୍, ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି

**ସୁବର୍ଣ୍ଣପୁର,୨୧।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ବଢ଼ିଲାଣି ଅସାଧୁଙ୍କ ନିଶା କାରବାର। ଏଥିରେ ପଥ ଭ୍ରଷ୍ଟ ହୋଉଛନ୍ତି ଯୁବ ପିଢ଼ି। ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳ ଠାରୁ ସହରର ବିଭିନ୍ନ ସାହି ବସ୍ତିଠୁ ଆରମ୍ଭ କରି ଖୋଦ ଟାଉନର ଛାତି ଉପରେ ଚାଲୁଚି ବେଧଡକ ଚୋରା ଦେଶୀ ବିଦେଶୀ ମଦ ସହ ଗଞ୍ଜେଇ, କପ୍ ସିରଫ ଭଳି ବିଭିନ୍ନ ନିଶାଦ୍ରବ୍ୟର ବେପାର। କେତକ ଛୋଟ ବଡ ବେପାର ନାଁ ରେ ଚଳେଇଛନ୍ତି ନିଶାର କାରବାର। ବିଶେଷ କରି ଯୁବକ ମାନେ ନିଶା ଖାଇ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାମରେ ଲିପ୍ତ ରହିବା ସହ ବାଟ ଘାଟରେ ମାଡ ପିଟି କରିବା ସହ ଜୋରଜବରଦସ୍ତ ପଇସା ମାଗୁଛନ୍ତି। ଏପରିକି ପରିବାରରେ ଅଶାନ୍ତି ସୃଷ୍ଟି କରୁଥିବାରୁ ଅନେକ ସମୟରେ ପରିବାର ସଦସ୍ୟ ମାନେ ଥାନାର ଦ୍ୱାରସ୍ଥ ହୋଉଛନ୍ତି। ସଞ୍ଜ ନଇଁଲେ ଛକରେ ଜମୁଛି ବେପାରୀଙ୍କ ଆଡ୍ଡା। ଛକ ବଜାରର ଦୋକାନମାନଙ୍କରେ ଖୁଲମ ଖୋଲା ଚାଲିଛି ବେପାର। କେତେକ ବ୍ୟବସାୟୀ ଗଞ୍ଜେଇକୁ ସିଗାରେଟ୍‌ରେ ଭରି କରି ବିକ୍ରି କରୁଥିବାବେଳେ କେତକ ଅସାଧୁ ଯୁବକ ମାନେ ସିଗାରେଟରେ ପାଉଡର ଭଳି ମାଦକ ଦ୍ରବ୍ୟ ମିଶାଇ ସେବନ କରି ବାଟ ଘାଟରେ ସାଧାରଣ ଲୋକମାନଙ୍କ ସହ ଅସଭ୍ୟ ବ୍ୟବହାର କରୁଛନ୍ତି। ସନ୍ଧ୍ୟା ହେଲେ ଗ୍ରାମାଞ୍ଚଳ ଠାରୁ ସହରର ବିଭିନ୍ନ ଛକ ସହ ସୋନପୁର ସହରର ବାଳିକା ସ୍କୁଲ ରାସ୍ତାରେ ଜମୁଛି ମଦୁଆ ଙ୍କ ଆଡ୍ଡା ସେହିପରି ସର୍କିଟ ହାଉସ ପଛ ପଟେ ମଦୁଆ ଆଡ୍ଡା, ସଞ୍ଜ ହେଇଗଲେ ମହାନଦୀ କୂଳ ଓ ତେଲନଦୀ କୂଳରେ ମଦୁଆ ଙ୍କ ଆଡ୍ଡା ଜମାଉଛନ୍ତି। ସେହିପରି ଗ୍ରାମାଞ୍ଚଳ ଠାରୁ ସହରର ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ନିଶା କାରବାରର ଖୁଲମଖୁଲା ବେପାର ସାମ୍ରାଜ୍ୟ। କିଛି ବର୍ଷ ତଳେ ସୁବର୍ଣ୍ଣପୁର ସହରରେ ଅବକାରୀ ବିଭାଗ ଏବଂ ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏଭଳି କାର୍ଯ୍ୟ ଉପରେ ରୋକ କରାଯାଉ ଥିବା ବଳେ ଏବେ କିନ୍ତୁ ସେଭଳି କୌଣସି ପଦକ୍ଷେପ ନଜରକୁ ଆସୁନଥିବା ଦେଖାଯାଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗର ତ୍ୱରୀତ ଫୈସଲା

**ବାଲିପାଟଣା,୨୧।୪(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଆଜି ବାଲିପାଟଣା ବ୍ଲକ ଅନ୍ତର୍ଗତ ଆମଣାକୁଦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜନ ଶୁଣାଣି କରିଛନ୍ତି। ସମସ୍ତ ବିଭାଗୀୟ ଜିଲ୍ଲା ଓ ବ୍ଲକ ସ୍ତରରୁ ସାମିଲ ହୋଇ ଜିଲ୍ଲାପାଳ ଙ୍କୁ ସହଯୋଗ କରିଥିଲେ।ଆଜିର କାର୍ଯ୍ୟକ୍ରମ ରେ ମୋଟ ୫୨୩ ଗୋଟି ଅଭିଯୋଗ ଶୁଣାଣି ପାଇଁ ଆସିଥିବା ବେଳେ ଏଥିରୁ ମାତ୍ର ୫ ଜଣ ଙ୍କ ଅଭିଯୋଗ ତତ୍କାଳ ବିଚାର କରାଯାଇ ନ୍ୟାୟ ଯୋଗାଇ ଦିଆ ଯାଇଛି। ଅବଶିଷ୍ଟ ପଞ୍ଜୀକୃତ ଦରଖାସ୍ତ ମଧ୍ୟରୁ ୩୩ ଗୋଟି ସାମୁହିକ ସମସ୍ୟା ଥିବାରୁ ସେଗୁଡିକୁ ବିଚାର ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିଲା। ରେଡକ୍ରସ ପାଣ୍ଠି ରୁ ୧୦ ହଜାର ଓ ଅନ୍ୟ ୫ ଜଣଙ୍କୁ ୮୫ ହଜାର ତତକାଳ ସହାୟତା ପ୍ରଦାନ କରାଯାଇଛି। ଆଜିର ଜନ ଶୁଣାଣି ରେ ଏ ଡି ଏମ୍ ରୁଦ୍ରପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ପି ଡି ଜ୍ୟୋତି ଶଙ୍କର ସାହୁ ଙ୍କ ସହିତ ବିଡ଼ିଓ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ, ତହସିଲଦାର କଳ୍ପନା ଦାସ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣ ଙ୍କ ସୁବିଧା ପାଇଁ ରାଜସ୍ୱ, ସମନ୍ୱିତ ଶିଶୁ ବିକାଶ, ମିଶନ ଶକ୍ତି, ସାମାଜିକ ସୁରକ୍ଷା, ଯୋଗାଣ, ସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଗୃହନିର୍ମାଣ ବିଭାଗ ତରଫରୁ ବିଭିନ୍ନ ଷ୍ଟଲ୍ ମାନ ଖୋଲାଯାଇଥିଲା। ବହୁ ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭାଗୀୟ ଅଧିକାରୀ ମାନଙ୍କୁ ସହଯୋଗ କରିଥିଲେ।ବିଧାୟକ ନବକିଶୋର ମଲ୍ଲିକ ଶିବିର ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପଞ୍ଚାୟତ ତରଫରୁ ସମସ୍ତ ଙ୍କ ପାଇ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା।ସମାଜସେବୀ ଲୁଲୁ ପଣ୍ଡା ସମସ୍ତ ବ୍ୟବସ୍ଥା ର ତଦାରଖ କରିଥିଲେ। ପୋଲିସ ବିଭାଗ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ସୁବର୍ଣ୍ଣପୁର,୨୧।୪(ସଂଚାର ବ୍ୟୁରୋ):** ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ମନୋରଞ୍ଜନ ବଘାର ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ, ରୋଗୀ ହନ୍ତସନ୍ତ



**କଣାସ,୨୧।୪(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁଁ ପୁରୀ ଜିଲ୍ଲା କଣାସ ବ୍ଲକରେ ଜନ ସାଧାରଣ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଗ୍ରାମାଞ୍ଚଳରେ ଥିବା କୋକ ମାନଙ୍କର ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଖବର ନେବାରେ ଜଣା ପଡ଼ିଛି କଣାସ ବ୍ଲକର ୨୮ ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ାଗ୍ରାମର ଏକ ଲକ୍ଷ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବା ପାଇଁ କଣାସ ଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଲା ଯାଇଥିବା ବେଳେ ମନ୍ଦାରବସ୍ତ, ସାହୁପଡ଼ା, ଗଡ଼ିଶାଗୋଦା, ନନ୍ଦିଗୋଦା, ବୀର କେଶରପୁର ଠାରେ ପ୍ରଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁରୋଗ, ସ୍ତ୍ରୀରୋଗ, ଭେସେଜ, ସର୍ଜରୀ ବିଶେଷଜ୍ଞ, ଚକ୍ଷୁ ସହାୟକ ଡାକ୍ତର, ୭ ଜଣ ଆସିଷ୍ଟାଣ୍ଟ ସର୍ଜରୀ, ୧୧ ଜଣ ନର୍ସ, ମହିଳା ସ୍ୱାସ୍ଥ୍ୟ କର୍ମୀ ୨ ଜଣ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ୨୦ ଜଣ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ୫ ଜଣ ଓ ପୁରୁଷ ପରିଦର୍ଶିକା ୪ଜଣ ପଦବୀ ଖାଲିପଡ଼ିଛି। କଣାସ ବ୍ଲକଟି ଚିଲିକା ଉପକୂଳରେ ହୋଇଥିବା ବେଳେ ପ୍ରତ୍ୟେକ ଦିନ ରାଜ୍ୟ ସରକାର ମୋ ବସ ଚଳାଉ ଥିବାରୁ ଦୀର୍ଘ ୨୫ କିଲୋ ମିଟର ଦୂର କରମଳା, ଗଡ଼ିଶା ଗୋଦା, ଗଡ଼ଖୀରଦ ଅଞ୍ଚଳରୁ ଶହ ଶହ ରୋଗୀ ସକାଳ ଆଠଟା ସମୟକୁ କଣାସ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚୁଥିବାରୁ ଡାକ୍ତର ଅଭାବ ଯୋଗୁଁ ଦୀର୍ଘ ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହୋଇ ରହୁଛନ୍ତି। ଯେଉଁ କେତେଜଣ ଡାକ୍ତର ଅଛନ୍ତି ସେଥି ମଧ୍ୟରୁ ୩ ଜଣ ଡାକ୍ତରଙ୍କୁ ସକାଳ ଆଠଟାରେ ଡାକ୍ତରଖାନାରେ ଉପସ୍ଥିତ ହେବା ପାଇଁ ସାରଣୀ ପ୍ରସ୍ତୁତ ହୋଇଥିବାବେଳେ ଡାକ୍ତରମାନେ ଦିନ ୧୦ଟାବେଳକୁ ଆସୁଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବାଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ କ୍ଷମାନିଧି ସେଠୀଙ୍କୁ ପଚାରିବାରୁ ସେକୁହନ୍ତି ଡାକ୍ତର ଅଭାବ ଯୋଗୁଁ ଆମେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛୁ। ଅନେକ ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହେବା ପରେ ଫେରି ଯାଇ ଗାଁ ଗହଳିରେ ଥିବା କୋକାମାନଙ୍କର ଆଶ୍ରୟ ନେଉଛନ୍ତି। ଧାଡିରେ ଢିଆ ହୋଇଥିବା ଫଟୋ ଇ ମେଲରେ ପଠାଗଲା

## ଅଧାରେ ଅଟକିଛି ଘର

# ମିଶନ ଶକ୍ତି ଗୃହ କାର୍ଯ୍ୟ ଫାଇଲ ଗାଏବ୍



**ଜୟପୁର,୨୧।୪(ସଂଚାର ବ୍ୟୁରୋ):** ୫ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି ମିଶନ ଶକ୍ତି ଗୃହ। ଏପଟେ ଫାଇଲ୍ ମିଳୁନଥିବା କହିଛନ୍ତି ସଂପୃକ୍ତ ବିଭାଗ ଯନ୍ତ୍ରୀ ଏବଂ ବ୍ଲକ କାର୍ଯ୍ୟାଳୟର ଉନ୍ନୟନ ବିଭାଗ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜୟପୁର ଉପଖଣ୍ଡ ବୈପାରିଗୁଡା ବ୍ଲକ ଚିପାକୁର ପଞ୍ଚାୟତରେ। ୨୦୨୧-୨୨ ରେ ଚିପାକୁର ପଞ୍ଚାୟତରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମିଶନ ଶକ୍ତି ଗୃହ ମଞ୍ଜୁର ହୋଇଥିଲା। କିନ୍ତୁ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରିନାହିଁ। ଅଧା କାଷ୍ଠ ଉଠାଇ ୨ ଲକ୍ଷ ଟଙ୍କା ବିଲ୍ ହଡ଼ପ କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଚିପାକୁର ପଞ୍ଚାୟତ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା କହିଛନ୍ତି ଗ୍ରାମବାସୀ। ଶେଷରେ ଗ୍ରାମବାସୀ ଉକ୍ତ ମିଶନ ଶକ୍ତି ଗୃହ ଖୁବଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଦରଖାସ୍ତ ଦେଇ ଅଭିଯୋଗ ଆଣିଥିଲେ। ଏସଂପର୍କରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିବେଦିତା ଦଣ୍ଡସେନାଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ସହକାରୀ ଯନ୍ତ୍ରୀ ଏବଂ ମୁଁ ଚିପାକୁର ଯାଇ ଅର୍ଦ୍ଧ ନିର୍ମିତ ମିଶନ ଶକ୍ତି ଗୃହ ତଦାରଖ କରିବା ପାଇଁ ଯାଇଥିବା ପ୍ରକାଶ କରିଥିଲେ। ଉକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ମିଶନ ଶକ୍ତି ଗୃହ ସଂପର୍କରେ ପଚାରି ବୁଝିବାରୁ ସେ ପ୍ରକାଶ କରିଥିଲେ ଯେ, ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଠିକାଦାର ଛାଡ଼ି ଦେଇଥିବା ବେଳେ ସଂପୃକ୍ତ ଯନ୍ତ୍ରୀଙ୍କ ଦ୍ୱାରା ଏକ ଲକ୍ଷ ୯୦ ହଜାର ଟଙ୍କାର ବିଲ୍ କରାଯାଇଛି। ଏପଟେ ଚିପାକୁର ପଞ୍ଚାୟତର ଯନ୍ତ୍ରୀଙ୍କୁ ପଚାରିବାରୁ ମୋ ପାଖରେ ଫାଇଲ୍ ନାହିଁ ମୁଁ ନୂଆରେ ସେହି ପଞ୍ଚାୟତର କାର୍ଯ୍ୟଭାର ନେଇଛି। ଫାଇଲ୍ ଉନ୍ନୟନ ବିଭାଗରେ ଥିବା କହିଥିଲେ। ବ୍ଲକ ଉନ୍ନୟନ ବିଭାଗକୁ ଯାଇ ପଚାରିବାରୁ ତାଙ୍କ ପାଖରେ ଫାଇଲ୍ ନଥିବା କହି କମ୍ପ୍ୟୁଟର ଦେଖାଇଥିଲେ। ଏଠି ପ୍ରଶ୍ନ ଉଠୁଛି ଲକ୍ଷ ଲକ୍ଷ ଟଙ୍କାର କାମ ଫାଇଲ୍ ଗଲା କୁଆଡେ କେମିତି ହଜି ଯାଉଛି କାମ ଫାଇଲ୍। ଏତେ ବର୍ଷ ହେଲାଣି କାହିଁକି ସରୁନି ମିଶନ ଶକ୍ତି ଗୃହ କାମ। ଏଭଳି ଦୁର୍ନୀତି ପଛରେ କାହାର ହାତ ଅଛି ତୁରନ୍ତ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ତଦନ୍ତ ନକଲେ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ତାଗିଦ୍ କରିଛନ୍ତି।

## କାଳବୈଶାଖୀରେ ଭାଙ୍ଗିଲା ଘର

**କଳିଙ୍ଗନଗର,୨୧।୪(ସଂଚାର ବ୍ୟୁରୋ):** କାଳ ବୈଶାଖୀ ପବନ ବର୍ଷାରେ ଦାନଗଦୀ ବ୍ଲକରେ ବହୁତ ଘର ଭାଙ୍ଗିଯିବା ସହ ଗଛ ଉପୁଡି ଯାଇଛି, ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଯାଇଛି, ସେହିପରି ଚିତ୍ରୀ ପଞ୍ଚାୟତର ଟୋଲକାନୀ ଗାଁର ଜଣେ ଗରିବ ଚାଷୀ ସୁଶାନ୍ତ ସେଠୀ (୪୯) ବହୁତ କଷ୍ଟ କରି ଖଣ୍ଡେ ଆଜେବେଷ୍ଟ ଘର କରିଥିଲେ ତାହା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି, ପବନର ବେଗ ଏତେ ଜୋରରେ ଥିଲାଯେ ଘରର ଆଜେବେଷ୍ଟ ଗୁଡିକ ଉଡାଇଆଣି ବାହାରେ ଫୋପାଡ଼ି ହୋଇ ପଡ଼ି ଭାଙ୍ଗି ଯାଇଛି, ଦୁଇବଖରା ଘରର କାନ୍ଥରୁ ପଥର ମଧ ଖସି ପଡ଼ିଛି, ପବନ ଜୋରରେ ହେବାରୁ ଘର ଭିତରୁ ପରିବାର ଲୋକେ ବାହାରକୁ ପଳାଇ ଆସିଥିବାରୁ କାହାର କିଛି କ୍ଷତି ହୋଇନାହିଁ, ବର୍ଷାରେ ଘର ଭିତରେ ଥିବା ଆସବାବ ପତ୍ର ଧାନ, ଚାଉଳ ଓଦାହୋଇ ନଷ୍ଟ ହୋଇ ଯାଇଛି, ଘର ଭାଙ୍ଗି ଯିବାରୁ ଗରିବ ଚାଷୀ ଲୋକଟି ଦୁଃଖରେ ଭାଙ୍ଗି ପଡ଼ିଛି, ପ୍ରଶାସନ କିଛି ସହାୟତା କରିବାକୁ ସେ ନିବେଦନ କରିଛି।

## ରାବଣ ବଧ ସହ ନୂଆକାଳିଆକଣ ରାମଲୀଳା ଉଦଯାପିତ

**ଅସ୍ତରଙ୍ଗ /କାକଟପୁର,୨୧।୪(ସଂଚାର ବ୍ୟୁରୋ):** ସଭ୍ୟ ସମାଜ ଗଠନ, ଭାଷା ସାହିତ୍ୟକୁ ଜୀବିତ ରଖିବା ଦିଗରେ ରାମଲୀଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଗର ଗ୍ରାମ ପଂଚାୟତ ଅଧୀନ ନୂଆକାଳିଆକଣ ଗ୍ରାମର ବହୁ ପୁରାତନ ଅନୁଷ୍ଠାନ ରାମଲୀଳା ନାଟ୍ୟ ପରିଷଦ।ନାଟ୍ୟମଣ୍ଡପରେ ଅନଙ୍ଗ ନରେନ୍ଦ୍ର ରଚିତ ରାମାୟଣ ଚଳିତ ବର୍ଷ ଚୈତ୍ର ପୂର୍ଣ୍ଣିମା ପରଠାରୁ ଆରମ୍ଭ ହୋଇଛି ରାମଲୀଳା । ଏଠାରେ ପ୍ରସିଦ୍ଧ ରାମଲୀଳା ନାଟକ ୫ଦିନଧରି ଅନୁଷ୍ଠିତ ହେଉଛି। ରାମାୟଣ କଥାମୃତ, ତାଡକା ବଦ୍ଧ, ଶିବଧନୁ ଭଙ୍ଗ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଳି ବଧ, ଲଙ୍କା ପୋଡି, ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତି ଭେଦ, ରାବଣ ପୋଡି ଏବଂ ରାମଅଭିଷେକ ଆଦି ନାଟକରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଉଛି। ଗ୍ରାମବାସୀ ଙ୍କ ମିଳିତ ସହଯୋଗରେ ନୂଆକାଳିଆକଣ ଗ୍ରାମରେ କଳାକାର ଅଭିନୟରେ ଅଂଚଳ ରାମମୟ ହୋଇଛି। ନାଟ୍ୟ ସମଣ୍ଡପ ରେ ହନୁମାନ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଙ୍କୁ ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଏ। ଚଳନ୍ତି ପ୍ରତିମା ରୂପରେ ଗୁରୁଙ୍କ ସମେତ ବରିଷ୍ଠ କଳାକାର ମାନେ ପାଦ ଛୁଇଁ ପ୍ରଣାମ କରି ଆଶ୍ରିବାଦ ଗ୍ରହଣ କରିଥାନ୍ତି।

## ପାଟ ମଝିରୁ ଅଜଣା ମୃତଦେହ ଉଦ୍ଧାର

**କଳିଙ୍ଗନଗର,୨୧।୪(ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ସମୟରେ ଦାନଗଦି ପୋଲିସ ବଗେଇ ଶିବ ମନ୍ଦିର ଦକ୍ଷିଣ ପାର୍ଶ୍ୱ ରେ ଥିବା ରେଳ ଧାରଣା କଡ଼ରେ ଥିବା ପାଟ ମଝିରେ ଜଣେ ଲୋକ ମରି ପଡ଼ିଥିବାର ଖବର ପାଇଲେ, ଘଟଣା ସ୍ଥଳରେ ପହଁଚି ଦେଖିଲା ବେଳେକୁ ଜଣେ କଳା ରଙ୍ଗର ଅଜଣା ଲୋକ ବୟସ ପାଖପାଖି ୪୫ ହେବ ଲୁଙ୍ଗି ପିନ୍ଧି ମରି ପଡ଼ିଛି, ସ୍ଥାନଟି ଦାନଗଦୀ ବ୍ଲକ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ରାଛିପୁର ପଞ୍ଚାୟତର ସୋଲଗାଡ଼ିଆ ହୋଇଥିବା ବେଳେ ମୃତ ଲୋକଟିର ପରିଚୟ ମିଳିପାରିନାହିଁ, ପୋଲିସମୃତ ଦେହ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଛନ୍ତି

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



**ବେତନଟୀ,୨୧।୪(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ନଣ୍ଡାଶୋଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଆଦି ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଗଗୋନ ବିହାରୀ ବେହେରା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଗୋବିନ୍ଦ ହାଁସଦା ପୌରୋହିତ୍ୟ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇ, ଜିପିଓ ସବ୍ୟସାଚୀ ଦାସ, ନଣ୍ଡାଶୋଳ ପିଓ ପ୍ରଦୀପ୍ତା ମାରାଣ୍ଡି ଙ୍କ ସହ ପଞ୍ଚାୟତିରାଜ, ରାଜସ୍ୱ, ମିଶନଶକ୍ତି, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଶିଶୁ ଓ ମହିଳା ଉନ୍ନୟନ ବିଭାଗ, ସାମାଜିକ ସୁରକ୍ଷା, ଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୯୪ ରୁ ଉର୍ଦ୍ଧ୍ୱ ଜନତା ନିଜ ନିଜର ଅଭିଯୋଗ ଦାଖଲ କରିଥିଲେ। ଏହାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଏବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ।

# ବିଜ୍ଞାନ





ବୟସ ବଢ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା। କିନ୍ତୁ ସଂପ୍ରତି ଏକ ପରୀକ୍ଷଣରୁ ସ୍ପଷ୍ଟ ହୋଇଛି କି ସମୟ ଅତିକ୍ରାନ୍ତ ହୋଇଥିଲେ ବି ବୟସକୁ ପଛକୁ ଫେରାଇବା ସମ୍ଭବ!

## ଆଟ୍‌ଲାଣ୍ଟିକ୍ ସାଗର ତଳେ ୧୦୦ ଦିନ

# ୧୦ ବର୍ଷ ପଛକୁ ଫେରିଲା ବୟସ!

ଆମେରିକାର ଅବସରପ୍ରାପ୍ତ ନୌସେନା ଅଧିକାରୀ ୫୬ ବର୍ଷୀୟ ଜୋସେଫ୍ ଡିଟୁରି ଆଟ୍‌ଲାଣ୍ଟିକ୍ ମହାସାଗରର ଅଗଭୀର ଜଳରାଶି ତଳେ ଏକ ପ୍ରେସରାଇଜ୍‌ଡ ବଙ୍କର୍ ଭିତରେ ୧୦୦ ଦିନ ବିତାଇବାର ବିରଳ ରେକର୍ଡ କରିଥିଲେ। ଏବେ ଜଣାପଡ଼ିଛି ଯେ ତାଙ୍କର ଏହି ଦୁଃସାହସିକ ସମୁଦ୍ରତଳ ରହଣି ତାଙ୍କ ଶରୀରର ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମଧ ଓଲଟାଇଦେଇଛି। ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେ ନିଜ ବୟସର ୧୦ ବର୍ଷ ପଛକୁ ଫେରିଯାଇଛନ୍ତି। ଏହି ଅଭିଯାନରେ ଯିବା ପୂର୍ବରୁ ଡିଟୁରିଙ୍କ ବୟସ ୫୫ ବର୍ଷ ହୋଇଥିବା ବେଳେ ତାଙ୍କ ଜୈବିକ ବୟସ ଥିଲା ୪୪ ବର୍ଷ। ଜଳ ଗର୍ଭରେ ୧୦୦ ଦିନ କାଟି ଭୂପୃଷ୍ଠକୁ ଆସିବା ପରେ ତାଙ୍କ ଜୈବିକ ବୟସ ୩୪ ବର୍ଷକୁ ଖସିଆସିଛି।

ମାନବ ଶରୀର ଉପରେ ଏକ ଅଧିକ ଚାପଯୁକ୍ତ ପରିବେଶର ପ୍ରଭାବ ବୁଝିବା ପାଇଁ ଗତବର୍ଷ ଡିଟୁରିଙ୍କର ଏହି ଉଚ୍ଚାଭିଳାଷୀ ଅଭିଯାନର ଆୟୋଜନ କରାଯାଇଥିଲା। ଦୀର୍ଘ ତିନି ମାସ ପରେ ଜଳରୁ ବାହାରିଲା ପରେ ତାଙ୍କର ସତେଜ ଚେହେରା ଅନ୍ୟମାନଙ୍କୁ ବିସ୍ମିତ କରିଥିଲା। ଡାକ୍ତରୀ ପରୀକ୍ଷାନିରୀକ୍ଷାରୁ ଡିଟୁରିଙ୍କର ଡିଏନ୍ଏର ରକ୍ଷାକବଚ ଭାବେ ବିବେଚିତ 'ଟେଲୋମେର୍'ଗୁଡ଼ିକର ଦୈର୍ଘ୍ୟ ୨୦ ପ୍ରତିଶତ ବଢ଼ିଥିବା ଦେଖାଯାଇଥିଲା। ସୂଚନାଯୋଗ୍ୟ, କ୍ରୋମୋଜୋମ୍ ବା ଗୁଣସୂତ୍ରର ଶେଷ ଭାଗରେ ସୁରକ୍ଷା ଯୋଗାଉଥିବା ଏହି 'ଟେଲୋମେର୍' କ୍ୟାପ୍ ସାଧାରଣତଃ ବୟସ ବଢ଼ିବା ସଙ୍ଗେ ଛୋଟ ହୋଇ ଆସିଥାଏ। ଡିଟୁରିଙ୍କ ଠାରେ ଦେଖାଦେଇଥିବା ଏହାର ବୃଦ୍ଧି ତାଙ୍କ ବୟସର ଗତିକୁ ବିପରୀତ କରିଦେଇଥିବା ସ୍ପଷ୍ଟ ହୋଇଛି। ଅର୍ଥାତ୍ ସେ ବୟସର ଗୋଟିଏ ଦଶନ୍ଧି ପଛକୁ ଫେରିଥିବା ଏଥିରୁ ଆକଳନ କରାଯାଉଛି। ଏହା ଡିଟୁରିଙ୍କର ଏକମାତ୍ର ଶାରୀରିକ ବିକାଶ ନଥିଲା, ବରଂ ତାଙ୍କର ଷ୍ଟେମ୍ ସେଲ୍ ସଂଖ୍ୟା ମଧ ନାଟକୀୟ ଭାବେ ବଢ଼ି ଯାଇଥିଲା। ତାଙ୍କ ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତରରେ ୭୨



ପଏଣ୍ଟ ହ୍ରାସ ଘଟିଥିବା ବେଳେ ପ୍ରଦାହଜନିତ ଚିହ୍ନଗୁଡ଼ିକ ଅର୍ଦ୍ଧେକ କମିଯାଇଥିଲା। ତାଙ୍କ ଶୟନରେ ମଧ ଉଲ୍ଲେଖନୀୟ ପ୍ରଗତି ଘଟିଥିଲା। ରାତିରେ ସେ ୬୦ରୁ ୬୬ ପ୍ରତିଶତ ଅଧିକ ଗଭୀର ନିଦ୍ରା ଯାଉଥିବା ଜଣାପଡ଼ିଥିଲା, ଯାହା ଶାରୀରିକ ଓ ମାନସିକ ପୁନରୁଦ୍ଧାର ପାଇଁ ଏକ ଅତ୍ୟାବଶ୍ୟକ ପର୍ଯ୍ୟାୟ ଭାବେ ବିବେଚିତ। ମାତ୍ର ଶହେ ବର୍ଗଫୁଟର ନିବୁଜ ପଡ଼୍ ପରି ପ୍ରତିକୂଳ ପରିବେଶରେ ଡିଟୁରି ସପ୍ତାହରେ ପାଞ୍ଚଦିନ ଘଣ୍ଟାଏ ଲେଖାଏଁ ବ୍ୟାୟାମ କରୁଥିଲେ, ଯାହା ତାଙ୍କ ଶାରୀରିକ ସୁସ୍ଥତା ବଜାୟ ରଖିଥିଲା। ଗତବର୍ଷ ସେ ପାଣି ଭିତରେ ଶହେ ଦିନ ବିତାଇ ନିଜର ୭୪ ଦିନର ପୂର୍ବ ରେକର୍ଡ ଭାଙ୍ଗିଥିଲେ।

# ଏଚ୍‌ପିର 'ଏନ୍‌ଭି ମୁଭ୍' ଡେସ୍କଟପ୍

ନେବା ଆଣିବାରେ ସୁବିଧା ପାଇଁ ଅନେକ ୧୧ ଇଞ୍ଚିଆ ପରଦାର ଲାପ୍‌ଟପ୍‌କୁ ପସନ୍ଦ କରୁଥିବା ବେଳେ ଅନେକ ମଧ ୧୮ ଇଞ୍ଚିଆ ପରଦାଯୁକ୍ତ ଡେସ୍କଟପ୍‌ର ମୋହ ଛାଡ଼ିପାରୁନାହାନ୍ତି। ତେବେ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଏଚ୍‌ପି ଉଭୟବର୍ଗଙ୍କୁ ସୁହାଇଲା ପରି 'ଏନ୍‌ଭି ମୁଭ୍' ନାମରେ ଏକ କମ୍ପ୍ୟୁଟର ବଜାରକୁ ଛାଡ଼ିଛି। ଏହାକୁ ଏକ ଅଲ-ଇନ୍-ୱାନ୍ କମ୍ପ୍ୟୁଟର ଓ ଲାପ୍‌ଟପ୍ (ଏଆଇଓସିଏଲ୍) କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ଡେସ୍କଟପ୍ କମ୍ପ୍ୟୁଟରର କ୍ଷମତା ବଜାୟ ରହିବା ସହ ଲାପ୍‌ଟପ୍‌ର ସୁବିଧା ରହିଛି। ଧଳା ରଙ୍ଗର ଏକମାତ୍ର ଭାରିଆଣ୍ଟରେ ଉପଲବ୍ଧ ଏହି ଏଆଇଓସିଏଲ୍‌ର ଭାରତୀୟ ବଜାର ମୂଲ୍ୟ ରହିଛି ୧,୨୪,୯୯୯ ଟଙ୍କା। ଏହାର ୧୩ଶ ପିଢ଼ି ଇଣ୍ଟେଲ୍ କୋର୍ ଆଇ-୫ ପ୍ରସେସର ଓ ଇଣ୍ଟେଲ ୟୁଏଚ୍‌ଡି ଗ୍ରାଫିକ୍ସ ସହ ୧୬ ଜିବିର ରାମ୍ ଓ ୧ ଟିବିର ମେମୋରି ରହିଛି। ୯୦ ୱାଟ୍‌ର ଆଡପ୍ଟର, ଓ୍ୱାୟାର୍‌ଲେସ୍ ବ୍ଲୁଟୁଥ୍ କିବୋର୍ଡ ଓ ଇଣ୍ଟିଗ୍ରେଟେଡ୍ ଟଚ୍‌ପ୍ୟାଡ୍ ଏହାକୁ ଅଧିକ ଆକର୍ଷଣୀୟ କରିଛି। ସଂପୂର୍ଣ୍ଣ ଡେସ୍କଟପ୍‌ର ଦକ୍ଷତା ରଖିଥିଲେ ହେଁ ଏହାର ଓଜନ ମାତ୍ର ୪.୧ କେଜି । ଏଥିରେ ୨୩.୮ ଇଞ୍ଚ କ୍ୟୁଏଚ୍‌ଡିର ଏକ ଟଚ୍‌ସ୍କ୍ରିନ୍ ଆଇପିଏସ୍ ପ୍ୟାନେଲ ରହିଛି। ଏଥିରେ ଖଞ୍ଜା ଯାଇଥିବା ୬-ସେଲ୍ ବିଶିଷ୍ଟ ୮୩ ୱାଟ୍‌ଆୱାର ଶକ୍ତିସଂପନ୍ନ ଲିଥିଅମ୍-ଆୟନ୍ ବ୍ୟାଟେରିଟି ମାତ୍ର ୪୫ ମିନିଟ୍‌ରେ ୫୦ ପ୍ରତିଶତ ଚାର୍ଜ ହୋଇପାରୁଛି। ଥରେ ସଂପୂର୍ଣ୍ଣ ଚାର୍ଜ ହେଲେ ଏହା ୪ ଘଣ୍ଟା ଯାଏ ଚାଲିପାରିବ ବୋଲି କମ୍ପାନି ଦାବି କରିଛି। ଏଥିରେ ୫ ୱାଟ୍‌ର ଡୁଆଲ୍ ସ୍ପିକର୍ ସିଷ୍ଟମ୍ ସାଙ୍ଗକୁ ୫ ମେଗାପିକ୍ସେଲ୍‌ର ୱେବକ୍ୟାମ୍ ରହିଛି। ଭିଡିଓ କଲିଂ ବେଳେ ଉନ୍ନତ ଅଡିଓ ପାଇଁ କ୍ୟାମେରା ସହ ଦୁଇଟି ମାଇକ୍ରୋଫୋନ୍ ଖଞ୍ଜାଯାଇଛି। ସେହିପରି ବେତାର ସଂଯୋଗ ପାଇଁ ୱାଇ-ଫାଇ ୬ଇ ଏବଂ ବ୍ଲୁଟୁଥ୍ ୫.୩ ବ୍ୟବସ୍ଥା ରହିଛି।

'ଏନ୍‌ଭି ମୁଭ୍'ରେ ଡେସ୍କଟପ୍ କମ୍ପ୍ୟୁଟରର କ୍ଷମତା ସହ ଲାପ୍‌ଟପ୍‌ର ସୁବିଧା ରହିଛି। ଏହାକୁ ଯେକୌଣସି ସ୍ଥାନକୁ ସହଜରେ ନେଇଯିବା ସମ୍ଭବ।



# ମହିଳା ଇନ୍‌ଫ୍ଲୁଏନ୍‌ସର୍‌ଙ୍କୁ ଅଶ୍ଳୀଳ ଡିପ୍‌ଫେକ୍ ବିପଦ

ଇନ୍‌ଷ୍ଟାଗ୍ରାମ୍‌ରେ ମହିଳା ଇନ୍‌ଫ୍ଲୁଏନ୍‌ସର୍‌ମାନଙ୍କ ଭିତରୁ ୯୪% ଅଶ୍ଳୀଳ ଡିପ୍‌ଫେକ୍‌ର ଶିକାର ହେଲେଣି ବୋଲି ଏକ ଅନୁଧ୍ୟାନରୁ ଜଣାଯାଇଛି। ଅନୁଗାମୀଙ୍କ ସଂଖ୍ୟା ବଢ଼ିବା ସହ ଡିପ୍‌ଫେକ୍ ଦ୍ୱାରା ସେମାନଙ୍କ ନଗ୍ନ ଛବି ପ୍ରଚାରିତ ହେବା ଆଶଙ୍କା ବଢ଼ିଥାଏ। ଅନୁଗାମୀ ସଂଖ୍ୟାରେ ପ୍ରତି ୧୦ ହଜାର ବୃଦ୍ଧି ସହ ସେମାନେ ଡିପ୍‌ଫେକ୍‌ର ଶିକାର ହେବା ଆଶଙ୍କା ୧୫.୭% ବଢ଼ିଚାଲେ।

ସାମାଜିକ ଗଣମାଧମ ସେବା ପ୍ରଦାନକାରୀ ସଂସ୍ଥା 'ଡ୍ୱିକ୍‌ସି' ଦ୍ୱାରା ପ୍ରାୟ ୧୦ ହଜାରରୁ ଅଧିକ ଅନୁଗାମୀ ଥିବା ୨୨,୮୪୭ ଜଣ ଇନ୍‌ଫ୍ଲୁଏନ୍‌ସର୍ ଓ ସେଲିବ୍ରିଟିଙ୍କ ତଥ୍ୟ ବିଶ୍ଲେଷଣ କରି ଜଣାପଡ଼ିଛି ଯେ ଫ୍ୟାସନ୍ ଉଦ୍ୟୋଗରେ ଥିବା ମହିଳାମାନଙ୍କର ଡିପ୍‌ଫେକ୍‌ର ଶିକାର ହେବା ଆଶଙ୍କା ୮୫% ଅଧିକ। ସେହିପରି ମନୋରଞ୍ଜନ ଶିଳ୍ପରେ ଥିବା ୮୨%, ସୌନ୍ଦର୍ଯ୍ୟ ଶିଳ୍ପରେ ଥିବା ୮୧% ଏବଂ ଖବର ଓ ରାଜନୀତିରେ ଥିବା ମହିଳାମାନେ ୭୦% ଅଧିକ ଅଶ୍ଳୀଳ



ଡିପ୍‌ଫେକ୍ ଭିଡିଓର ଶିକାର ହୋଇଥା'ନ୍ତି। ସାମାଜିକ ଗଣମାଧମରେ ଥିବା ଇନ୍‌ଫ୍ଲୁଏନ୍‌ସର୍‌ଙ୍କ ଭିତରୁ ୮୪% ଅଶ୍ଳୀଳ ଡିପ୍‌ଫେକ୍‌ର ଶିକାର ହୋଇସାରିଥିବା ବେଳେ ସେମାନଙ୍କ ଭିତରୁ ୯୦% ହେଉଛନ୍ତି ମହିଳା। ଇନ୍‌ଫ୍ଲୁଏନ୍‌ସର୍ ଆଧାରିତ ଡିପ୍‌ଫେକ୍ ପର୍ଣ୍ଣୋଗ୍ରାଫିରେ ପ୍ରାୟ ୪୦ କୋଟି ଭିଉଜ୍ ରହିଛି, ଯାହା ଏପରି ଉଦ୍‌ବେଗଜନକ ବିଷୟବସ୍ତୁ ପ୍ରତି ଆଗ୍ରହକୁ ଦର୍ଶାଉଛି। ଇନ୍‌ଷ୍ଟାଗ୍ରାମ୍‌ରେ ଦୃଶ୍ୟକେନ୍ଦ୍ରିକ ଆଭିମୁଖ୍ୟ ହେତୁ ତାହାର ଇନ୍‌ଫ୍ଲୁଏନ୍‌ସର୍‌ମାନଙ୍କ ଭିତରୁ ସର୍ବାଧିକ ୯୪% ଅଶ୍ଳୀଳ ଡିପ୍‌ଫେକ୍‌ର ଶିକାର ହେବାର ଆଶଙ୍କା ରହିଛି। ୟୁଟ୍ୟୁବ୍ ଇନ୍‌ଫ୍ଲୁଏନ୍‌ସର୍‌ଙ୍କ ଭିତରୁ ୫୬% ଓ ଟ୍ୱିଟର୍ ଇନ୍‌ଫ୍ଲୁଏନ୍‌ସର୍‌ଙ୍କ ଭିତରୁ ସର୍ବନିମ୍ନ ୧୨% ଅଶ୍ଳୀଳ ଡିପ୍‌ଫେକ୍‌ର ଶିକାର ହେବାର ଆଶଙ୍କା ରହିଛି ବୋଲି ଉକ୍ତ ଅଧ୍ୟୟନରୁ ଜଣାଯାଇଛି।



## କେରଳର ପ୍ରଥମ ଏଆଇ ଶିକ୍ଷକ 'ଆଇରିସ୍'

ଆଜି ଦିନରେ ଏଭଳି କ୍ୱଚିତ୍ କ୍ଷେତ୍ର ରହିଛି ଯେଉଁଠି କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଛାପ ପଡ଼ିନାହିଁ। ମଣିଷ ପରି ଚିନ୍ତାକରିବା ଓ ବିଶ୍ଲେଷଣ କରିପାରୁଥିବା ଏହି ଜ୍ଞାନକୌଶଳର ପ୍ରଥମ ବ୍ୟବହାର ସାମାଜିକ ଗଣମାଧମରେ ଦେଖାଗଲା। କ୍ରମେ ଏହାର ନକାରାତ୍ମକ ଉପଯୋଗର ପ୍ରୟାସ ମଧ ହୋଇଛି। ତେବେ କେରଳର ଏକ ବିଦ୍ୟାଳୟରେ ଏହାର ସଦୁପଯୋଗ ଚର୍ଚ୍ଚାର ବିଷୟ ହୋଇଛି। ତିରୁଅନନ୍ତପୁରମ୍ ସ୍ଥିତ କେଟିସିଟି ଉଚ୍ଚ ମାଧମିକ ବିଦ୍ୟାଳୟରେ ଗତ ମାସରେ ପ୍ରଥମ କରି ଏକ ଏଆଇ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। 'ଆଇରିସ୍' ନାମକ ଏହି କୃତ୍ରିମ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରି ତିନିଟି ଭାଷାରେ ବିଭିନ୍ନ କଠିନ ପ୍ରଶ୍ନର ଉତ୍ତର ଦେଇପାରୁଛି। ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ବିଭିନ୍ନ ଶିକ୍ଷାବହିର୍ଭୂତ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଲାଗି 'ନିତି' ଆୟୋଗଙ୍କ ପକ୍ଷରୁ ୨୦୨୧ରେ 'ଅଟଳ ଟିଙ୍କରିଂ ଲାବ୍ (ଏଟିଏଲ୍)' ନାମକ ଏଭଳି ଏକ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଏଆଇ ଶିକ୍ଷକ 'ଆଇରିସ୍'କୁ ମେକର୍‌ଲାବ୍‌ସ ଏଜୁଟେକ୍ କମ୍ପାନି ବିକଶିତ କରିଛି। ଏଥିରେ କୃତ୍ରିମ ମାନବ ଜ୍ଞାନକୌଶଳ (ରୋବୋଟିକ୍‌ସ) ଓ ସୃଜନଶୀଳ କୃତ୍ରିମ ବୁଦ୍ଧିମତା (ଜେନେରେଟିଭ୍ ଏଆଇ)ର ମିଶ୍ରଣ କରାଯାଇଛି ବୋଲି କମ୍ପାନି କହିଛି।



# ବ୍ୟାଙ୍କ୍ ଲକର୍‌ର ବିଧିବିଧାନ



ଚୋରତସ୍କରଙ୍କ ଠାରୁ ବଞ୍ଚାଇବା ପାଇଁ ଲୋକେ ନିଜର ଗହଣାଗାଣ୍ଠି ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ବ୍ୟାଙ୍କ୍ ଲକର୍‌ରେ ରଖନ୍ତି। ମାତ୍ର ଲକର୍ ବ୍ୟବହାରର ବିଧିବିଧାନ ଜାଣି ନ ଥିଲେ ଅନେକ ସମୟରେ ଗ୍ରାହକଙ୍କୁ ହଟହଟା ହେବାକୁ ପଡେ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଲକର୍ ରାଜିନାମାର ସର୍ତ୍ତାବଳୀରେ ମଧ କିଛି ପରିବର୍ତ୍ତନ ଆଣିଛନ୍ତି। ଆସନ୍ତୁ ଜାଣିବା ଲକର୍‌କୁ ନେଇ ବ୍ୟାଙ୍କ୍‌ର ନିୟମାବଳୀ କ'ଣ ରହିଛି।

- ଲକର୍ ନେବାବେଳେ ବ୍ୟାଙ୍କ୍ ସହ ଗ୍ରାହକର ସଂପର୍କ ଲିଜ୍‌ଦାତା ଓ ଭଡ଼ାଟିଆର ସଂପର୍କ ଭଳି। ବ୍ୟାଙ୍କ୍ ଗ୍ରାହକକୁ କେବଳ ନିର୍ଦ୍ଦିଷ୍ଟ ଲକର୍‌ଟି ଭଡ଼ା ସୂତ୍ରରେ ଦେଇଥାଏ। ସେଥିରେ ଗ୍ରାହକ କ'ଣ ରଖନ୍ତି ବା ତାହାର ମୂଲ୍ୟ କେତେ, ସେସବୁ ସହ ବ୍ୟାଙ୍କ୍‌ର କୌଣସି ସଂପର୍କ ନାହିଁ।
- ଲକର୍ ଭିତରେ କ'ଣ ରହିଲା, ନ ରହିଲା ତାହା ଗ୍ରାହକଙ୍କର ବ୍ୟକ୍ତିଗତ ଦାୟିତ୍ୱ ହୋଇଥିଲେ ମଧ ଯଦି ବ୍ୟାଙ୍କର ଅବହେଳା କାରଣରୁ ଗ୍ରାହକଙ୍କୁ କ୍ଷତି ସହିବାକୁ ପଡ଼େ, ସେଥିପାଇଁ ବ୍ୟାଙ୍କକୁ କ୍ଷତିପୂରଣ ଦେବାକୁ ହୁଏ। ଏହି କ୍ଷତିପୂରଣର ପରିମାଣ ସଂପୃକ୍ତ ଲକର୍‌ର ବାର୍ଷିକ ଭଡ଼ାର ଶହେଗୁଣ ରଖାଯାଇଛି।
- ଲକର୍‌ର ଚାବି ସୁରକ୍ଷିତ ରଖିବା ଗ୍ରାହକଙ୍କର ନିଜ ଦାୟିତ୍ୱ। ଚାବି ହଜିଗଲେ ଲକର୍‌ର ତାଲା ଭାଙ୍ଗିବା ଓ ନୂଆ ତାଲା ଲଗାଇବାର ସମସ୍ତ ଖର୍ଚ୍ଚ ଗ୍ରାହକଙ୍କୁ ଦେବାକୁ ପଡ଼େ।
- ଏହାଛଡ଼ା ରିଜର୍ଭ ବ୍ୟାଙ୍କ୍‌ର ନିୟମ ଅନୁସାରେ କେୱାଇସି ପ୍ରମାଣପତ୍ର ଦେବା ସହିତ, ସଂଶୋଧିତ ରାଜିନାମାପତ୍ର ସ୍ୱାକ୍ଷର କରି ନ ଥିଲେ ଯଥାଶୀଘ୍ର ବ୍ୟାଙ୍କ୍ ସହ ଯୋଗାଯୋଗ କରି ଏସବୁ କରାଇଦେବା ଜରୁରି।
- ଲଗାତାର ତିନିବର୍ଷ ଧରି ଭଡ଼ା ଅନାଦେୟ ରହିଲେ ବ୍ୟାଙ୍କ ଏହାକୁ ଭାଙ୍ଗିଦେଇ ପାରିବେ। ପୁଣି ଭଡ଼ା ଦେଉଥିଲେ ମଧ ୭ ବର୍ଷ ଧରି ଲକର୍ ଅବ୍ୟବହୃତ ରହିଲେ ବା ଗ୍ରାହକଙ୍କୁ ଯୋଗାଯୋଗ କରିନହେଲେ ନିୟମାନୁସାରେ ଏପରି ଅବ୍ୟବହୃତ ଲକର୍ ଭାଙ୍ଗିବା ପାଇଁ ବ୍ୟାଙ୍କ୍‌ର ଅଧିକାର ରହିଛି।
- ରିଜର୍ଭ ବ୍ୟାଙ୍କ୍‌ର ସଂଶୋଧିତ ନିୟମ ଅନୁସାରେ ବ୍ୟାଙ୍କ୍ ଲକର୍ ଭିତରେ ନଗଦ ଟଙ୍କା, ମାରଣାସ୍ତ୍ର, ବିସ୍ଫୋରକ ସାମଗ୍ରୀ ଓ ନିଶାଦ୍ରବ୍ୟ ଆଦି ରଖିବା ନିଷେଧ।

# ସବୁଜିମା ପାଇଁ ବ୍ୟାଙ୍କ୍‌ଜମା

ପରିବେଶର ସୁରକ୍ଷା ଆମ ସମୟର ସବୁଠାରୁ ବଡ଼ ଆହ୍ୱାନ। କିନ୍ତୁ କାର୍ଯ୍ୟକ୍ଷେତ୍ରର ଚାପ ଓ ନିରନ୍ତର ଧାଁ ଦଉଡ଼ ଜୀବନରେ ଏ ସବୁ କରିବା ପାଇଁ ସମୟ ବା ସୁଯୋଗ କାହିଁ? ଏବେ କିନ୍ତୁ ଆସିଯାଇଛି ଏକ ସୁନ୍ଦର ସୁଯୋଗ। ନିକଟସ୍ଥ ବ୍ୟାଙ୍କ୍‌ରେ ସବୁଜ ଜମାଖାତାଟିଏ ଖୋଲି ଯେ କେହି ନିଜକୁ ସାମିଲ କରିପାରିବେ ପରିବେଶ ସୁରକ୍ଷା ପାଇଁ ହାତକୁ ନିଆଯାଉଥିବା ପ୍ରକଳ୍ପଗୁଡ଼ିକରେ। ଗତବର୍ଷ ଏପ୍ରିଲ ୧୧ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସବୁଜ ଜମା ଯୋଜନାର ବିସ୍ତୃତ ରୂପରେଖ ଜାରି କରିଛନ୍ତି।

ମନରେ ପ୍ରଶ୍ନ ଉଠେ କ'ଣ ଏ ସବୁଜ ଜମା? ଏଥିପାଇଁ କ'ଣ ଗଛ ଲଗାଇବାକୁ ପଡ଼ିବ ନା ଆଉ କିଛି? ପ୍ରକୃତରେ ଏଥିପାଇଁ କିଛି ବି ଅଧିକ କରିବାକୁ ପଡ଼େନାହିଁ। ବ୍ୟାଙ୍କ୍‌ରେ ମିଆଦି ଜମା ବା ଫିକ୍ସଡ୍ ଡିପୋଜିଟ ଖାତାଟିଏ ଖୋଲିବା ପାଇଁ ଯାହା ଦରକାର, କେବଳ ସେତିକି ହିଁ କରିବାକୁ ପଡ଼େ। ଏହା ଏକ ମିଆଦି ଜମା ଯୋଜନା। ଯେତିକି ଅବଧି ପାଇଁ ଗ୍ରାହକ ଏହି ସବୁଜ ଜମା ରଖିବାକୁ ଚାହାନ୍ତି, ସେହି ହିସାବରେ ସୁଧର ହାର ସ୍ଥିର ହୋଇଥାଏ। ଏହା ପ୍ରାୟ ସାଧାରଣ ମିଆଦି ଜମାର ସୁଧହାର ସହ ସମାନ ବା ପାଖାପାଖି। ଏଥିରେ ସୁଧର ପୁନର୍ନିବେଶର ସୁବିଧା ଅଛି। ସୁଧ ପୁନର୍ନିବେଶ କରିବାକୁ ଚାହୁଁ ନ ଥିଲେ, ମାସିକ ବା ତ୍ରୈମାସିକ, ଗ୍ରାହକ ଯେଉଁ ବ୍ୟବଧାନରେ ସୁଧ ନେବାକୁ ଚାହାନ୍ତି ସେପରି ନେଇପାରିବେ।



ବ୍ୟାଙ୍କ୍‌ସବୁ ଏହି ସବୁଜ ଜମାଖାତା ମାଧମରେ ସଂଗୃହୀତ ଟଙ୍କାର ଅଲଗା ହିସାବ ରଖିବାକୁ ବାଧ। ସେମାନେ ଏହି ଟଙ୍କାକୁ ଯେକୌଣସି ଋଣ ପ୍ରଦାନ ପାଇଁ ବ୍ୟବହାର କରିପାରିବେ ନାହିଁ। ଏହାକୁ କେବଳ ପରିବେଶ ସୁରକ୍ଷା ପ୍ରକଳ୍ପଗୁଡ଼ିକରେ ହିଁ ବିନିଯୋଗ କରାଯିବ। ପ୍ରଦୂଷଣ ନିୟନ୍ତ୍ରଣ, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଯାନ, ବର୍ଜ୍ୟବସ୍ତୁ ପରିଚାଳନା, ବୃଷ୍ଟିଜଳ ଅମଳ, ସବୁଜ ନିର୍ମାଣ ଭଳି ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକରେ ଏହି ଅର୍ଥ ବିନିଯୋଗ କରାଯାଇପାରିବ। ସଂପୃକ୍ତ ବ୍ୟାଙ୍କ୍ ଏଭଳି ଜମା ମାଧମରେ ସଂଗୃହୀତ ରାଶି ଓ ଏହାର ବିନିଯୋଗ ତଥ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପ୍ରଦାନ କରିବେ। ଆବଶ୍ୟକ ସ୍ଥଳେ ଜମାକାରୀ ଏହି ଜମାକୁ ବନ୍ଧକ ରଖି ଋଣ ନେବା ବା ମିଆଦ ପୂରଣ ପୂର୍ବରୁ ଟଙ୍କା ଉଠାଇ ପାରିବାର ସୁବିଧା ମଧ ଉପଲବ୍ଧ। ବୈଦେଶିକ ମୁଦ୍ରାରେ ସବୁଜ ଜମାଖାତା ଖୋଲିବାର ବ୍ୟବସ୍ଥା ନାହିଁ। ଏବେ ସବୁଜ ଜମା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି। ଜମାଟଙ୍କାର ସୁରକ୍ଷା ସହିତ ପରିବେଶ ସୁରକ୍ଷାର ଏହି ଅଭିନବ ଯୁଗଳବନ୍ଦୀ ଏବେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ।

# ଜୁସ୍ ଜ୍ୟାକିଂରୁ ବର୍ତ୍ତିବେ କେମିତି?



ଆଜିକାଲି ଉପଭୋକ୍ତାମାନଙ୍କ ସୁବିଧା ପାଇଁ ବିଭିନ୍ନ ହୋଟେଲ୍, କାଫେ, ବିମାନବନ୍ଦର, ରେଳ ଷ୍ଟେସନ, ସିନେମା ହଲ୍, ମଲ୍ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନମାନଙ୍କରେ ଲାପ୍‌ଟପ୍ କି ମୋବାଇଲ୍ ଫୋନ୍ ଚାର୍ଜିଂ କରିବା ଲାଗି ସଂଖ୍ୟାଧିକ ଚାର୍ଜିଂ ପୋର୍ଟ ଉପଲବ୍ଧ କରାଯାଉଛି। ତେବେ ସେଭଳି ସାର୍ବଜନୀନ ସ୍ଥଳରେ ଚାର୍ଜିଂ କଲାବେଳେ ଆମ ଅଜାଣତରେ ଆମ ଫୋନ୍ କି ଲାପ୍‌ଟପ୍‌ରେ ରହିଥିବା ଗୋପନୀୟ ବ୍ୟାଙ୍କ ପାସ୍‌ୱାର୍ଡ, କ୍ରେଡିଟ୍ କାର୍ଡ ସୂଚନା ଓ ଠିକଣା ପରି ବ୍ୟକ୍ତିଗତ ତଥ୍ୟଗୁଡ଼ିକ ହଡ଼ପ ହୋଇଯିବାର ଆଶଙ୍କା ରହିଛି। ସାଇବର ଠକମାନେ ସେଥିରେ କୌଣସି ମାଲୱେର୍ ଖଞ୍ଜି ଏଭଳି ତଥ୍ୟ ହଡ଼ପ କରିବାରେ ସକ୍ଷମ ହେଉଛନ୍ତି। ଏ ପ୍ରକାର ସାଇବର ଆକ୍ରମଣକୁ 'ଜୁସ୍ ଜ୍ୟାକିଂ' କୁହାଯାଏ। କିଭଳି ଆମେ ଏହାର ଶିକାର ହେଉ ସେ ସମ୍ପର୍କରେ ଜାଣିବା ଏବଂ ସେଥିରୁ ବର୍ତ୍ତିବା ଉପାୟ ଆଲୋଚନା କରିବା। ଏଭଳି ତଥ୍ୟ ଚୋରି ଆକ୍ରମଣକୁ ଠଉରେଇବା ଖୁବ୍ କଠିନ। ଯଦି କୌଣସି ଫୋନ୍ ଏହାର ଶିକାର ହୋଇଥାଏ, ତେବେ ସେଥିରେ ସନ୍ଦିଗ୍ଧପୂର୍ଣ୍ଣ ସଂକେତ ଦେଖାଯାଇଥାଏ। ହଠାତ୍ ଫୋନ୍‌ର କାର୍ଯ୍ୟଦକ୍ଷତା ଧିମା ହୋଇଯିବା, ଅସ୍ୱାଭାବିକ ଭାବେ ଫୋନ୍‌ଟି ଗରମ ହୋଇଯିବା କି ଫୋନ୍‌ରେ ବୁଝିନହେଲା ପରି ବାର୍ତ୍ତା ଦେଖାଯିବା ଆଦି ଏହାର ଲକ୍ଷଣ। ତେଣୁ ଏଭଳି ଠକାମିରୁ ମୁକ୍ତ ରହିବାର ଶ୍ରେଷ୍ଠ ଉପାୟ ହେଉଛି ସେଭଳି ସର୍ବସାଧାରଣ ସ୍ଥାନରେ ଫୋନ୍ ଚାର୍ଜ ନ କରିବା। ତାହା ପରିବର୍ତ୍ତେ ସାଙ୍ଗରେ ପାୱାର ବ୍ୟାଙ୍କ ନେଇ ଯିବା ଅଥବା ନିଜର ଚାର୍ଜର ମାଧମରେ ଚାର୍ଜିଂ କରିବା ଶ୍ରେୟସ୍କର। ଅପରପକ୍ଷେ, ୟୁଏସ୍‌ବି ଡାଟା ବ୍ଲକର୍ ବ୍ୟବହାର କରି ମଧ ଜୁସ୍ ଜ୍ୟାକିଂକୁ ରୋକିହେବ।

# ସରକଣା ଫୋଡା ପାଟୁଆ ପଡ଼ିଆରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ବାଲିପାଟଣା,୨୧।୪(ସଂଚାର ବ୍ୟୁରୋ):** ଓଡ଼ିଶା ପ୍ରସିଦ୍ଧ ସରକଣା ଫୋଡା ପାଟୁଆ ପଡ଼ିଆରେ ଆଜି ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ବାଲିଅନ୍ତା-ଧଉଳି-ପାହାଳ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଫୋଡାପାଟୁଆ ଦିନ ଏହି ପଡ଼ିଆରେ ମନୋହାରୀ ଦୋକାନ ସାଙ୍ଗକୁ ବିଭିନ୍ନ ଖାଦ୍ୟପେୟ ଦୋକାନ ପଡ଼ିଥିଲା। ଏହା ଶେଷହେବା ପରେ ଏଠାରେ ଉକ୍ତ ଦୋକାନୀ ମାନଙ୍କ ବର୍ଜ୍ୟବସ୍ତୁ ପଡ଼ି ପରିବେଶକୁ ଦୂଷିତ କରୁଥିଲା। ଏହାକୁ ହୃଦୟଙ୍ଗମ କରି କାର୍ଯ୍ୟରତ ସାମ୍ବାଦିକ ମାନେ ଆଜି ସକାଳ ସାଢେ ୬ ଟାରେ ସଫେଇ କାମରେ ଲାଗିଥିଲେ। ହାତରେ ଝାଡୁ, ଅଖା ଧରି ପଡ଼ିଆ ଚାରିପାଖ ସଫାସୁତରା କରିଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସମିତିସଭ୍ୟ ନାରାୟଣ ସାହୁ, ପୂରଣପଧାନ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ତଥା ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବ ସ୍ୱେଚ୍ଛାସେବୀ ଲଲାଟେନ୍ଦୁ ଦୀକ୍ଷିତ, ସାମ୍ବାଦିକ ସୂର୍ଯ୍ୟକାନ୍ତ ଭୋଳ, ପୀତବାଶ ଦାଶ, ପ୍ରଭାତେଂଶୁ ସାମନ୍ତରାୟ, ଜିତେନ୍ଦ୍ର ବେଉରା, ଗୋବର୍ଦ୍ଧନ ଦାସ, ବାସୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକଙ୍କ ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଭୁୟସୀ ପ୍ରଶଂସା କରିଥିଲେ ।

## ଦୀର୍ଘ ଦୁଇମାସ ହେଲା ଶୁଖିଲାଣି କୁଅଁ

# ପାଣି ପାଇଁ ହନ୍ତସନ୍ତ ଗାଁ ଲୋକେ

**କନ୍ଧମାଳ,୨୧।୪ (ସଂଚାର ବ୍ୟୁରୋ):** ଲୋକେ ଯେପରି ପିଇବା ପାଣି ପାଇପାରିବେ ସେଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ ଫିରିଙ୍ଗିଆ ବ୍ଲକ୍ ଅଧୀନସ୍ଥ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ରାଜେନିପ୍ପିଆ ଗ୍ରାମର ମଧ୍ୟଭାଗରେ ଥିବା ଜିବନ ଧାରା କୁଆଁ ଦୁଇମାସ ହେଲା କୁଅଁର ପାଣି ଶୁଖି ଥିବାର ଦେଖିବାକୁ ମିଳିଛି।ଶାଶିପଦର ରାଜେନିପ୍ପିଆ କୁଆଁ ଉପରେ ନିର୍ଭର କରୁଥିବା ପରିବାର ପାଣି ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି କାରଣ ଦୀର୍ଘ ଦୁଇମାସ ହେଲା କୁଅଁର ପାଣି ଶୁଖି ଯାଇଥିବାର ଦେଖିବାକୁ ମିଳିଛି। ପ୍ରତିଦିନ ଏହି ଗାଁ ର ଲୋକେ ପାଣି ପାଇଁ ଅନେକ ଦୁଧକୁ ଯିବାକୁ ପଡୁଛି। ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ। ରାଜେନିପ୍ପିଆ ଗ୍ରାମର ଲୋକଙ୍କ ପାଣି ସମସ୍ୟା କୁ ଦୃଷ୍ଟିରେ ରଖି ଉକ୍ତ ରାଜେନିପ୍ପିଆ ଗାଁରେ ଏକ ନୁତନ ନଳକୂପ ନିର୍ମାଣ କରିବାପାଇଁ ଗ୍ରାମ ବାସି ଦାବି କରିଛନ୍ତି।ଲୋକଙ୍କ ପାଣି ସମସ୍ୟା କୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ବ୍ଲକ୍ ର ପଞ୍ଚାୟତରାଜ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି ଓ ଫୁଲବାଣୀ ଆର.ଡବ୍ଲୁ.ଏସ୍.ଏସ୍ ବିଭାଗ କୁ ଟୁଇଟ ମାଧ୍ୟମରେ ଅଭିଯୋଗ କଲେ ଦୃଷ୍ଟି ଦିଆଯିବ ବୋଲି ଉତ୍ତର ଆସୁଛି ହେଲେ ରାଜେନିପ୍ପିଆ ଗାଁରେ ଗୋଟିଏ ବି ନାହିଁ ନଳକୂପ ନଥିବାରୁ ପାଣି ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହେଇ ପାରୁନାହିଁ ଯାହା ଫଳରେ ଲୋକ ମାନେ ପିଇବା ପାଣି ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ଲୋକଙ୍କ ଦାବି ହେଉଛି।



# ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ

**ନୀଳଗିରି,୨୧।୪(ସଂଚାର ବ୍ୟୁରୋ):** ନୀଳଗିରି ଏନଏସି ପଣ୍ଡା ଅଫିସ ନିକଟସ୍ଥ ନୂତନ କଲ୍ୟାଣମଣ୍ଡପରେ ସ୍ଥାନୀୟ ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ନୀଳଗିରି ନିର୍ବାଚନ ମଣ୍ଡଳୀର ମୋଟ ୫୧୭ ଜଣ ସକ୍ରିୟ ସଦସ୍ୟ ଏହି ସମ୍ମିଳନୀରେ ଯୋଗଦେଇଥିବା ବେଳେ କିପରି ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡିକ ପ୍ରତି ଗାଁରେ ଏବଂ ପ୍ରତ୍ୟକ ହିତାଧିକାରୀ ପାଇପାରିବେ ସେ ବାବଦରେ ଆଲୋଚନା କରାଯାଇଥିଲା।ଏହି ସମ୍ମିଳନୀରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ,ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା,ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା,୧ ନଂ ଜିଲ୍ଲା ପରିଷଦ ମୁନୀ ସିଂ,୨ନଂ ଜିଲ୍ଲା ପରିଷଦ ଉଷାରାଣୀ ରାଉଳ,୧୨ ନଂ ଜୋନ ଜିଲ୍ଲାପରିଷଦ ରଞ୍ଜିତା ସିଂ,ଔପଦା ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର,ନୀଳଗିରି ବ୍ଲକ ଉପାଧ୍ୟକ୍ଷ ଜ୍ୟୋର୍ତିମୟ ପୁଥାଳ,ନୀଳଗିରି ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା,ବାହାନଗା ଚେୟାରମ୍ୟାନ ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ରହି ରାଜ୍ୟସରକାରଙ୍କ ୧୦ ମାସରେ ହୋଇଥିବା ଉପଲବ୍ଧି ଓ ଯୋଜନା ଗୁଡିକ ଉପରେ ଆଲୋଚନା କରିବା ସହ କିପରି ଗାଁ ଗାଁ ଯାଇ ଲୋକମାନଙ୍କୁ ସହାୟତା କରିବେ ସେ ବାବଦରେ ସଦସ୍ୟ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ବଳରାମ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ଗର୍ଭବତୀ ଝିଅକୁ ହତ୍ୟା କରି ବାପା ମା'ଙ୍କୁ ଆଜୀବନ କାରାଦଣ୍ଡ

# ନାବାଳିକାକୁ ଗର୍ଭବତୀ ସଜାଇଥିଲା କିଏ ?



**ବିଞ୍ଝାରପୁର,୨୧।୪(ସଂଚାର ବ୍ୟୁରୋ):** ବିଞ୍ଝାରପୁରର ଏକ ଅନର କିଲିଂ ମାମଲା ରେ ବାପା ମାଙ୍କୁ ଆଜୀବନ ସଜା। ଗର୍ଭବତୀ ନାବାଳିକା ଝିଅକୁ ମାରି ପୋଡି ଦେବା ଘଟଣାରେ ଏଭଳି ଦଣ୍ଡାଦେଶ ଦେଇଛନ୍ତି ଯାଜପୁର ଆଡହକ ଫାଷ୍ଟଟ୍ରାକ କୋର୍ଟ ଟୁ। ତେବେ ଗର୍ଭବତୀ ନାବାଳିକା ଝିଅକୁ ପୋଡ଼ି ମାରିଦେବା ପାଇଁ ବାପା ମାଙ୍କୁ ଆଜୀବନ ସଜ୍ଜା ହୋଇଥିବା ବେଳେ ନାବାଳିକାକୁ କିଏ ଗର୍ଭବତୀ ସଜାଇଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ମାମଲା ଅନୁଯାୟୀ ଯାଜପୁର ବିଞ୍ଝାରପୁର ଥାନା ଅଞ୍ଚଳରେ ଗତ ୨୦୧୬ ଫେବ୍ରୁଆରୀ ୧୪ ତାରିଖରେ ନିଜ ୧୫ ବର୍ଷୀୟ ନାବାଳିକା ଗର୍ଭବତୀ ଝିଅକୁ ନକୁଳ ଜେନା ଏବଂ ତାଙ୍କ ସ୍ତ୍ରୀ ସଞ୍ଜୁ ଜେନା ପ୍ରବଳ ମାଡ ମାରିଥିଲେ।ଏହି ସମୟରେ ତାଙ୍କ ଘର ଦେଇ ଯାଉଥିବା ସେହି ଗାଁର ଜଣେ ମହିଳା ମାତାଜୀ ଜେନା ଝିଅର ଚିତ୍କାର ଶୁଣିବାକୁ ପାଇଥିଲେ।କିନ୍ତୁ ସେ ଫେରିବା ସମୟରେ ଆଉ କୌଣସି ସୋର ଶବ୍ଦ ପାଇନଥିଲେ।ପରେ ନକୁଳ ଏବଂ ସଞ୍ଜୁ ନିଜ ଗର୍ଭବତୀ ନାବାଳିକା ଝିଅକୁ ଘର ପଛପଟେ ପୋଡ଼ି ପାଉଁଶକୁ ଖରସ୍ରୋତା ନଦୀରେ ଭସାଇ ଦେଇଥିଲେ। ତହିଁ ପରଦିନ ସନ୍ଦେହ ପ୍ରକାଶ କରି ମାତାଜୀ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଞ୍ଝାରପୁର ପୋଲିସ ୩୬/୨୦୧୬ରେ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିବା ପରେ ନାବାଳିକା ଝିଅ ତିନି ମାସର ଗର୍ଭବତୀ ଥିବା ଜାଣି ଝିଅ କୁ ବାପା, ମା ହତ୍ୟା କରିବା ସହିତ ପ୍ରମାଣ ନଷ୍ଟ ପାଇଁ ପାଉଁଶକୁ ନଦୀରେ ଫୋପାଡିଥିବା ଜଣାପଡ଼ିଥିଲା।ପରେ ବାପା ମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ୍। ଏହି ଘଟଣାରେ ବାପା ମାଙ୍କୁ ଆଜୀବନ ସଜ୍ଜା ଦଣ୍ଡାଦେଶ ଦେଇଛନ୍ତି ଯାଜପୁର ଆଡହକ ଫାଷ୍ଟଟ୍ରାକ କୋର୍ଟ ଟୁ।ତେବେ ଆଶ୍ଚର୍ଯ୍ୟ ର କଥା ଏହିକି ଉକ୍ତ ୧୫ ବର୍ଷୀୟ ନାବାଳିକା ଝିଅକୁ ଗର୍ଭବତୀ କିଏ ସଜାଇଥିଲା ତାହା ଏବେବି ଅସ୍ପଷ୍ଟ ରହିଛି।ଝିଅ ଗର୍ଭବତୀ ଥିବାରୁ ତାର ହତ୍ୟା ହୋଇଥିବା ବେଳେ ଗର୍ଭବତୀ କରିଥିବା ଅଭିଯୁକ୍ତ ଜଣଙ୍କ କିଏ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଏତେ ବର୍ଷ ବିତିଯାଇଥିଲେ ସୁଦ୍ଧା ଗର୍ଭବତୀ କରାଇଥିବା ଅଭିଯୁକ୍ତ କାହିଁକି ଚିହ୍ନଟ ହୋଇପାରିନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ତେବେ ଉକ୍ତ ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ କେବେ ଆଉ କଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

# ବଡ଼ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ




**ସୁନ୍ଦରଗଡ଼,୨୧।୪(ସଂଚାର ବ୍ୟୁରୋ):** ସୋମବାର ଜିଲ୍ଲା ପ୍ରଶାସନ ଦ୍ୱାରା ବଡ଼ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଉପସ୍ଥିତ ରହି ଜନସାଧାରଣଙ୍କ ର ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୫୫ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩୩ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

# କେନ୍ଦୁଝର ସଂକୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ



**କେନ୍ଦୁଝର,୨୧।୪(ସଂଚାର ବ୍ୟୁରୋ):** ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟଶାଳାରେ କେନ୍ଦୁଝର ସଂକୁଳର ୧୦ଟି ବିଦ୍ୟାଳୟରୁ ମୋଟ ୧୫୮ ଜଣ ଆଚାର୍ଯ୍ୟଆଚାର୍ଯ୍ୟା ଯୋଗଦେଇଛନ୍ତି। ଉକ୍ତ ସଭାକୁ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାକ୍ତନ ଜିଲ୍ଲା ସଂଘଚାଳକ କୈଳାଶ ଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବରେ ବିଭାଗ ପ୍ରଚାରକ ତପନ କୁମାର ନାୟକ, ସଂକୁଳ ପ୍ରମୁଖ ଚିତ୍ତରଞ୍ଜନ ପଟ୍ଟନାୟକ, ଏ.ଟି.ଏଲ୍. ପ୍ରାନ୍ତ ସଂଯୋଜକ ସୁବ୍ରତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସାହୁ ଯୋଗଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଓ ସହସମ୍ପାଦକ ଦୀପକ କୁମାର ମହାକୁଳ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଶିଶୁବାଟିକା ପ୍ରଥମ ଦ୍ୱିତୀୟ ମୌଳିକ ସ୍ତର, ୩ୟ ରୁ ୫ମ ଶ୍ରେଣୀ ପ୍ରସ୍ତୁତି ସ୍ତର ଓ ୬ଷ୍ଠ ରୁ ୮ମ ଶ୍ରେଣୀ ମଧ୍ୟସ୍ତର ଭାବରେ ୪ଟି ବିଭାଗରେ କାଳାଂଶ ଅନୁଷ୍ଠିତ ହେବ। ନୂତନ ଜାତୀୟ ଶିକ୍ଷାନୀତିକୁ ଆଧାର କରି ପ୍ରତ୍ୟେକ କାଳାଂଶ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟଶାଳା ତିନିଦିନ ଧରି ଅନୁଷ୍ଠିତ ହେବ।

# ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସ ପାଳନ

**ବେତନଟୀ,୨୧।୪ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସରେ ବେତନଟୀର ବିଭିନ୍ନ ସ୍ଥାନରେ ସ୍ଥାପିତ ମହାପୁରୁଷ ବା ନାମୀଦାମୀ ବ୍ୟକ୍ତିବିଶେଷଙ୍କ ପ୍ରତିମୂର୍ତ୍ତିକୁ ଧୋଇବା ସହ ସେମାନଙ୍କ ଗଳାରେ ପୁଷ୍ପମାଲ୍ୟ ଏବଂ ଧୂପଦୀପଦାନ ଆଦି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର ଓ ଅରୁଣ କୁମାର ଓତାଙ୍କ ନେତୃତ୍ୱରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ସଦସ୍ୟାଗଣ ପ୍ରାତଃକାଳରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ସିଭିଲ ସୋସାଇଟି, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପଦ୍ମମାଳୀ ମହିଳା ସଂଗଠନ, ମୟୁର ସାହିତ୍ୟ ସଂସଦ, ଏମ: ପି.ସି. ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଅନ୍ୟତମ। ଏକ ବଜାର ପରିକ୍ରମାରେ ଯାଇ ଚଣ୍ଡୀ ଛକସ୍ଥ ମଧୁସୂଦନ ଦାସ, ହାଟଛକରେ ସୁଭାଷ ଚନ୍ଦ୍ର ବୋଷ, ଡାକ୍ତରଖାନା ପରିସରରେ ମହାତ୍ମା ଗାନ୍ଧି ଓ ଶାସ୍ତ୍ରୀଜୀ, ବଂଗଳା ଛକରେ ପ୍ରସନ୍ନ କୁମାର ଦାଶ, ବାହାନଡା ଛକରେ ଗୋପବନ୍ଧୁ ଦାସ, ଉଚ୍ଚ ବିଦ୍ୟାଳୟ ପରିସରରେ ଶରତ ଚନ୍ଦ୍ର ଦାସ ଆଦିଙ୍କ ପ୍ରତିମୂର୍ତ୍ତି ଧୋଇବା ସହ ପୂଜାର୍ଚ୍ଚନା କରାଯାଇଥିଲା।




# ବଜ୍ରପାତରେ ୫ଗୋରୁଙ୍କ ମୃତ

**ଫୁଲବାଣୀ,୨୧।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲିରେ କାଳ ବୈଶାଖୀର ବ୍ୟାପକ କ୍ଷୟ କ୍ଷତି ଘଟିବା ସହ ବଜ୍ରପାତରେ ୫ ଗାଈ ବଳଦଙ୍କ ମୃତ୍ୟୁ ଘଟିଛି।



ଏକଘଣ୍ଟା ପ୍ରୋର୍ଯ୍ୟନ୍ତ ପବନ, ବର୍ଷା କୁଆ ପଥର ସହିତ ଘଡଘଡି ଲାଗି ରହିଥିଲା। ବଜ୍ରପାତରେ ଗାଈ ସହିତ ୪ ବଳଦ ମୃତ। ଏଭଳି ଘଟଣା ଘଟିଛି ଟିକାବାଲି ଥାନା ନିକଟସ୍ଥ ଚକାପାଦ ବ୍ଲକ୍ ବପଲମେଣ୍ଡୀ (ବି) ବାହାଡା ସାହି ପଞ୍ଚାୟତ ଅର୍ନ୍ତଗତ ଗୁମାଗଡ଼ ଗ୍ରାମରେ। ବଜ୍ରପାତରେ ଗୁମାଗଡ଼ ଗ୍ରାମର ପ୍ରଶାନ୍ତ କହଁରଙ୍କ ଦୁଇଟି ବଳଦ, ରଙ୍ଗନାଥ କହଁରଙ୍କ ଗୋଟିଏ ଗାଈ ଓ ଗୋଟେ ବଳଦ, ଅସ୍ତିନ କହଁରଙ୍କ ଗୋଟିଏ ବଳଦଙ୍କ ରାସ୍ତାକଡ ଆମ୍ବଗଛ ମୂଳରେ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ଆଜିର କାଳ ବୈଶାଖୀରେ ପବନର ବେଗ ଏତେ ପ୍ରଚଣ୍ଡ ଥିଲା ଯେ ଟିକାବାଲି, ତେଙ୍ଗେଡାପଥର, ବ୍ରେକା ପ୍ରଭୃତି ବିଭିନ୍ନ ସ୍ଥାନରେ ଘରର ଛପର ଉଡିବା ସହିତ ରାସ୍ତାରେ ଆମ୍ବଗଛ, ଚାକୁଣ୍ଡ, ବରଗଛ, ପଣସ ଗଛ ସହ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି ଓ ରାସ୍ତା ମଝିରେ ଏସବୁ ପଡ଼ିଥିବାରୁ ଯାନ ବାହାନ ଯାତାୟତ ଏବଂ ବିଦ୍ୟୁତ ବାଧାପ୍ରାପ୍ତ ହେଉଥିଲା ଓ ଘଟଣାସ୍ଥଳରେ ପୋଲିସ୍ ଓ ଅଗ୍ନିଶମ କର୍ମଚାରୀ ଏବଂ ବିଦ୍ୟୁତ କର୍ମଚାରୀ ପହଞ୍ଚି ଗଛ ଗୁଡିକୁ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଘଟଣାସ୍ଥଳରେ ଆର୍ ଆଇ ଅନିତା କୁମାରୀ ପ୍ରଧାନ ଏବଂ ଏଲ୍ ଆଇ ଶୁଭଶ୍ରୀ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ପଞ୍ଚାୟତରେ ଜଳଛତ୍ର ପାଲଟିଛି ପ୍ରହସନ !

**ଯାଜପୁର ରୋଡ଼, ୨୧।୪(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ କରି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ତରୀୟ ଜଳଛତ୍ର ଖୋଲା ଯାଇଛି କିନ୍ତୁ ଦୁଃଖର ବିଷୟ, କୌଣସି ଜାଗାରେ ଏହା ସଠିକ୍ ଭାବରେ ଚାଲୁଥିବା ପରିଲକ୍ଷିତ ହେଉନାହିଁ। କୋରେଇ ବ୍ଲକ ଅନ୍ତର୍ଗତ ୨୮ ଗୋଟି ଗ୍ରାମ ପଂଚାୟତର ଅନେକ ଛକ ବଜାର ଭଳି ପ୍ରମୁଖ ସ୍ଥାନରେ ପଣା ସଂକ୍ରାନ୍ତି ଦିନ ଜଳ ଛତ୍ର ଖୋଲା ଯାଇଛି। କିନ୍ତୁ କେବଳ ଏକ ଦୁଇ ହାତିଆ ବ୍ୟାନରରେ ଜଳ ଛତ୍ର ଲେଖାରେ ସୀମିତ ହୋଇ ରହିଛି ଜଳ ଛତ୍ର। ଖାଲି ଫଟୋ ଉଠାଇ ଗୋଟିଏ ଦିନ ଜଳ ଛତ୍ର କରି ମାସକର ପଇସା ହଡପ କରୁଥିବା ନେଇ ଚର୍ଚ୍ଚା ହେଉଛି । ଧାର୍ମିକ ମାସ ଭାବରେ ବୈଶାଖ ମାସରେ ଅନେକ ଲୋକ ଜଳ ଦାନ କରି ପୂଣ୍ୟ ଅର୍ଜନ କରୁଥିବା ବେଳେ ଜଳ ଛତ୍ର ପାଇଁ ପ୍ରତ୍ୟେକ ପଂଚାୟତକୁ ଆସୁଥିବା ଟଙ୍କାର ସରକାରୀ ଅର୍ଥକୁ କିଛି ଅସାଧୁ ପଂଚାୟତ ଅଧିକାରୀ ଓ ସରପଂଚ ମିଳିମିଶି ହଡ଼ପ କରୁଥିବା ଆଲୋଚନା ହେଉଛି।ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ତୃଣମୂଳ ସ୍ତରରେ ସଫଳ ହେଉନଥିବା ଦେଖିବାକୁ ମିଳୁଛି।ସରକାରଙ୍କର ଏହି ମହତ୍ କାର୍ଯ୍ୟକୁ ସଫଳ କରିବା ପାଇଁ ଯେଉଁ ସରକାରୀ ବାବୁ ମାନେ ଏହାର ଦାୟିତ୍ୱରେ ରହି ନିଜ କର୍ତବ୍ୟରେ ଅବହେଳା କରି ସରକାରୀ ଅର୍ଥକୁ ଲୁଟରେ ସହଯୋଗ କରୁଥିବା ଶୁଣିବାକୁ ମିଳୁଛି।

# ଅସହ୍ୟ ରୌଦ୍ରତାପ, ଜଳଛତ୍ର ଖୋଲିଲାନି, ଜନ ସାଧାରଣରେ ଅସନ୍ତୋଷ

**କଣାସ,୨୧।୪(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିବାରୁ ଜନ ସାଧାରଣ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗିରହୁଥିବାବେଳେ ରୌଦ୍ରତାପ ସମୟରେ ଏହା ଏପରି ଉଗ୍ରରୂପ ଧାରଣ କରେ ଯେ ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇପଡେ। ପ୍ରତି ବର୍ଷ ଗ୍ରାମପଞ୍ଚାୟତ ପକ୍ଷରୁ ଛକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଏ ଏବଂ ଗାଁ କଲ୍ୟାଣ ସମିତି ପକ୍ଷରୁ ମଧ୍ୟ ଜଳଛତ୍ର ଖୋଲାଯାଇଥାଏ ବର୍ତ୍ତମାନ ଅସହ୍ୟ ରୌଦ୍ରତାପ ହେଉଥିବାବେଳେ କୌଣସି ପଞ୍ଚାୟତରେ ଜଳଛତ୍ର ଏପର୍ଯ୍ୟନ୍ତ ଖୋଲିନାହିଁ। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ ଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ସରପଞ୍ଚମାନଙ୍କୁ ଜଳଛତ୍ର ଖୋଲିବା ପାଇଁ ଚିଠି ଦେଲାଣି ସେମାନେ ଖୋଲୁ ନାହାଁନ୍ତି।

# ସ୍କୁଟି ଧକ୍କାରେ ଚାଲିଗଲା ସାଇକେଲ ଚାଳକଙ୍କ ଜୀବନ

**ବଡ଼ଗାଁ,୨୧।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ନିକଟ ଲାଲମାଟିଆ ଗାଁ ରାସ୍ତାରେ ସ୍କୁଟି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏକମା ମହାକୁଲ ପଡ଼ାର ବିଷ୍ଣୁ ପୋଡ଼ (୫୫)। ଏନେଇ ବଡ଼ଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ମୁତବକ, ବିଷ୍ଣୁ ସାଇକେଲ ଯୋଗେ ଲାଲମାଟିଆ ଯାଉଥିଲେ। ଏହି ସମୟରେ ତାଙ୍କ ସାଇକେଲ ଖରାପ ହୋଇଯାଇଥିଲା। ସେ ସାଇକେଲରୁ ଓହ୍ଲାଇ ସଜାଡୁଥିବା ବେଳେ ପଛରୁ ଆସୁଥିବା ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍କୁଟି ଚାଳକ ଫେରାର ହୋଇଯାଇଛନ୍ତି।

# ସ୍ୱାସ୍ଥ୍ୟସେବା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାନୀୟ ଜଳସେବା କେନ୍ଦ୍ର ଉଦ୍‌ଘାଟିତ

**ବାଲେଶ୍ୱର,୨୧।୪ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟସେବା ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ବାଲେଶ୍ୱର ସ୍ୱାସ୍ଥ୍ୟସେବା ଚ୍ୟାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସୋମବାର ଦିନ ପୂର୍ବାହ୍ନରେ ପ୍ରତିବର୍ଷ ଭଳି ଚଳିତବର୍ଷ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରବେଶ ଫାଟକ ନିକଟରେ ଏହି ପାନୀୟଜଳ ବିତରଣ କେନ୍ଦ୍ରକୁ ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଆଚାର୍ଯ୍ୟ ଶୁଭ ଉଦ୍‌ଘାଟନ କରିଥିଲେ। ହସ୍‌ପିଟାଲ୍ ମ୍ୟାନେଜର ମୀରା ଘଡ଼ାଇଙ୍କ ସମେତ ଟ୍ରଷ୍ଟର ସଭାନେତ୍ରୀ ଡା. ମୀରା ପତି, ସମ୍ପାଦକ ପ୍ରଫେସର ଅନନ୍ତ ପ୍ରଧାନ, କୋଷାଧ୍ୟକ୍ଷ ଡ. ଉପେନ୍ଦ୍ରନାଥ ପାତ୍ର ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଇଂ. ହୃଷିକେଶ ସାହୁ, ଭାସ୍କର ଚନ୍ଦ୍ର ବାରିକ, ରତ୍ନାକର ଦାସ, ରବିକୁମାର ପାଣିଗ୍ରାହୀ, କଳ୍ପନାରାଣୀ ମହାନ୍ତି ଓ କେଶବ କୁମାର ଦେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଗ୍ରୀଷ୍ମଦିନେ ବହିର୍ବିଭାଗରେ ଚିକିତ୍ସା ପାଇଁ ଆସୁଥିବା ଶହଶହ ରୋଗୀ ଓ ସେମାନଙ୍କ ସହାୟକମାନଙ୍କୁ ସୁଶୀତଳ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇମାସ ପର୍ଯ୍ୟନ୍ତ ଚାଲୁରହିବ।



# ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷଣ ପକ୍ଷ ସଚେତନତା ସଭା ଓ ଶୋଭାଯାତ୍ରା



**ସୁବର୍ଣ୍ଣପୁର,୨୧।୪(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପୋଷଣ ପଖୱାଡା ପାଳନ ଅବସର ରେ ଆଜି ମିଶନ ଶକ୍ତି ସଭା ଗୃହ ଠାରେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟ କ୍ରମ କୁ ସୋନପୁର ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ କର ଶୁଭ ଉଦ୍ଘାଟନ କରି ପ୍ରଥମ ୧୦୦୦ ଦିନ ଗୋଟାଏ ଶିଶୁ ପାଇଁ କେତେ ଗୁରୁତ୍ୱ ପୁର୍ଣ୍ଣ ଅଟେ ଏବଂ ଗୋଟାଏ ଶିଶୁ ର ଶାରୀରିକ ମାନସିକ ବିକାଶ ଓ ଏହାର ସଚେତନ ପାଇଁ ଏହି ପକ୍ଷ ପାଳନ ଆହୁରି ଗୁରୁତ୍ୱ ପୂର୍ଣ୍ଣ ଅଟେ ବୋଲି କହିଥିଲେ। ଏବଂ କେତେ ଦିନ ରେ ମାସ ରେ ବର୍ଷ ରେ ଶିଶୁ ର ଓଜନ ଉଚ୍ଚତା କେତେ ହେବା ଉଚିତ ଏ ବିଷୟରେ ଓ ଶିଶୁ ର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଉପରେ କିଭଳି ଯତ୍ନ ବାନ ହେବା ଗାଁ ଗାଁ ରେ ଘରେ ଘରେ ଗର୍ଭବତୀ ମହିଳା ଙ୍କୁ ସଚେତନ କରିବାକୁ ଅଙ୍ଗନୱାଡି କର୍ମୀ ଙ୍କ ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସାଗରିକା ସ୍ୱାଇଁ ସମସ୍ତ ଅଙ୍ଗନୱାଡି କର୍ମୀ ଙ୍କୁ ପରାମର୍ଶ କରିଥିଲେ। ଗତ ୮ ତାରିଖ ରୁ ୨୨ ତାରିଖ ଯାଏ ଏହି ପୋଷଣ ପକ୍ଷ ପାଳନ କରାଯାଇ ବ୍ଲକ ର ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ରେ ପ୍ରସୂତୀ ମହିଳା ମାନଙ୍କୁ ସଚେତନ କରାଯାଇଥିଲା।

# ବେଆଇନ କଳାବଜାରୀର ସର୍ଦ୍ଦାର ସାଜିଛି ସରସ୍ୱତୀ ଟ୍ରାନ୍ସପୋର୍ଟ

**ନର୍ଲା, ୨୧କ୍ସ୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନସ୍ଥ ରୁପ୍ରାରୋଡ ହେଉଛି ନର୍ଲା ଅଞ୍ଚଳର ଜଣାଶୁଣା ବ୍ୟବସାୟୀକ ପେଣ୍ଠସ୍ଥଳୀ। ଏଇଠି ୩୦ ରୁ ଉର୍ଦ୍ଧ୍ୱ ହୋଲସେଲ ଦୋକାନ ରହିଥିବା ବେଳେ ୫୦ ରୁ ଉର୍ଦ୍ଧ୍ୱ ରହିଛି ଖୁଚୁରା ବ୍ୟବସାୟୀଙ୍କ ଦୋକାନ। ବିଭିନ୍ନ ବ୍ରାଣ୍ଡ କମ୍ପାନୀ ମାନଙ୍କ ଅବିକଳ ନକଲ ରହିତ ଲୋଗୋ ପ୍ରସ୍ତୁତ କରି ନକଲି ଦ୍ରବ୍ୟରେ ବ୍ରାଣ୍ଡ ଲେବୁଲ ଲଗେଇ କଳା ବଜାରୀ କରିବାରେ ଦୀର୍ଘ ଦିନରୁ ମାଷ୍ଟର ମାଇଣ୍ଡ ସାଜି ଜିଏସଟି ଫାଙ୍କି କୋଟି କୋଟି ଟଙ୍କାର ମୁନାଫା କମାଉଥିବା ବ୍ୟବସାୟୀଙ୍କ ଗନ୍ତାଘର ସାଜିଛି ରୁପ୍ରାରୋଡ। ଏହାକୁ ଆହୁରି ପାଦେ ଆଗେଇ ନେବାରେ ବେଶ୍ ସହାୟକ ହୋଇଛି ରାୟପୁରର ସରସ୍ୱତୀ ଟ୍ରାନ୍ସପୋର୍ଟ। ପ୍ରତ୍ୟହ ଦୁଇ ଟ୍ରକରୁ ଉର୍ଦ୍ଧ୍ୱ ୫୦ ଲକ୍ଷର ଟଙ୍କାର ଭେଜାଲ୍/ନକଲି ସାମଗ୍ରୀ ଆଣି ରୁପ୍ରାରୋଡର ବ୍ୟବସାୟୀଙ୍କୁ ରିରିମତ ଯୋଗାଇ ଆସୁଛି ଏହି ସରସ୍ୱତୀ ଟ୍ରାନ୍ସପୋର୍ଟ। ଏଠାକାର



କଳା ସାମ୍ରାଜ ବିସ୍ତାର କରିଥିବା, ସରକାରଙ୍କୁ ଟ୍ୟାକ୍ସ ଫାଙ୍କୁଥିବା ବ୍ୟବସାୟୀ ମାନଙ୍କୁ ଛତ୍ର ଛାୟା ଯୋଗାଇ ଆସୁଛନ୍ତି କଳାହାଣ୍ଡି ଜିଏସଟି ଅଫିସର ବୋଲି ଜଣେ କର୍ମଚାରୀ ସୂଚନା ଦେଇଥିବା ବେଳେ ବସ୍ତି ସାରା ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। ପ୍ରତି ସପ୍ତାହରେ ରୁପ୍ରାରୋଡ ବ୍ୟବସାୟୀ ମାନଙ୍କ ନିକଟକୁ ଆସି ଜିଏସଟି ଫାଙ୍କିବାରେ ସହାୟତା କରୁଥିବା ବାବଦକୁ ବେଶ ମୋଟା ଅଙ୍କର ପାଣ୍ଠି ନିଜ ହାତଗୁଞ୍ଜା ନେଇଯାଇଥାନ୍ତି ଏହି ବାବୁ ଜଣକ। ଏହା ଆଜିକାର ଘଟଣା ନୁହଁ ଦୀର୍ଘ ୫ ବର୍ଷ ହେଲା ଚାଲି ଆସୁଛି ଏହି ପ୍ରକ୍ରୀୟା ବୋଲି ଆଲୋଚନା ଚାଲିଛି। ବାବୁ ଜଣକ ଜିଏସଟି ଅଫିସରେ ଆଉ କେଉଁ କର୍ମଚାରୀଙ୍କୁ ପିସି ଅଂଶ ଧନ ଦିଅନ୍ତିକି ନାହିଁ ତାହା ତ ଜଣା ନାହିଁ। ହେଲେ ସମସ୍ତଙ୍କୁ ଭାଗ ଦେଉଥିବା ନାଁ ରେ ବେଶ ମୋଟା ଅଙ୍କ ଖସେଇ ନିଅନ୍ତି ଅସାଧୁ ବ୍ୟବସାୟୀ ମାନଙ୍କ ନିକଟରୁ। ରୁପ୍ରାରୋଡରେ କଳା କାରନାମା ଚଲେଇ ଆସିଥିବା, କିରାନା ଦୋକାନ ନାଁ ରେ ଜିଏସଟି ନମ୍ବର ନେଇଥିବା ୧୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ଦୋକାନରେ କିରାନା ସାମଗ୍ରୀ ବିଲକୁଲ ବି ରଖନ୍ତି ନାହିଁ। ରାୟପୁରରେ ଘରୋଇ ଭାବରେ ପ୍ରସ୍ତୁତ ହେଉଥିବା ନକଲି ଓ ବେନାମୀ କମ୍ପାନୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଚକୋଲେଟ, ବିସ୍କୁଟ, କୁରକୁରେ, ଆଳୁ ଚିପସ, ଚୁରନ ଭଳି ଛୋଟ ପିଲା ମାନଙ୍କ ଆକର୍ଷଣର ଖାଦ୍ୟ ପାଲଟିଥିବା ସାମଗ୍ରୀ ସବୁକୁ ସେମାନଙ୍କ ଦୋକାନରେ ମହଜୁଦ ରଖି ସସ୍ତା ଦରରେ ନର୍ଲା, ଉପାନ୍ତ ଲାଞ୍ଜିଗଡ଼ ବ୍ଲକ, କେସିଙ୍ଗା, ଥୁଆମୂଳ ରାମପୁର, ମଦନପୁର ରାମପୁର, ପଡୋଶୀ ରାୟଗଡ଼ା ଜିଲ୍ଲାର ଅମ୍ବାଦଳା, ରାୟଗଡ଼ା, କନ୍ଧମାଳ ପ୍ରଭୃତି ସ୍ଥାନକୁ ନିଜ ଗାଡିଯୋଗେ ସପ୍ଲାଏ କରି ସରକାରଙ୍କୁ ଜିଏସଟି ଫାଙ୍କି ମାଲାମାଲ ହେଉଥିବା ଜଣାପଡ଼ିଛି। ସରସ୍ୱତୀ ଟ୍ରାନ୍ସପୋର୍ଟର ମାଲିକ ଜଣକ ରୁପ୍ରାରୋଡର ଏହି ଅସାଧୁ ବ୍ୟବସାୟୀ ମାନଙ୍କ ସହିତ ବେଶ୍ ମଧୁ ଚନ୍ଦ୍ରିକାରେ ଲିପ୍ତ। ପ୍ରତ୍ୟହ ସକାଳ ୭.୩୦ ଟାରୁ ରୁ ୮.୩୦ ମଧ୍ୟରେ ଏହି ସରସ୍ୱତୀ ଟ୍ରାନ୍ସପୋର୍ଟର ଦୁଇଗୋଟି ଟ୍ରକ ସାମଗ୍ରୀ ନେଇ ଆସି ରୁପ୍ରାରୋଡ ରେଳ ଷ୍ଟେସନ ଷ୍ଟାଫ କ୍ୱାର୍ଟର୍ସ ପାର୍ଶ୍ୱସ୍ଥ ଜନୈକ ବ୍ୟକ୍ତିଙ୍କ ଗୋଦାମରେ ଅନଲୋଡ କରିଥାଏ।